ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK    पर्यवेक्षक

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.276 Bhubaneswar Wednesday December 21 2022 | ୨୫ତମ ବର୍ଷ | ସଂଖ୍ୟା–୨୭୬ | ଭୁବନେଶ୍ୱର, ବୁଧବାର, ଡିସେମ୍ବର ୨୧, ୨୦୨୨ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

## ବିଜେଡି ବିଧାୟକଙ୍କ ଦବଙ୍ଗଗିରି, ମନ୍ତ୍ରୀଙ୍କ ପୁଅଙ୍କୁ ମାଡ

ଭୁବନେଶ୍ୱର,୨୦।୧୨(ପି.ଏନ): ଶାସକ ବିଜେଡିରେ ତୀବ୍ର ଗୋଷ୍ଠୀକନ୍ଦଳ ଏବେ ଦାଣ୍ଡରେ ପଡି ହାଟରେ ଗଡିଲାଣି । ନିଜକୁ ତୃତୀୟ ମହଲାର ଖାସ୍ ଓ ପ୍ରଭାବଶାଳୀ ଗୋଷ୍ଠୀର ଅନୁଗତ ବୋଲି ଦର୍ଶାଇ ପଶ୍ଚିମ ଓଡିଶାର ଜଣେ ବିଧାୟକ ଏବେ ଖୋଲାଖୋଲି ଦାଦାଗିରିକୁ ଓହ୍ଲାଇଛନ୍ତି, ଆଉ ଯାହାଙ୍କ ରୋଷରୁ ତାଙ୍କ ନିଜ ଦଳର ଜଣେ ମହିଳା ମନ୍ତ୍ରୀଙ୍କ ପୁଅ ବାଦ୍ ପଡିନାହାନ୍ତି । ଆଜି ସନ୍ଧ୍ୟାରେ ସମ୍ପୃକ୍ତ ବିଧାୟକଙ୍କ ଅନୁଗତମାନେ କାର ଯୋଗେ ଆସି ମହିଳା ମନ୍ତ୍ରୀଙ୍କ ପୁଅଙ୍କୁ ତାଙ୍କ ନିଜ ଘର ପାଖରେ ମାରପିଟ୍ କରିବାକୁ ପଛାଇ ନାହାନ୍ତି । ଯାହା ଏବେ ପଶ୍ଚିମ ଓଡିଶାରେ ଚର୍ଚ୍ଚା ବିଷୟ ପାଲଟିଛି ।ଚର୍ଚ୍ଚା ହେଉଛି, ପଶ୍ଚିମ ଓଡିଶାର ମହିଳା ମନ୍ତ୍ରୀ ରୀତା ସାହୁଙ୍କ ପୁଅ ସୌରଭ ସାହୁଙ୍କୁ ସୋହେଲାର କିଛି ଯୁବକ ଆଜି ଅପରାହ୍ନରେ ଆସି ମାରପିଟ୍ କରିଛନ୍ତି । ସୌରଭ ଯୁବ ବିଜେଡି ସଂଗଠନ ସହ ଜଡିତ ଓ ନିଜ ମା'ଙ୍କୁ ନିର୍ବାଚନମଣ୍ଡଳୀ କାର୍ଯ୍ୟରେ ସହଯୋଗ ମଧ୍ୟ କରିଥାନ୍ତି । କିନ୍ତୁ ସୋଶାଲ ମିଡିଆରେ ମନ୍ତ୍ରିମଣ୍ଡଳ ଅଦଳବଦଳ ହେବ ଓ ବରଗଡ ଜିଲ୍ଲାର ଜଣେ ବିଧାୟକଙ୍କୁ ପୁଣିଥରେ ମନ୍ତ୍ରିମଣ୍ଡଳରେ ସାମିଲ କରାଯିବ ବୋଲି ହେଉଥିବା ଚର୍ଚ୍ଚାକୁ ସୌରଭ କୁଆଡ? ଖଣ୍ଡନ କରିଥିଲେ । ତାଙ୍କ ମା' ଏବେ ମାତ୍ର



୪ମାସ ପୂର୍ବରୁ ମନ୍ତ୍ରୀ ହୋଇଛନ୍ତି, କାହିଁକି ବାଦ୍ ପଡିବେ ବୋଲି ଜିଲ୍ଲାର କିଛି ଯୁବନେତାଙ୍କ ଆଗରେ ନିଜ ମା'ଙ୍କ ମନ୍ତ୍ରିତ୍ୱ ସପକ୍ଷରେ ଯୁକ୍ତି ବା?ଥିଲେ । ଯାହାକି ସେହି ଜିଲ୍ଲାର ଜଣେ ତଥାକଥିତ ପ୍ରଭାବଶାଳୀ ବିଜେଡି ବିଧାୟକଙ୍କୁ ହଜମ ହୋଇନଥିଲା । ଆଉ ତାଙ୍କର କିଛି ସମର୍ଥକମାନେ ଆସି ସିଧାସଳଖ ସୌରଭଙ୍କ ଉପରେ ଆକ୍ରମଣ କରିଥିବା ଜଣାପଡିଛି । ତେବେ ଆକ୍ରମଣରେ ସୌରଭଙ୍କର କ'ଣ ହୋଇଛି ସେ ସମ୍ପର୍କରେ ବିଶେଷ କିଛି ଜଣାପଡିନି । ତେବେ ଏହି ଆକ୍ରମଣ ଓ ମାରପିଟ୍ ସମ୍ପର୍କରେ ଆନୁଷ୍ଠାନିକ ଭାବେ କେହି କିଛି କହୁନଥିଲେ ମଧ୍ୟ ଉକ୍ତ ଘଟଣାକୁ ନେଇ ମନ୍ତ୍ରୀ ରୀତା ସାହୁ ଚିନ୍ତିତ ଥିବା ସୂଚନା ମିଳିଛି ।ତେବେ ପ୍ରଶ୍ନ ଉଠୁଛି, ଜଣେ ମନ୍ତ୍ରୀଙ୍କ ପୁଅ ଯିଏକି ଶାସକ ବିଜେଡିର ଜଣେ ସକ୍ରିୟ କର୍ମୀ ଭାବେ କାର୍ଯ୍ୟ କରୁଛନ୍ତି ତାଙ୍କୁ ସର୍ବସାଧାରଣରେ ମାରପିଟ୍ କରିବାକୁ ଏହି ଯୁବକମାନେ ସାହାସ କଲେ କେମିତି? କାହା ବଳରେ ସେମାନେ ଏହି ଆକ୍ରମଣ କରିଛନ୍ତି । ଆକ୍ରମଣକାରୀମାନେ ସମସ୍ତେ ସୋହେଲାର ବୋଲି ସ୍ଥାନୀୟ ଲୋକ କହୁଥିଲେ ମଧ୍ୟ ମନ୍ତ୍ରୀଙ୍କ ପୁଅ କିମ୍ବା ତାଙ୍କ ସମର୍ଥକମାନଙ୍କ ପକ୍ଷରୁ ଥାନାରେ ଏପର୍ଯ୍ୟନ୍ତ କାହିଁକି କୌଣସି ମାମଲା ବି ହୋଇନି? ଯେଉଁଠି ମନ୍ତ୍ରୀଙ୍କ ପୁଅ ସୁରକ୍ଷିତ ନୁହେଁ, ସେଠି ସାଧାରଣ ଲୋକେ କେତେ ସୁରକ୍ଷିତ ଥିବେ ତାହା ସହଜରେ ଅନୁମେୟ ।ସୂଚନାଯୋଗ୍ୟ, ଗତ କିଛିବର୍ଷ ଧରି ତୃତୀୟ ମହଲା ଓ ବିଜେଡିର ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଖାସ୍ ସହଯୋଗୀ ଭାବେ ପଶ୍ଚିମ ଓଡିଶାର ସମ୍ପୃକ୍ତ ବିଧାୟକ ବରଗଡ ଜିଲ୍ଲାର ବିଭିନ୍ନ ନିର୍ବାଚନମଣ୍ଡଳୀରେ ମାତ୍ରାଧିକ ହସ୍ତକ୍ଷେପ କରୁଛନ୍ତି । ଏପରିକି ଗତ ପଂଚାୟତ ଓ ପୌର ନିର୍ବାଚନରେ ସମ୍ପୃକ୍ତ ବିଧାୟକ ନିଜର ସହଯୋଗୀମାନଙ୍କୁ ଦଳୀୟ ପ୍ରାର୍ଥୀ କରାଇବାରେ ସକ୍ଷମ ହୋଇଥିଲେ । କିନ୍ତୁ ଉଭୟ ପଂଚାୟତ ଓ ପୌର ନିର୍ବାଚନରେ ସମ୍ପୃକ୍ତ ବିଧାୟକଙ୍କୁ ମୁହଁତୋଡ୍ ଜବାବ ଦେଇ ମନ୍ତ୍ରୀ ଶ୍ରୀମତୀ ସାହୁ ନିଜର ସମର୍ଥକମାନଙ୍କୁ ଜିତାଇ ଆଣିବାରେ ସକ୍ଷମ ହୋଇଥିଲେ। ଏପରିକି ଦଳ ପକ୍ଷରୁ ଗତ ପଦଯାତ୍ରାବେଳେ ସମାନ୍ତରାଳ ଭାବେ ପଦଯାତ୍ରା କରିବାକୁ ମଧ୍ୟ ପଛାଇନଥିଲେ । କିନ୍ତୁ ଜିଲ୍ଲାରେ ଏତେ ବିଶୃଙ୍ଖଳା କରୁଥିବା ସତ୍ତ୍ୱେ ସମ୍ପୃକ୍ତ ବିଧାୟକଙ୍କୁ କିଭଳି ତୃତୀୟ ମହଲା କୋଳରେ ବସାଇ ରଖିଛି ତାକୁ ନେଇ ପ୍ରଶ୍ନ ଉଠିଛି । ଯାହାର ପରିଣାମ ସ୍ୱରୂପ ଆଜି ରାଜ୍ୟ ସରକାରଙ୍କ ଜଣେ ମନ୍ତ୍ରୀଙ୍କ ପୁଅକୁ କିଛି ଅସମାଜିକ ଯୁବକମାନେ ମାରପିଟ୍ କରିବାକୁ ସାହାସ କରିପାରିଛନ୍ତି । ବିଜେଡିର ଏଭଳି ହୀନ ରାଜନୀତିକୁ ବିଭିନ୍ନ ମହଲରେ ନାପସନ୍ଦ କରାଯିବା ସହ ସମ୍ପୃକ୍ତ ବିଧାୟକଙ୍କ ଦବଙ୍ଗଗିରିକୁ ଲଗାମ ଦେବାକୁ ସାଧାରଣରେ ଦାବି ହେଉଛି ।

## ଧାନ କିଣା ଦୁର୍ନୀତି ଓ ଚାଷୀ ସମସ୍ୟା ନେଇ କେନ୍ଦ୍ରମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ବିଜେପି ସାଂସଦ



ଭୁବନେଶ୍ୱର,୨୦।୧୨(ପି.ଏନ): କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ଭେଟିଲେ ଓଡ଼ିଶାର ବିଜେପି ସାଂସଦ। ଧାନ କିଣା ଦୁର୍ନୀତି ଓ ଚାଷୀ ସମସ୍ୟା ନେଇ ହସ୍ତକ୍ଷେପ ଲୋଡ଼ିଲେ। କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିବା ପରେ ସାଂସଦ ବସନ୍ତ ପଣ୍ଡା କହିଛନ୍ତି, ଖରିଫ ଋତୁରେ ୫.୫୪ ଲକ୍ଷ ଏକର ଜମି ଭୂତ ଜମି ବୋଲି ଚିହ୍ନଟ ହୋଇଛି। ଚାଷ ନ ହୋଇ ଚାଷ ହୋଇଥିବା ରିପୋର୍ଟ କଲା କିଏ ବୋଲି ପ୍ରଶ୍ନ କରିଛନ୍ତି ବସନ୍ତ।କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିବା ପରେ ସାଂସଦ ବସନ୍ତ ପଣ୍ଡା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚାଷୀଙ୍କ ଆୟକୁ ଦୁଇଗୁଣା କରିବା ପାଇଁ ନିରନ୍ତର ସମର୍ଥନ ଓ ସହଯୋଗ ଯୋଗାଇ ଆସୁଛନ୍ତି। ସଠିକ୍? ସମୟରେ ଚାଷୀଙ୍କ ଉତ୍ପାଦିତ କୃଷୀ ସାମଗ୍ରୀର ଉଚିତ ମୂଲ୍ୟ ପ୍ରଦାନ କରିବାକୁ ସୁନିଶ୍ଚିତ କରିଛନ୍ତି। ଭାରତ ସରକାରଙ୍କ ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗ ବିକେନ୍ଦ୍ରୀକରଣ କ୍ରୟ ପ୍ରଣାଳୀରେ ସଂଗ୍ରହ ପ୍ରକ୍ରିୟା ଓ ପିଡିଏସ୍ ବଢ଼ାଇ ତୃଣମୂଳ ସ୍ତରରେ ଧାନ କିଣାକୁ ପ୍ରତ୍ସାହନ ଦେଉଛନ୍ତି। ଏହାଦ୍ୱାରା ସ୍ଥାନୀୟ ଚାଷୀମାନେ ଏମ୍ଏସ୍ପିର ଲାଭ ନେଉଛନ୍ତି ।

## ପୁଣି ବଢିବ ରାତ୍ରି ତାପମାତ୍ରା କମିବ ଶୀତ

ଭୁବନେଶ୍ୱର, ୨୦।୧୨(ପି.ଏନ): ଆଗାମୀ ୨ ଦିନ ଯାଏଁ ରାତ୍ରି ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ । ଦୁଇ ଦିନ ପରେ ୨ ରୁ ୩ ଡ଼ିଗ୍ରୀ ଯାଏଁ ରାତ୍ରି ତାପମାତ୍ରାରେ ବୃଦ୍ଧି ସମ୍ଭାବନା ଥିବା ବେଳେ ରାଜ୍ୟରେ ଶୀତର ପ୍ରକୋପ କମିବାର ସମ୍ଭାବନା ରହିଥିବା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରୀ ହୋଇଥିବା ଏକ ଟ୍ୱିଟ୍ ରୁ ଏହି ସୂଚନା ମିଳିଛି।

## ଗଞ୍ଜେଇ ଚାଲାଣ ବେଳେ ଚଢଉ : ୨ ଅଭିଯୁକ୍ତ ଗିରଫ

ଜୟପୁର, ୨୦।୧୨(ପି.ଏନ): ଜୟପୁର ସଦର ପୋଲିସ ଗଞ୍ଜେଇ ଚାଲାଣ ବେଳେ ଚଢଉ କରିଛି । ଚଢଉ କରି ୨ ଜଣଙ୍କୁ ଗିରଫ କରିଛି। ପୋଲିସର ସୂଚନା ଅନୁଯାଇ, ଜୟପୁର ସଦର ଥାନା ଅନ୍ତର୍ଗତ ବାରିଣିପୁଟରେ ପୋଲିସ ଚେକିଂ କରୁଥିବା ବେଳେ ଏକ କାର୍ କୁ ଯାଂଚ୍ କରିଥିଲା । ସେଥିରୁ ୫୨ କେଜି ଗଞ୍ଜେଇ ଜବତ କରିଛି । ଏହି ମାମଲାରେ ୨ ଜଣଙ୍କୁ ଗିରଫ କରିଛି । ଗିରଫ ୨ ଅଭିଯୁକ୍ତ ହେଲେ ଉତର ପ୍ରଦେଶର ରାଜେନ୍ଦ୍ର ଚୌହାନ (୨୯), ନବରଙ୍ଗପୁର ଜିଲା ଉମରକୋଟ ଥାନାର ବାଉଶ ବେଢା ଗ୍ରାମର ଲବ ପାଇକ (୩୦) । ଗଞ୍ଜେଇ, କାର, ୨ଟି ମୋବାଇଲ ଜବତ କରି ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି ।

## ଶ୍ରୀଜୀଉଙ୍କ ଦିବା ପହୁଡ଼ ନୀତି ସମ୍ପନ୍ନ

ପୁରୀ, ୨୦।୧୨(ପି.ଏନ): ଶ୍ରୀମନ୍ଦିରର ପହିଲି ଭୋଗ ନୀତି ଅନୁସାରେ ମଙ୍ଗଳବାର ଶ୍ରୀଜୀଉଙ୍କ ଦିବା ପହୁଡ଼ ନୀତି ଅନୁଷ୍ଠିତ ହୋଇଛି । ଏଥିପାଇଁ ଆଜି ଦ୍ୱିତୀୟ ଭୋଗମଣ୍ଡପ ଅପରାହ୍ନ ୨ଟା ୪୦ ରେ ଆରମ୍ଭ ହୋଇଥିଲା । ଅପରାହ୍ନ ୩ଟା ୧୦ ରେ ମଇଲମ, ୩ଟା ୩୫ ରେ ବେଶ ଶେଷ ହୋଇଥିଲା ।

## ମମିତା ମେହେର ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ଜେଲରେ ଆତ୍ମହତ୍ୟା

ଭୁବନେଶ୍ୱର, ୨୦।୧୨(ପି.ଏନ): ଓଡିଶା ରାଜନୀତିରେ ଚହଳ ପକାଇଥିବା ବହୁଚର୍ଚ୍ଚିତ କଳାହାଣ୍ଡି ଜିଲ୍ଲା ମହାଲିଙ୍ଗ ସନ୍‌ସାଇନ୍ ପବ୍ଲିକ ସ୍କୁଲ୍ ଅଧକ୍ଷା ମମିତା ମେହେର ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ କଂଟାବାଞ୍ଜି ଜେଲରେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ସେ ଜେଲରେ ନିଜ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି। ଏହା ପରେ ତାଙ୍କୁ ଡାକ୍ତରଖାନାକୁ ଅଣା ଯାଇଥିଲେ ସୁଦ୍ଧା ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ମାମଲାରେ କଂଟାବାଞ୍ଜି ଜେଲ ଓ୍ୱାର୍ଡର ଅକ୍ଷୟ କୁମାର ମହାନ୍ତି ଙ୍କୁ ନିଲମ୍ବନ କରାଯାଇଛି। କାର୍ଯ୍ୟରେ ଅବହେଳା ପାଇଁ ସମ୍ବଲପୁର ରେଂଜ ଜେଲ୍ ଡିଆଇଜି ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ଏହି ମାମଲାର କ୍ରାଇମବ୍ରାଂଚ ତଦନ୍ତ ପାଇଁ ପୋଲିସ୍ ଡିଜି ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଓଡିଶା ମାନବାଧିକାର କମିଶନ ନିଜ ଆଡୁ ମାମଲା ରୁଜୁ କରି ୧୫ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷରେ ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଛନ୍ତି ମୃତ ଗୋବିନ୍ଦ ସାହୁଙ୍କ ପତ୍ନୀ। ମୋ ସ୍ୱାମୀଙ୍କୁ ହତ୍ୟା କରାଯାଇଛି ବୋଲି ଗୋବିନ୍ଦ ସାହୁଙ୍କ ପତ୍ନୀ ସୁଷମା ମଙ୍ଗଳବାର ଅପରାହ୍‌ଣରେ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ, ମୋ ସ୍ୱାମୀ ମାନସିକ ଭାବେ ବହୁତ ଶକ୍ତିଶାଳୀ। ସେ ଆତ୍ମହତ୍ୟା କରିବା ମୁଁ ସହଜରେ ଗ୍ରହଣ କରିପାରୁନାହିଁ। ତାଙ୍କୁ ଯୋଜନା ଅନୁସାରେ ହତ୍ୟା କରାଯାଇଛି। ମୋ ସ୍ୱାମୀଙ୍କ ମୃତ୍ୟୁ ପାଇଁ ପ୍ରଶାସନ ଦାୟୀ। ଜେଲରେ କଡ଼ା ସୁରକ୍ଷା ଭିତରେ ଥାଇ ସେ କିପରି ଆତ୍ମହତ୍ୟା କଲେ ? ଏଥି ପାଇଁ ପୁଲିସ ଦାୟୀ। କିଏ କରିଛି ମୁଁ କହି ପାରିବିନି। ଗତକାଲି ୧୧ ଟାରେ ଘରକୁ ଫୋନ କରି ସବୁ ପଚାରିଥିଲେ। ମୋର ନ୍ୟାୟ ଦରକାର ।ସେ କେବେ ଆତ୍ମହତ୍ୟା କରିନାହାନ୍ତି। ତାଙ୍କୁ ପ୍ଲାନ୍ କରି ହତ୍ୟା କରାଯାଇଛି, ଯେଉଁମାନେ ମୋ ସ୍ୱାମୀଙ୍କୁ ରଖିଥିଲେ ସେମାନେ ସୁରକ୍ଷା ଦେଇ ନାହାନ୍ତି। ମୋର ସୁରକ୍ଷା ଦରକାର୍ ବୋଲି ସେ କହିଛନ୍ତି।

## ୭୮ଗ୍ରାମ ବ୍ରାଉନସୁଗାର ଜବତ, ମହିଳା ଗିରଫ

ଖୋର୍ଦ୍ଧା,୨୦।୧୨(ପି.ଏନ):ଖୋର୍ଦ୍ଧା ଅବକାରୀ ବିଭାଗ ବ୍ରାଉନସୁଗାର କାରବାର କରୁଥିବା ଅଭିଯୋଗରେ ଜଣେ ମହିଳାଙ୍କୁ ଗିରଫ କରିବା ସହିତ ତାଠାରୁ ୭୮ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଗିରଫ ମହିଳା ଜଣକ ହେଲେ ବିଜୟ ସେନାପତିଙ୍କ ସ୍ତ୍ରୀ ସୁକାନ୍ତି ସେନାପତି। ସୂଚନା ଅନୁଯାୟୀ ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ବଧା ଶବର ସାହିରେ ବ୍ରାଉନସୁଗର କାରବାର କରୁଥିବା ଏକ ବିଶେଷ ସୂତ୍ରରୁ ଖବର ପାଇ ମଙ୍ଗଳବାର ଚଢ଼ାଉ କରିଥିଲେ ।ତେବେ ଜବତ ବ୍ରାଉନସୁଗାରର ମୂଲ୍ୟ ୭ଲକ୍ଷ ୭୮ହଜାର ଟଙ୍କା ହେବ ବୋଲି ଅବକାରୀ ଅଧିକାରୀ ଭୈରବ ସାହୁ ସୂଚନା ଦେଇଛନ୍ତି।

## କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଚାଷୀ ସମସ୍ୟା ନେଇ କେନ୍ଦ୍ରମନ୍ତ୍ରୀ ପିୟୂଷ ଗୋୟଲଙ୍କୁ ଭେଟିଲେ ବିଜେପି ସାଂସଦ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୦।୧୨(ପି.ଏନ): ଓଡ଼ିଶାରେ କ୍ରମାଗତ ଧାନ କିଣାରେ ଦୁର୍ନୀତି, ମଣ୍ଡି ପରିଚାଳନାରେ ଅବ୍ୟବସ୍ଥା ଓ ଚାଷୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ହସ୍ତକ୍ଷେପ କରିବାକୁ ମଙ୍ଗଳବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଓଡ଼ିଶାର ବିଜେପି ସାଂସଦମାନେ ନୂଆଦିଲ୍ଲୀ ଠାରେ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଂଟନ ମନ୍ତ୍ରୀ ପିୟୂଷ ଗୋୟଲଙ୍କୁ ଭେଟି ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ଏ ନେଇ ସାଂସଦ ବସନ୍ତ ପଣ୍ଡା ସୂଚନା ଦେଇଛନ୍ତି ଯେ, ନକଲି ଚାଷୀ, ଠକ ବେପାରୀମାନେ ମଣ୍ଡି କର୍ମଚାରୀଙ୍କ ସହିତ ଅସାଧୁ ମେଂଟ କରି ଧାନ ବିକ୍ରି ନିମନ୍ତେ ଟୋକନ ହାତେଇବା ସହିତ ସରକାରୀ ଏମଏସପିକୁ ହରିଲୁଟ କରୁଛନ୍ତି । ସାଟେଲାଇଟ ସର୍ଭେ ମାଧ୍ୟମରେ ଜଣାପଡିଛି, ଚଳିତ ଖରିଫ ଋତୁରେ ୫ ଲକ୍ଷ ୫୪ ହଜାର ୬୭୯ ଏକର ଜମି ଭୂତ ଜମି ବୋଲି ଜଣାପଡିଛି । ମାତ୍ର ଏ ବାବଦରେ ୧୭୧୫ କୋଟି ଟଙ୍କାର ଏମଏସପି ସହାୟତା ପାଇବାକୁ ମସୁଧା ହୋଇଛି । ତେବେ ସାଟେଲାଇଟ ସର୍ଭେରେ ଜଣାପଡିଥିବା ଭୂତ ଜମି ରିପୋର୍ଟ କିଏ କଲା ବୋଲି ସେ ପ୍ରଶ୍ନ କରିଛନ୍ତି। ୧୬ ମାର୍ଚ୍ଚ ୨୦୨୧ ଏବଂ ୨୨ ଡିସେମ୍ବର ୨୦୨୨ରେ ଆରଏମଏସି, ମଣ୍ଡି ସୋସାଇଟି ଚାଲିଥିବା ଦୁର୍ନୀତି ଓ ଅବ୍ୟବସ୍ଥା ସମ୍ପର୍କରେ ଆମ ଦଳ ତରଫରୁ ଭାରତ ସରକାରଙ୍କ ବିଭାଗୀୟ ମନ୍ତ୍ରାଳୟକୁ ବିସ୍ତୃତ ସୂଚନା ଦିଆଯାଇଥିଲା। ଏହି ଦୁର୍ନୀତିକୁ ନେଇ କେନ୍ଦ୍ରୀୟ ଟିମ୍ କରିଥିବା ତଦନ୍ତରେ ମଧ୍ୟ ଉକ୍ତ ବିଷୟରେ ମତ ରଖିଥିଲା । ମାତ୍ର ଦୁର୍ଭାଗ୍ୟଜନକ ଭାବେ ରାଜ୍ୟ ସରକାର କେନ୍ଦ୍ରୀୟ ତଦନ୍ତକାରୀ ଟିମ୍ ଦେଇଥିବା ରିପୋର୍ଟ ଓ ପରାମର୍ଶକୁ ଉପେକ୍ଷା କରିଛନ୍ତି, ଯାହା ବର୍ତ୍ତମାନ ରାଜ୍ୟରେ ଚାଲିଥିବା ଧାନ କିଣା ପ୍ରକ୍ରିୟାରେ ହେଉଥିବା ବ୍ୟାପକ ଅବ୍ୟବସ୍ଥା ପରିଲକ୍ଷିତ ହେଉଛି ।ଧାନ କିଣାକୁ ବ୍ୟବସ୍ଥିତ କରିବା ପାଇଁ ଏହାର ସମୟ ସୀମା ରହିଛି ୧୫୧ ଦିନ । ମାତ୍ର ଓଡ଼ିଶାରେ କିଛି ଜିଲ୍ଲାକୁ ଛାଡିଦେଲେ ଡ଼ିସେମ୍ବର ତୃତୀୟ ସପ୍ତାହ ସୁଦ୍ଧା ମଣ୍ଡି ଖୋଲିନାହିଁ । ନିର୍ଦ୍ଧାରିତ ୧୫୧ ଦିନ ସରକାରୀ ଧାନ କିଣା ସମୟ ସୀମା ପରିବର୍ତ୍ତେ ୪୦-୪୩ ଦିନରେ ଧାନ କିଣା ହେବା ଚାଷୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ଅନେକ ଖୋଲାଯାଇନଥିବା ମଣ୍ଡିରେ ବେଆଇନ ଭାବେ ଚାଉଳ ଉଠାଣ ହେଉଛି । ମଣ୍ଡିରେ ଚାଷୀମାନେ ରାତିରେ ନିଜର ଉତ୍ପାଦିତ ସାମଗ୍ରୀକୁ ଜଗି ରହିବାକୁ ପଡୁଛି । ବର୍ତ୍ତମାନ ଶୀତ ସମୟରେ ଚାଷୀମାନଙ୍କ ଯନ୍ତ୍ରଣା କଷ୍ଟଦାୟକ ହୋଇଛି। ମଣ୍ଡି କର୍ତ୍ତୃପକ୍ଷ ଦ୍ୱାରା ଚାଷୀଙ୍କୁ ବିନା ମୂଲ୍ୟରେ ବସ୍ତା ଯୋଗାଇବାର ନିୟମ ରହିଥିବା ବେଳେ ଏହାର ବୀପରିତ ପରିଲକ୍ଷିତ ହେଉଛି । ଚାଷୀମାନେ କ୍ଷେତରୁ ମଣ୍ଡି ପର୍ଯ୍ୟନ୍ତ ତଥା ମିଲରଙ୍କ ପାଖକୁ ଧାନ ନେବା ପାଇଁ ଆର୍ଥିକ ଖର୍ଚ୍ଚ ନିଜେ ଭରଣା କରୁଛନ୍ତି। ଚାଷୀଙ୍କୁ ପ୍ରତି କ୍ୱିଣ୍ଟାଲ ଧାନ ସହ ୬ ରୁ ୮ କିଲୋ ଧାନ ଦଲାଲ ଏବଂ ଏଜେଣ୍ଟଙ୍କୁ ଦେବା ପାଇଁ ବାଧ କରାଯାଉଛି । କଟନୀ-ଛଟନୀ କାରଣରୁ ଚାଷୀମାନେ ଧାନ ଏମଏସପିର ଧାର୍ଯ୍ୟ ମୂଲ୍ୟ କ୍ୱିଣ୍ଟାଲ ପିଛା ୧୯୪୦ ଟଙ୍କା ପାଇବାରୁ ବଞ୍ଚିତ ହେଉଛନ୍ତି । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧିକାରୀ ଏବଂ ମିଲର ମାନଙ୍କ ମଧ୍ୟରେ ଥିବା ଅନୈତିକ କାରବାର ଧାନ କିଣା ସ୍ୱୟଂକ୍ରିୟ ବ୍ୟବସ୍ଥା(ପି-ପାସ)କୁ ପ୍ରହସନରେ ପରିଣତ କରିଛି । ଏହା ଦ୍ୱାରା ଚାଷୀ ମାନଙ୍କ ଠାରୁ ମୁଷ୍ଟିମେୟ ବେପାରୀ ସେମାନଙ୍କ ହକକୁ ଛଡାଇ ନେଉଛନ୍ତି । ଧାନ କିଣା ବ୍ୟବସ୍ଥାକୁ ନିୟନ୍ତ୍ରଣ କରୁଥିବା ମଣ୍ଡି ସେକ୍ରେଟାରୀମାନେ ଧାନ ଉଠୁ ନଥିବା କାରଣ ଭାବେ ମିଲର ମାନଙ୍କୁ ମିଳିନଥିବା ମିଲର ଅଥରିଟି ସ୍ଲିପର ବାହାନା ଦେଉଛନ୍ତି । ମିଲର ଅଥରିଟି ସ୍ଲିପ୍ ମିଳିବା ପରେ ଧାନ କିଣିବା ନିମନ୍ତେ ମିଲର ମାନଙ୍କୁ ଯୋଗାଣ ଅଫିସର ବା ସିଏସଓ ମାନେ ସୋସାଇଟି ଅଥରିଟି ସ୍ଲିପ ପ୍ରଦାନ କରିଥାନ୍ତି । ସିଏସଓଙ୍କୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଧାନ କିଣାଯାଉନଥିବା ବାବଦରେ ଚାଷୀ ଅଭିଯୋଗ କଲେ ଅଧିକାରୀମାନେ ମିଲରଙ୍କ ଉପରେ ଦୋଷ ଲଦୁଛନ୍ତି ବୋଲି ସାଂସଦ ବସନ୍ତ ପଣ୍ଡା କହିଛନ୍ତି । ଏହି ପ୍ରତିନିଧି ମଣ୍ଡଳୀ ମଧ୍ୟରେ ସାଂସଦ ବସନ୍ତ ପଣ୍ଡା, ପ୍ରତାପ ଷଡଙ୍ଗୀ, ସୁରେଶ ପୂଜାରୀ, ସଙ୍ଗୀତା ସିଂଦେଓ, ନିତିଶ ଗଙ୍ଗଦେବ, ଅପରାଜିତା ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ ।

## ୪ଟି ବ୍ୟାଙ୍କ ଆକାଉଣ୍ଟରୁ ୩ କୋଟି, ଆହୁରି ଅଛି ୧୨ ଆକାଉଣ୍ଟ

ଭୁବନେଶ୍ୱର ,୨୦।୧୨(ପି.ଏନ): ଇଡ୍‌କଲ ଡେପୁଟି ମ୍ୟାନେଜର ଗୟା ସାଁତରାଙ୍କ ଅମାପ ସମ୍ପତ୍ତି ଦେଖି ଟେରା ହୋଇଯାଇଛି ଭିଜିଲାନ୍ସ। ଗୟା ସାଁତରା ଓ ତାଙ୍କ ପରିବାର ସଦସ୍ୟଙ୍କ ନାଁରେ ବିଭିନ୍ନ ବ୍ୟାଙ୍କରେ ରହିଛି ୧୬ଟି ଆକାଉଣ୍ଟ। ସେଥିରୁ ୪ଟି ଆକାଉଣ୍ଟର ଯାଞ୍ଚ କରିଛି ଭିଜିଲାନ୍ସ। ଯେଉଁଥିରେ ରହିଛି ୩ କୋଟିରୁ ଅଧିକ ଟଙ୍କା। ଅନ୍ୟ ବ୍ୟାଙ୍କ ଆକାଉଣ୍ଟ ଗୁଡିକୁ ଯାଞ୍ଚ କରୁଛି ଭିଜିଲାନ୍ସ ଟିମ୍?। ଏଥିସହ ଗୟାଙ୍କର ୨ଟି ୪ ଚକିଆ ଓ ୪ଟି ୨ ଚକିଆ ଗାଡ଼ି ରହିଛି। ଯେଉଁଥିରେ ଗୋଟିଏ ହ୍ୟୁଣ୍ଡାଇ କ୍ରେଟା, ଗୋଟିଏ ଗ୍ରାଣ୍ଡ ଆଇ ଟେନ୍ ଠାବ ହୋଇଛି। ସେହିପରି ତାଙ୍କର ଭୁବନେଶ୍ୱର, ଯାଜପୁର ଓ ନୟାଗଡ଼ରେ ୧୩ଟି ପ୍ଲଟ ଠାବ ହୋଇଛି। ଗୟା ସାଁତରାଙ୍କ ୨ଟି ବହୁତଳ କୋଠା ମଧ୍ୟ ଠାବ କରିଛି ଭିଜିଲାନ୍ସ। ଏବେ ମଧ୍ୟ ସର୍ଚ୍ଚ



ଅପରେସନ୍? କରୁଛି ଭିଜିଲାନ୍ସ ।ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗୟା ସାଁନ୍ତରାଙ୍କ ଘର, ପୈତୃକ ବାସଭବନ ଓ ତାଙ୍କ ସମ୍ପର୍କୀୟଙ୍କ ଘରେ ଚଢ଼ଉ କରିଥିଲା ଭିଜିଲାନ୍ସ। ଭୁବନେଶ୍ୱର, କୋରାପୁଟ, ରାୟଗଡା, ନୟାଗଡ ସମେତ ୭ଟି ସ୍ଥାନରେ ଏହି ଚଢଉ ଚାଲିଥିଲା। ଭିଜିଲାନ୍ସ ବିଭାଗର ଜଣେ ଡେପୁଟି ଏସ୍‌ପି, ୪ଜଣ ଇନ୍ସପେକ୍ଟର, ଜଣେ ସବ୍ ଇନ୍ସପେକ୍ଟର ଓ ୭ଜଣ ଏଏସ୍ଆଇ ଏହି ଚଢ଼ଉରେ ସାମିଲ ଥିଲେ।

## ବଢୁଛି କରୋନା ସଂକ୍ରମଣ: ରାଜ୍ୟଗୁଡିକୁ ଏମିତି ନିର୍ଦ୍ଦେଶ ଦେଲେ କେନ୍ଦ୍ର ସରକାର

ନୂଆଦିଲ୍ଲୀ,୨୦।୧୨(ପି.ଏନ): ଚାଇନା ସମେତ ଏକାଧିକ ଦେଶରେ ପୁଣିଥରେ ମହାମାରୀ କରୋନା ତା'ର କାୟା ବିସ୍ତାର କରିବା ଆରମ୍ଭ କରିଛି। ଏହାକୁ ଦୃଷ୍ଟିରେ ରଖି ଆଜି କେନ୍ଦ୍ର ସରକାର ରାଜ୍ୟଗୁଡିକୁ ସ୍ୱତନ୍ତ୍ର ନିର୍ଦ୍ଦେଶ ଦେଇଛନ୍ତି। କରୋନାର ଭ୍ୟାରିଏଣ୍ଟଗୁଡିକ ଉପରେ ନଜର ରଖିବାକୁ ରାଜ୍ୟଗୁଡିକୁ କୁହାଯାଇଛି। ଏଥିସହ ଜେନୋମ ସିକ୍ୱେନ୍ସିଂ ପାଇଁ ତତ୍କାଳ ଭାବେ ପଜିଟିଭ ଚିହ୍ନଟ ହେଉଥିବା ଲୋକଙ୍କ ନମୁନା ଲ୍ୟାବକୁ ପଠାଇବାକୁ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ରାଜ୍ୟ ସରକାରମାନଙ୍କୁ କହିଛନ୍ତି ।ମନ୍ତ୍ରଣାଳୟ ପକ୍ଷରୁ ଏନସିଡିସି ଓ ଆଇସିଏମଆରକୁ ମଧ୍ୟ ଚିଠି ଲେଖିଛି। ଜାପାନ, ଆମେରିକା, ଚାଇନା, କୋରିଆ ଓ ବ୍ରାଜିଲରେ ସଂକ୍ରମଣ ବ?ୁଛି। ତେଣୁ ଏନସିଡିସି ଓ ଆଇସିଏମଆର ସ୍ଥିତି ଉପରେ ନଜର ରଖିବାକୁ ମନ୍ତ୍ରଣାଳୟ କହିଛି ।ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତିରେ ସଚିବ ରାଜେଶ ଭୂଷଣ କହିଛନ୍ତି, ବର୍ତ୍ତମାନ ସ୍ଥିତିରେ ପଜିଟିଭ ଚିହ୍ନଟ ହେଉଥିବା ଆକ୍ରାନ୍ତଙ୍କ ଜେନୋମ ସିକ୍ୱେନ୍ସିଂ ଅତ୍ୟନ୍ତ ଜରୁରୀ। ଏହାଦ୍ୱାରା କରୋନାର ଭ୍ୟାରିଏଣ୍ଟଗୁଡିକୁ ଠିକଣା ସମୟରେ ଚିହ୍ନଟ କରାଯାଇପାରିବ। ଭାରତୀୟ ସାର୍ସ କୋଭ-୨ ଜେନୋମିକ କନସୋରିଟଅମ (ଆଇଏନଏସଏସିଓଜି) ନେଟୱର୍କ ଦ୍ୱାରା ଭ୍ୟାରିଏଣ୍ଟକୁ ଟ୍ରାକ କରିବାକୁ ହେବ ।ଦେଶରେ ନୂଆ ଭାରିଏଣ୍ଟ ପ୍ରବେଶ କରିଛି କି ନାହିଁ, ସେକଥା ଜାଣିବା ପାଇଁ ତୁରନ୍ତ ଏହି କାର୍ଯ୍ୟକ୍ରମକୁ ଆରମ୍ଭ କରାଯିବା ଦାରକାର। ସ୍ଥିତିକୁ ଦେଖି ଉପଯୁକ୍ତ ସ୍ୱାସ୍ଥ୍ୟ ଜନିତ ପଦକ୍ଷେପ ନେଇ ହେବ। ତେଣୁ ସମସ୍ତ ରାଜ୍ୟ ଯଥା ସମ୍ଭବ ପଜିଟିଭ କେସ୍?ଗୁଡିକର ନମୁନା ଉପଯୁକ୍ତ ଲ୍ୟାବକୁ ଜେନୋମ ସିକ୍ୱେନ୍ସିଂ ପାଇଁ ପଠାଇବାକୁ ସେ କହିଛନ୍ତି ।ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବ ଓ ସ୍ୱାସ୍ଥ୍ୟ ସଚିବମାନଙ୍କୁ ଚିଠି ଲେଖି ବର୍ତ୍ତମାନ ସମୟରେ ଲୋକମାନେ ସଂକ୍ରମିତ ହେଉଥିବା ଭ୍ୟାରିଏଣ୍ଟର ଟ୍ରେଣ୍ଡ କ'ଣ ରହିଛି, ତା'ର ସମୀକ୍ଷା କରିବାକୁ ମଧ୍ୟ ସେ କହିଛନ୍ତି।



## ମନରେଗା ଯୋଜନା ରାସ୍ତା ନିର୍ମାଣରେ ଅନୀୟମିତତା ଅଭିଯୋଗର ତଦନ୍ତ

ଭଦ୍ରକ, ୨୦।୧୨(ପି.ଏନ): ଏହି ଜିଲାର ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ଗ୍ରାମରେ ମନରେଗା ଯୋଜନା ରାସ୍ତା ନିର୍ମାଣରେ ବ୍ୟାପକ ଘୋଟାଲା ହୋଇଥିବା ଅଭିଯୋଗର ଅନୁଧ୍ୟାନ ମଙ୍ଗଳବାର ହୋଇଛି। ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରିୟଙ୍କା ତ୍ରିପାଠୀଙ୍କ ନେତୃତ୍ୱରେ କନିଷ୍ଠ ଯନ୍ତ୍ରୀ ସତ୍ୟନାରାୟଣ ପାତ୍ର, ପର୍ଶୁରାମ ଦୀକ୍ଷତ, ଆଶିଷ ରାଉତ ପ୍ରମୁଖ ଷୋଳମପୁର ଗ୍ରାମରେ ରାସ୍ତାକାର୍ଯ୍ୟ ଅନୁଧ୍ୟାନ କରିଥିଲେ। 'ଷୋଳମପୁର ବାଟମଙ୍ଗଳା ମନ୍ଦିର ଠାରୁ ରଘୁନାଥପୁର ହରିଜନସାହି ଭାୟା ମହେନ୍ଦ୍ର ନାୟକ ଘର ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ' ପ୍ରକଳ୍ପ ମନରେଗା ଯୋଜନାର ୨୦୨୦-୨୧ ଅର୍ଥୀକ ବର୍ଷରେ ପଂଚାୟତ ସମିତି ପ୍ରକଳ୍ପ କୋଡ ନଂ '୨୪୧୭୦୦୩/ଆର.ସି./୧୦୪୪୬୧୦୨' ୭ଲକ୍ଷ ଟଙ୍କା ଅଟକଳରେ ମଞ୍ଜୁର ହୋଇଥିଲା। ଏହି ରାସ୍ତାର ଦୈର୍ଘ୍ୟ ପ୍ରାୟ ୭ଶହ ମିଟର ହେବ। ନଥିପତ୍ର ଅନୁଯାୟୀ ପ୍ରକଳ୍ପର କାର୍ଯ୍ୟ ୨୦୨୧ ମସିହା ଜାନୁୟାରୀ ୧୦ ତାରିଖରେ ଆରମ୍ଭ ଓ ଶେଷ ମାର୍ଚ୍ଚ ୧୫ ତାରିଖରେ ହୋଇଥିବା ଦର୍ଶାଯାଇଛି। ବାଟମଙ୍ଗଳା ଠାରୁ ପ୍ରାୟ ୧୫୦ ମିଟର କାର୍ଯ୍ୟ ହେବା ପରେ ମଝିରେ ଛୋଟ ଛୋଟ ଅଂଶ କାର୍ଯ୍ୟ ହୋଇଥିଲା। ଯାହାର ବାସ୍ତବ ଖର୍ଚ୍ଚ ଦେଢ ଲକ୍ଷ ଟଙ୍କା ହେବ ବୋଲି କୁହାଯାଇଥିଲା। ତେବେ ୧୪ଟି ପର୍ଯ୍ୟାୟରେ ପ୍ରକଳ୍ପର ବିଲ କରାଯାଇ ମୋଟ ୫ଲକ୍ଷ ୯୧ ହଜାର ୩୫୪ଟଙ୍କା ମଜୁରୀ ପୈଠ କରାଯାଇଥିଲା। ପୁନଶ୍ଚ ୨୦୨୧-୨୨ଆର୍ଥୀକ ବର୍ଷରେ ପଂଚାୟତ ଏସ.ଏଫ.ସି. ପାଣ୍ଠିରୁ ଏହି ପ୍ରକଳ୍ପ ପାଇଁ ୨ଲକ୍ଷ ଟଙ୍କା ବିଲ୍ ପୈଠ କରାଯାଇଛି। ଏହି ସମାନ ରାସ୍ତା ନିର୍ମାଣ ପ୍ରକଳ୍ପ ପାଇଁ ମନରେଗା ଯୋଜନାରେ ୨୦୨୧-୨୨ ଆର୍ଥୀକ ବର୍ଷରେ ୨ୟ ପର୍ଯ୍ୟାୟରେ ନୂତନ ପଂଚାୟତ ସମିତି ପ୍ରକଳ୍ପ କୋଡ ନଂ '୨୪୧୭୦୦୩/ଆର.ସି./୧୦୪୬୬୪୯୪' ହୋଇ ୬ ଲକ୍ଷ ଟଙ୍କା ଅଟକଳରେ ମଞ୍ଜୁର ହୋଇଥିଲା। ମାତ୍ର ମୁଠାଏ ମାଟି ପଡିନଥିଲା। ଏହି ପର୍ଯ୍ୟାୟରେ ଶ୍ରମିକ ମଜୁରୀ ଓ ସାମଗ୍ରୀ ମୂଲ୍ୟକୁ ମିଶାଇ ମୋଟ ୨ଲକ୍ଷ ୯୨ ହଜାର ୫୦୮ଟଙ୍କା ବିଲ ପ୍ରଥମ ଦଫାରେ ଓ ୨ୟ ଦଫାରେ ଚଳିତ ନଭେମ୍ବର ମାସ ୨୫ ତାରିଖରେ ୪୭ହଜାର ୯୫୨ଟଙ୍କା ବିଲ ପୈଠ କରାଯାଇଛି। ମୋଟ ୪ ପର୍ଯ୍ୟାୟରେ ୧୨ଲକ୍ଷ ୨୫ହଜାର ୧୦ଟଙ୍କା ଖର୍ଚ୍ଚ ସରିଛି। ହେଲେ ରାସ୍ତାର ଚିହ୍ନବର୍ଣ୍ଣ ନାହିଁ। ଏଭଳି ମିଥ୍ୟା ବିଲର ସୂତ୍ରଧର କନିଷ୍ଠ ଯନ୍ତ୍ରୀ ମନୋଜ ମିଶ୍ର ଓ ଗ୍ରାମ ରୋଜଗାର ସେବକ ବିଶ୍ୱମ୍ଭର ମହାନ୍ତି ବୋଲି ଜିଲ୍ଲାପାଳଙ୍କ ଜନଶୁଣାଣୀ ଶିବିରରେ ଗତ ସୋମବାର ଅଭିଯୋଗ କରାଯାଇଥିଲା। ଜିଲ୍ଲାସ୍ତରୀୟ ତଦନ୍ତ ହେବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଏଥିପୂର୍ବରୁ ବ୍ଲକ ପ୍ରଶାସନ ପକ୍ଷରୁ ଅନୁଧ୍ୟାନ ହୋଇଥିଲା।








# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ'ଣକ'ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ଓହାୟୋର କଲମ୍ବସ ନିକଟସ୍ଥ ଚିଡିଆଖାନାରେ ବନ୍ଦୀ ଅବସ୍ଥାରେ ପ୍ରଥମ ଗରିଲା କୋଲୋରା ଜନ୍ମଲାଭ କରିଥିଲା(୧୯୫୬)

❖ ଆଫଗାନିସ୍ତାନର ମଧ୍ୟବର୍ତ୍ତିକାଳୀନ ସରକାରର ମୁଖ୍ୟ ବୁରାହନୁଦ୍ଦିନ ରବ୍ବାନୀ ରାଷ୍ଟ୍ରପତି ହମିଦ କାରଜାଇଙ୍କୁ କ୍ଷମତା କ୍ଷମତା ହସ୍ତାନ୍ତର କରିଥିଲେ(୨୦୦୧)

❖ ହଡସନ ନଦୀ ଉପରେ ନିର୍ମି ତ ଲିଙ୍କନ ଟନେଲ

❖ ସର୍ବସାଧାରଣଙ୍କ ଯାତାୟତ ପାଇଁ ଖୋଲା ଯାଇଥିଲା(୧୯୩୭)

❖ ବର୍ଲିନର ବ୍ରାଣ୍ଡେନବର୍ଗ ଗେଟ ଖୋଲିଥିଲା, ଏହା ଦୀର୍ଘ ୩୦ ବର୍ଷ ପର୍ଯ୍ୟନ୍ତ ବନ୍ଦ ହୋଇ ରହିଥିଲା(୧୯୮୯)

# ପୁରାଣ କାହାଣୀ

## ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ। ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହିଁ। ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି। ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ। ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ। ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ। ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ। ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ। ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶ୍ରୁତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ। ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ। ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ। ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ। ଶୈଶବରେ ସେ "ରସାନନ୍ଦ ଜେନା" ନାମରେ ପରିଚିତ ଥିଲେ। ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ। ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା। ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ। ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। କିଛି ବର୍ଷ ପରେ, ସେ ସ୍କୁଲ ସବ୍ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ। ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା। ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ। କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା। ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ। ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ। ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ "ପଲ୍ଲୀ ଚିତ୍ର" ନାମରେ କବିତାର ରୂପ ଦେଇଥିଲେ। ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ। ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ "ନାନା ବାୟା ଗୀତ" ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ। ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି। ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ। ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି।

## ରଣବୀର-କ୍ୟାଟ୍ରିନାଙ୍କୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ 'ଜଗା ଜାସୁସ୍'ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି। ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି। ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି। ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି। ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ। ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ। ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ। ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା'ନ୍ତା। ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା। ତେଣୁ ଏହାର ରିଲିଜ ଡେଟ୍କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି।

## ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ। ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍ଏମ୍ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା'ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ବିଲେଇଙ୍କୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇଙ୍କୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା। ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇଙ୍କୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି। ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି। ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା। ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା। ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି। ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା। ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି। ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି।

## ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚା ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।




# ହତ୍ୟା ଅପରାଧ ଓ ପୋଲିସ ନିଷ୍କ୍ରିୟତା

------ଗଙ୍ଗାଧର ସାମଲ------

ହତ୍ୟା ଅପରାଧା ପରି ଅତ୍ୟନ୍ତ ଜଘନ୍ୟ ମାମଲାରେ ଅନେକ ସମୟରେ ପୋଲିସର ନିଷ୍କ୍ରିୟତା ନେଇ ଅଭିଯୋଗ ଉଠିଥାଏ। ଏହା ତତ୍କାଳୀନ ସମୟରେ ପରିସ୍ଥିତିକୁ ସରଗରମ କରିଥାଏ ଏବଂ କେତେକ କ୍ଷେତ୍ରରେ ଏହି ମାମଲାକୁ ନେଇ ଅନ୍ୟ ଏକ ଆଇନ ଶୃଙ୍ଖଳ ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଥାଏ। କଟକ-ଭୁବନେଶ୍ୱରର ପୁଲିସ କମିଶନର ଇନ୍‌ଫୋସିଟି ଥାନାର ଇନ୍ସପେକ୍ଟରଙ୍କୁ ବର୍ଷକ ଯାଏ କୌଣସି କ୍ଷେତ୍ରରେ ନିଯୁକ୍ତି ଦେବେ ନାହିଁ। ଏହି ଅଧିକାରୀଙ୍କୁ ସମ୍ବେଦନଶୀଳ ହେବା ପାଇଁ ମାସକ ପାଇଁ ବିଜୁ ପଟ୍ଟନାୟକ ରାଜ୍ୟ ପୁଲିସ ଏକାଡ଼େମୀକୁ ପଠେଇବା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ। ପୁଲିସ ଡେପୁଟି କମିଶନର ସମସ୍ତ ଚାପକୁ ଏଡ଼ାଇ, ନିଜେ ବ୍ୟକ୍ତିଗତ ଭାବରେ, ଏହି ମାମଲାର ତଦନ୍ତକୁ ତଦାରଖ କରିବେ ଏବଂ ଚୂଡ଼ାନ୍ତ ରିପୋର୍ଟ ତିନି ମାସ ମଧ୍ୟରେ ପ୍ରଦାନ କରିବେ ଏହା ମାନ୍ୟବର ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ। କୋର୍ଟ ଆହୁରି ମଧ୍ୟ କହିଛନ୍ତି ପୁଲିସ ଦେଖାଇଥିବା ନିଷ୍କ୍ରୀୟତା ନିନ୍ଦନୀୟ। ଯଦି ଅଭିଯୋଗରେ ସାମାନ୍ୟତମ ସତ୍ୟତା ଥାଏ ପୁଲିସର ଏଭଳି କଳଙ୍କିତ କାର୍ଯ୍ୟ ଅତ୍ୟନ୍ତ ତିରସ୍କାର ଯୋଗ୍ୟ। ପୁଲିସର ମୁଖ୍ୟ ଉଦ୍ଦେଶ୍ୟ ହେଲା ସମାଜର ଅବାଞ୍ଛନୀୟ ତତ୍ତ୍ୱଙ୍କଠାରୁ ନାଗରିକଙ୍କୁ ସୁରକ୍ଷା ପ୍ରଦାନ କରିବା। ଏଫଆଇଆର ପଞ୍ଜୀକରଣରେ ବିଳମ୍ବକୁ ନେଇ ଏବେ ଯେଉଁ ବ୍ୟାପକତା ଦେଖାଯାଉଛି, ତାହା ବ୍ୟବସ୍ଥାର ଆଳସ୍ୟକୁ ଦର୍ଶାଉଛି, ଯାହା ଦୁର୍ଭାଗ୍ୟଜନକ। ମାନ୍ୟବର ହାଇକୋର୍ଟଙ୍କ ଏଭଳି ମନ୍ତବ୍ୟ କ'ଣ ପାଇଁ?

ଆନନ୍ଦ କୁମାର ନାମକ ଜଣେ ୨୮ ବର୍ଷୀୟ ଯୁବକଙ୍କ ମୃତଦେହ ୨୦୨୨ ଫେବୃଆରୀ ୨୮ ତାରିଖ ଦିନ ବିରେନ୍ଦ୍ର ଲାକ୍ରାଙ୍କ ଭୁବନେଶ୍ୱର ଘରୁ ମିଳିଥିଲା। କୁହାଯାଇଥିଲା ଯେ, ଏହି ମୃତ୍ୟୁ ଏକ ସ୍ୱାଭାବିକ ମୃତ୍ୟୁ ଥିଲା। କିନ୍ତୁ ମୃତ ଆନନ୍ଦଙ୍କ ପିତା ବନ୍ଧନ ଟପ୍ପୋ ଅଭିଯୋଗ ଆଣିଥିଲେ ଯେ ତାଙ୍କ ପୁତ୍ରଙ୍କୁ ହତ୍ୟା କରାଯାଇଛି। ଏଥିରେ ବିରେନ୍ଦ୍ର ଓ ସହଯୋଗୀଙ୍କ ହାତରେ ଥିବା ଅଭିଯୋଗ କରି ସେ ଇନ୍‌ଫୋସିଟି ଥାନାରେ ମାର୍ଚ୍ଚ ୧ ତାରିଖରେ ଏଫଆଇଆର ଦାଖଲ କଲେ, ଯାହାକୁ ସେହି ଥାନାରେ ପଞ୍ଜୀକୃତ କରାଗଲା ନାହିଁ। ଆନନ୍ଦଙ୍କ ବାପା ଏପ୍ରିଲ ୧ ତାରିଖରେ ଆଉ ଥରେ ସେହି ଥାନାରେ ଲିଖିତ ଅଭିଯୋଗ କଲେ। ପୁଲିନ ପୁନର୍ବାର ଅଭିଯୋଗ ଦାଖଲ କଲେନାହିଁ। ବନ୍ଧନ ଟପ୍ପୋ ପୁଲିସ ଡେପୁଟି କମିଶନର ଓ କମିଶନରଙ୍କୁ ଲିଖିତ ଅଭିଯୋଗ ଦେଲେ ତା'ପରେ। କାର୍ଯ୍ୟାନୁଷ୍ଠାନ ଶୂନ। ସେ ମାନବ ଅଧିକାର ଆୟୋଗଙ୍କୁ ମଧ୍ୟ ଅଭିଯୋଗ ଦେଲେ, କିଛି ହେଲାନାହିଁ। ଅଗତ୍ୟା ସେ ଅକ୍ଟୋବର ମାସରେ ହାଇକୋର୍ଟରେ ମାମଲା ଦାଖଲ କରି ନିର୍ଦ୍ଦେଶ ଚାହିଁଲେ। ଏହି ମାମଲା ଉପରେ ଇନ୍‌ଫୋସିଟି ଥାନା ଅଧିକାରିଣୀ ସମିତା ମିଶ୍ରଙ୍କୁ ବ୍ୟକ୍ତିଗତ ହାଜିରା ପାଇଁ ମାନ୍ୟବର ହାଇକୋର୍ଟ ନିର୍ଦ୍ଦେଶ ଦେଲେ। ନଭେମ୍ବର ୨୩ ତାରିଖରେ ଥାନା ଅଧିକାରିଣୀଙ୍କ ବ୍ୟକ୍ତିଗତ ହାଜିରା ପର୍ଯ୍ୟନ୍ତ ଭୁବନେଶ୍ୱର ପୁଲିସ ନାହିରେ ତେଲ ଦେଇ ଶୋଇଲା। ବ୍ୟକ୍ତିଗତ ହାଜିରାର ଦିନକ ପରେ ଅର୍ଥାତ୍ ନଭେମ୍ବର ୨୪ ତାରିଖରେ ଥାନା ବିରେନ୍ଦ୍ର ଲାକ୍ରାଙ୍କ ବିରୋଧରେ ହତ୍ୟା ଅଭିଯୋଗକୁ ଗ୍ରହଣ କରି ପଞ୍ଜୀକୃତ କଲା।

ପୁଲିସ କ'ଣ ଏଭଳି କରିବା ପାଇଁ କ୍ଷମତା ଓ ଅନୁମତି ପ୍ରାପ୍ତ? ବାରମ୍ବାର ସୁପ୍ରିମକୋର୍ଟ ଲଳିତା କୁମାରୀ-ବନାମ-ଉତ୍ତର ପ୍ରଦେଶ ସରକାର ଭଳି ଅନେକ ମାମଲାରେ ନିର୍ଦ୍ଦେଶ ଦେଇଛନ୍ତି ଯେ ଅପରାଧୀକ ପ୍ରକ୍ରିୟା ସଂହିତା, ୧୯୭୩ (କୋଡ୍ ଅଫ କ୍ରିମିନାଲ ପ୍ରସିଡିୟର)ର ଧାରା ୧୫୪ ଅନୁଯାୟୀ କୌଣସି ପୀଡ଼ିତ ବ୍ୟକ୍ତି ଥାନାରେ ଏଫଆଇଆର ଦାଖଲ କଲେ, ଏହାର ପଞ୍ଜିକରଣ ବାଧ୍ୟତାମୂଳକ ଅଟେ। କୌଣସି ପୁଲିସ ଅଧିକାରୀ ଏଭଳି ଅଭିଯୋଗ ଆୟୋଗ, ଜାତୀୟ ସଂଖ୍ୟାଲଘୁ ଆୟୋଗ ଏବଂ ଜାତୀୟ ମହିଳା ଆୟୋଗ ମଧ୍ୟ ବାରମ୍ବାର ଏଥିପାଇଁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ମଧ୍ୟ ୧୦ ମେ, ୨୦୧୩ ପରେ ୫ ଫେବୃଆରୀ, ୨୦୧୪ ଏବଂ ୧୨ ଅକ୍ଟୋବର, ୨୦୧୫ରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସରକାରଙ୍କୁ ନିର୍ଦ୍ଦେଶନାମା ଦେଇ ପରାମର୍ଶ ଦେଇଛନ୍ତି ଯେ, କୌଣସି ଭେଦଭାବ ପାତରଅନ୍ତର ବିନା ଯେ କୌଣସି ବ୍ୟକ୍ତି ଅଫଆଇଆର ଦେବାକୁ ଆସିଲେ, ତାଙ୍କଠାରୁ ଏଫଆଇଆର ଗ୍ରହଣ କରାଯାଇ ତ୍ୱରିତ ଭାବରେ ପଞ୍ଜୀକରଣ କରାଯିବ। ତେଣୁ ଜଣେ ଯୁବ ସନ୍ତାନଙ୍କ ମୃତ୍ୟୁର ଅଭିଯୋଗ ନେଇ ଥାନାକୁ ଯାଇଥିବା ପିତାଙ୍କର ଅଭିଯୋଗ ରଖାଗଲା ନାହିଁ କାହିଁକି ଓ ପଞ୍ଜୀକୃତ ହେଲାନାହିଁ କାହିଁକି?

ସମସ୍ୟାଟି ଏଇଟି ଅଛି। ଓଡ଼ିଶାରେ ସବୁ ବିଶ୍ୱସ୍ତରୀୟ, ପୁଲିସକୁ ନେଇ ସନ୍ଦେହର ଅବକାଶ ନାହିଁ। ଯଦି ଓଡ଼ିଶାର କୌଣସି ସଂସ୍ଥା ନୋବେଲ ଶାନ୍ତି ପୁରସ୍କାର ପାଇବା ପାଇଁ ଯୋଗ୍ୟ, ତେବେ ତାହା ହେଉଛି ଓଡ଼ିଶା ପୁଲିସ। ମହିଳା ନିର୍ଯାତନା, ଦୁଷ୍କର୍ମ, ହତ୍ୟା, ରାଜନୈତିକ ହିଂସା, ସାଇବର ଠକେଇ, ଯୌନ ଅପରାଧ ଆଦି କ୍ଷେତ୍ରରେ ଓଡ଼ିଶାର ରେକର୍ଡ଼ ତ ଜାତୀୟ ଅପରାଧ ପଞ୍ଜୀକରଣ ବ୍ୟୁରୋର ତଥ୍ୟରୁ ସ୍ପଷ୍ଟ। ଏହି ମାମଲାରେ ମଧ୍ୟ ଯାହାଙ୍କ ବିରୋଧରେ ହତ୍ୟାର ଅଭିଯୋଗ, ସେ ଜଣେ ପୁଲିସ ଡିଏସପି। ଅବଶ୍ୟ ପରୀକ୍ଷା ଦେଇ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇ ସେ ଡେପୁଟି ସୁପରିନଟେଣ୍ଡେଣ୍ଟ ହୋଇନାହାଁନ୍ତି। ଲାକ୍ରା ମହୋଦୟ ହକି ଖେଳୁଥିଲେ। ପ୍ରତିଷ୍ଠା ଥିଲେ। ସରକାର ତାଙ୍କ ଅବଦାନକୁ ଦୃଷ୍ଟିରେ ରଖି ତାଙ୍କୁ ସିଧାସଳଖ ଡିଏସପି ପଦରେ ନିଯୁକ୍ତି ଦେଲେ। ପରେ ପରେ ମହାଶୟ ହତ୍ୟା ମାମଲାରେ ଛନ୍ଦି ହୋଇଗଲେ। ଦୟା, ଅନୁକମ୍ପା ବା ସରକାରୀ କୃପାରୁ ଚାକିରି ପାଇଥାନ୍ତୁ ପଛେ, ଏବେ ତ ପୁଲିସ ବଡ଼ବାବୁ। ତାଙ୍କ ନାମରେ ଅଭିଯୋଗ ହେଲେ, ଅପରାଧ ପଞ୍ଜୀକୃତ ହେବ କି? ଏଭଳି ଗଣତନ୍ତ୍ର ତ ଦେଶରେ ଏ ପର୍ଯ୍ୟନ୍ତ ଆସିନାହିଁ। ଜଣେ ସାଧାରଣ ଲୋକର ମୃତ୍ୟୁ ହେଲା। ପ୍ରତିଦିନ କେତେ ଲୋକ ମରୁଛନ୍ତି। ବଡ଼ କଥାଟି କ'ଣ ହେଲା? ଜଣେ ସେଲିବ୍ରିଟି, କୀର୍ତ୍ତିମାନ, ପୁଲିସ ବଡ଼ବାବୁଙ୍କୁ ପୁଣି ଅଭିଯୁକ୍ତ କରାଯିବ? ଆସୁ ପଛେ ହତ୍ୟା ବା କାହାର ପ୍ରାଣ ନେବାର ଅଭିଯୋଗ!!! ତେଣୁ ବନ୍ଧନ ଟପ୍ପୋ ବାର ଦୁଆର ଶୁଣିପିଣ୍ଡା ହେଉଛନ୍ତି। ନିରୀହ, ଜନଜାତିର ବ୍ୟକ୍ତି ସେ ଏମିତି ତ ସରକାରଙ୍କର ଜନଜାତିଙ୍କ ପ୍ରତି ସମ୍ବେଦନା କୁନ୍ଦୁଲି, କଳିଙ୍ଗନଗର, ଗୁମୁଡୁମାହା ଆଦି ଘଟଣାରୁ ସୁସ୍ପଷ୍ଟ। ଟପ୍ପୋ ହୁଏତ ଜାଣି ବି ନଥିବେ ଯେ ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ତତ୍କାଳୀନ ପଞ୍ଜାବ ପୁଲିସ ମହାନିର୍ଦ୍ଦେଶକ ଅତ୍ୟନ୍ତ ପ୍ରଭାବଶାଳୀ କେ.ପି.ଏସ ଗିଲ ଦଣ୍ଡିତ ହୋଇଥିଲେ। କ୍ରିକେଟ ତାରକା, ରାଜନୀତିଜ୍ଞ ନବଜୋତ ସିଂ ସିଦ୍ଧୁ ହତ୍ୟା ଅପରାଧରେ ଦଣ୍ଡିତ ହୋଇ ଏବେ ଜେଲରେ ଅଛନ୍ତି। ଅଲିମ୍ପିକ ପଦକ ପ୍ରାପ୍ତ ପହିଲବାନ ସୁଶୀଲ କୁମାର ମଧ୍ୟ ହତ୍ୟା ଅଭିଯୋଗରେ ଜେଲରେ ଅଛନ୍ତି। ପ୍ରାୟ ସମସ୍ତ ମାମଲାରେ ପୁଲିସର ଭୂମିକା ସନ୍ଦେହଜନକ ହୋଇଥିଲେ ମଧ୍ୟ ଅଦାଲତମାନେ ନ୍ୟାୟ କରିଛନ୍ତି।

ଇନଫୋସିଟି ଥାନା ଅଧିକାରିଣୀଙ୍କୁ ଅପେକ୍ଷାକୃତ କମ ଦଣ୍ଡ ଦେଇଛନ୍ତି ମାନ୍ୟବର ହାଇକୋର୍ଟ। ଚାହିଁଥିଲେ ଜେଲ ଦଣ୍ଡାଦେଶ ଦେଇପାରିଥାନ୍ତେ। ବର୍ଷେ ଥାନାରେ ନିଯୁକ୍ତି ନ ପାଇ, ତାଲିମ ନେଲାପରେ, ତାଙ୍କ ପ୍ରକୃତି ବଦଳିଯିବ ବୋଲି ଭାବିବା ଖୁବ ଅଧିକ ପ୍ରତ୍ୟାଶା ହେବ। ବ୍ୟକ୍ତିଗତ ଭାବରେ ହାଇକୋର୍ଟ ସମ୍ମୁଖରେ ହଜାର ହେବା ପର୍ଯ୍ୟନ୍ତ ମାମଲା ଦାଏର କରି ନଥିଲେ ସେ। ଏତେ ଅଧିକ ଆସ୍ପର୍ଦ୍ଧା ଓ ସାହସ କିନ୍ତୁ ଟପ୍ପୋ ଅଭିଯୋଗ କରିଛନ୍ତି ଯେ, ଡିସିପି ଓ କମିଶନରଙ୍କୁ ସେ ଲିଖିତ ଅଭିଯୋଗ କରିଥିଲେ। ମାନବ ଅଧିକାର ଆୟୋଗ ପାଖକୁ ବି ଯାଇଥିଲେ। ସମସ୍ତେ ଶୋଇପଡ଼ିଥିଲେ କାହିଁକି? ଅଭିଯାଗର ଅର୍ଥ ନୁହେଁ ଲାକ୍ରା ଦୋଷୀ। କିନ୍ତୁ ତଦନ୍ତ ଓ ଅନୁସନ୍ଧାନ ତ ହେବା କଥା। ଜଣେ ସାଧାରଣ ଲୋକର ସାମର୍ଥ୍ୟ କେତେ? କାହା କାହା ପାଖକୁ ସେ ଯାଇପାରିବ ଏବଂ କଣ କରିପାରିବ ନ୍ୟାୟ ପାଇବା ପାଇଁ? ମାନ୍ୟବର କୋର୍ଟ ବ୍ୟବସ୍ଥାକୁ ତିରସ୍କାର କରିଛନ୍ତି। ଏଭଳି ଘଟଣା ଏହି ଗୋଟିଏ ନୁହେଁ, ବରଂ ଅନେକ ସ୍ଥାନରେ ଘଟୁଛି ବୋଲି ଅଦାଲତ ଅନୁଭବ କରିଛନ୍ତି। ପୁଲିସ ମହାନିର୍ଦ୍ଦେଶକ କରନ୍ତି କ'ଣ? ଦୀର୍ଘ ୨୨ ବର୍ଷ ଧରି ଗୃହ ବିଭାଗ ଦାୟିତ୍ୱରେ ଥିବା 'ଆଇନ ତା ବାଟରେ ଯିବ' କହୁଥିବା ମାନବ ସଭ୍ୟତାର ବିବର୍ତ୍ତନର ଇତିହାସରେ ଅନନ୍ୟ, ଅସାମାନ୍ୟ, ଅସାଧାରଣ, ନିର୍ବିକଳ୍ପ, ଐତିହାସିକ, ଜଗନ୍ନାଥଙ୍କ ଠାରୁ ବଡ଼, ପ୍ରତ୍ୟେକ କ୍ଷେତ୍ରରେ ପୁରୁଷୋତ୍ତମ, ଏକ ନମ୍ବର ମୁଖ୍ୟମନ୍ତ୍ରୀ କ'ଣ ହତ୍ୟା ଅଭିଯୋଗରେ ମଧ୍ୟ ଏଫଆଇଆର ନରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ପୁଲିସକୁ? ଏମିତି ତ ହୋଇନଥିବ କେବେ। ବିଳମ୍ବରେ ହେଲେ ମଧ୍ୟ ପୋଲିସ ବିଭାଗ ନିଜ ତ୍ରୁଟି ସଂଶୋଧନ କରୁ ଓ ଜନସାଧାରଣଙ୍କର କେବଳ ପୋଲିସ ନୁହେଁ ବିଶ୍ୱସ୍ତ ବନ୍ଧୁ ପାଲଟୁ।

**-ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ: ୯୪୩୭୨୨୬୬୪୭**

# ଜୀବନ ମୁକ୍ତି ଓ ନାମ ସଂକୀର୍ତ୍ତନ

ଭଗବାନଙ୍କ ନାମ କୀର୍ତ୍ତନ କରି କଳି ଯୁଗରେ ଜଣେ ମୁକ୍ତ ହୋଇପାରେ ଏବଂ ମୋକ୍ଷ ଲାଭ କରିପାରେ ବୋଲି ଶ୍ରୁତିରେ କୁହାଯାଇଛି। ଭୟହୀନ ଓ ବାଧାହୀନ ଭାବେ ସର୍ବଦା ଉଚ୍ଚ ସ୍ୱରରେ ଭଗବାନଙ୍କ ନାମ ଉଚ୍ଚାରଣ କରିବାକୁ ସଂକୀର୍ତ୍ତନ କହନ୍ତି। ଯଦି ଜଣେ ବ୍ୟକ୍ତି ସଂକୀର୍ତ୍ତନରେ ଅଂଶ ଗ୍ରହଣ କରନ୍ତି ଏବଂ ଭଗବାନଙ୍କ ନାମ କୀର୍ତ୍ତନ କରନ୍ତି ସେ ମୁକ୍ତି ଲାଭ କରିବେ। ଯଦି ଦଳେ ଲୋକ ଏକାଠି ହୋଇ ସଂକୀର୍ତ୍ତନ କରନ୍ତି ଏପରି ସଂକୀର୍ତ୍ତନ ସେହି ବ୍ୟକ୍ତି ମାନଙ୍କୁ ଓ ସମଗ୍ର ବିଶ୍ୱକୁ ମୁକ୍ତି ଦେବ।

କୀର୍ତ୍ତନ ଓ ସଂକୀର୍ତ୍ତନ ମଧ୍ୟରେ ଯଥେଷ୍ଟ ପାର୍ଥକ୍ୟ ରହିଛି। କୀର୍ତ୍ତନ ବ୍ୟକ୍ତିଗତ ସୁଖକୁ ବୁଝାଏ। ସଂକୀର୍ତ୍ତନ ଏହି ସୁଖକୁ ସମଗ୍ର ବିଶ୍ୱରେ ପରିବ୍ୟାପ୍ତ କରିଥାଏ। ସଂକୀର୍ତ୍ତନ ଚାରି ପ୍ରକାର। ଏପରି ସଂକୀର୍ତ୍ତନରେ ଚାରୋଟି ପୃଥକ ମାର୍ଗ ରହିଛି। ପ୍ରଥମଟି ଗୁଣ ସଂକୀର୍ତ୍ତନ, ଦ୍ୱିତୀୟଟି ଲୀଳା ସଂକୀର୍ତ୍ତନ, ତୃତୀୟଟି ଭାବ ସଂକୀର୍ତ୍ତନ ଏବଂ ଚତୁର୍ଥଟି ନାମ ସଂକୀର୍ତ୍ତନ। ସାଇ ସର୍ବତ୍ର ନାମ ସଂକୀର୍ତ୍ତନ ପ୍ରବର୍ତ୍ତିତ କରୁଛନ୍ତି। ନାମ ସଂକୀର୍ତ୍ତନ ସମସ୍ତଙ୍କୁ, ସର୍ବଦା ଏବଂ ସର୍ବତ୍ର ଶୁଦ୍ଧତା ଓ ସୁଖ ଦେଇପାରେ। ଏହି ନାମ ସଂକୀର୍ତ୍ତନ ଠାରୁ ମହତ୍ତର ଆଉ କିଛି ନାହିଁ। ଈଶ୍ୱରଙ୍କ ଆଶୀର୍ବାଦ ହେତୁ ପ୍ରଚେତନ ୧୦୦ କୋଟି ଶ୍ଳୋକରେ ଆତ୍ମା ରାମାୟଣ ରଚନା କରିଥିଲେ। ତିନି ଲୋକରେ ଏହାକୁ ସମାନ ଭାବେ ବିତରଣ କରାଗଲା। ଏଇପରି ସମାନ ଭାବରେ ସେ ଯେତେବେଳେ ବିତରଣ କଲେ ପ୍ରତି ଲୋକ ଭାଗରେ ୩୩, ୩୩, ୩୩ଟି ଶ୍ଳୋକ ପଡ଼ିଲା। ଗୋଟିଏ ଶ୍ଳୋକ ଅବଶିଷ୍ଟ ରହିଲା। ଏହି ଶ୍ଳୋକରେ ଥିବା ଅକ୍ଷର ଗୁଡ଼ିକୁ ସେ ପୃଥକ କଲେ। ଅକ୍ଷର ସଂଖ୍ୟା ହେଲା ୩୨। ସେ ତିନିଲୋକକୁ ୧୦ଟି କରି ୩୦ଟି ଅକ୍ଷର ଦେଲେ। ଅବଶିଷ୍ଟ ରହିଲା ୨ଟି। ସେଇ ଦୁଇଟି ଅକ୍ଷର ହେଉଛି ପ୍ରେମ। ପ୍ରେମ ନାମକ ଏଇ ଦୁଇଟି ଅକ୍ଷର ବିତରଣ କରାଯାଇଛି ଏବଂ ସମାନ ରହିଛି। ସେହି ପ୍ରେମ ହିଁ ଭଗବାନ। ପ୍ରେମର ସେହି ବିଭାବ ହିଁ ଈଶ୍ୱରଙ୍କ ବିଭାବ। ସେହି ଦୁଇଟି ଅକ୍ଷର ରାମରେ ପରିଣତ ହୋଇଛନ୍ତି। ହରି ଓ ହରରେ ପରିଣତ ହୋଇଛନ୍ତି। ଏହିପରି ଭାବେ ରାମ, କୃଷ୍ଣ, ହରି, ହର, ସାଇ, ବାବା ସବୁ ଗୁଡ଼ିକ ଦୁଇଟି ଅକ୍ଷରରେ ବ୍ୟକ୍ତ ହୋଇଛନ୍ତି। ଆମେ ଯେଉଁ ସବୁ ଅକ୍ଷର ବ୍ୟବହାର କଲେ ମଧ୍ୟ ପ୍ରେମକୁ ଗୁରୁତ୍ୱପୂର୍ଣ୍ଣ ମନେ କରିବା ଉଚିତ। ପ୍ରେମ ହିଁ ଈଶ୍ୱର। ଏହି ପ୍ରେମ ସାହାଯ୍ୟରେ ଆମେ ହୃଦୟ ପ୍ରସାରିତ କରିବା ଉଚିତ। ଏଇ ପ୍ରେମ ସାହାଯ୍ୟରେ ଆମେ ଆମର ଭାବନାଗୁଡ଼ିକୁ ଉନ୍ନତ କରିବା ଉଚିତ। ଏଇ ପ୍ରେମ ସାହାଯ୍ୟରେ ଆମେ ସମସ୍ତ କର୍ମ ସଂପାଦନ କରିବା ଉଚିତ। ପ୍ରେମରେ ଶବ୍ଦ ଉଚ୍ଚାରଣ କରିବା ଉଚିତ।

ଏହିପରି ଭାବରେ ନାମ ପ୍ରେମପୂର୍ଣ୍ଣ ହୋଇଥିବାରୁ ଏହାକୁ ସଂକୀର୍ତ୍ତନ କୁହାଯାଉଛି। ନାମ ଶବ୍ଦଟିରେ ଦୁଇଟି ଅକ୍ଷର ଅଛି। ସଂଖ୍ୟା ବିଜ୍ଞାନ ଦୃଷ୍ଟିରୁ ଏହାର ବିଚାର କରାଯାଇପାରେ। ନ+ଅ+ମ = ନାମ ନ ଶୂନ୍ୟ ସହିତ, ଅ ଦୁଇ ସହିତ ଏବଂ ମ ପାଞ୍ଚ ସହିତ ସଂପର୍କିତ। ୦+୨+୫=୭ ଏଇ ସପ୍ତ ସ୍ୱର ହେଉଛି ନାମ। ଏଥିରେ ଶ୍ରୁତି, ଲୟ, ରାଗ, ତାଳ, ଭାବ, ପ୍ରେମ, ସଂଗୀତର ସମନ୍ୱୟ ଘଟିଛି। ଏସବୁକୁ ସପ୍ତ ସ୍ୱର ବୋଲି କୁହାଯାଏ। ସପ୍ତ ଲୋକ ମଧ୍ୟ କୁହାଯାଏ। ସପ୍ତର୍ଷି ମଧ୍ୟ କୁହାଯାଏ। ରବି ମଙ୍ଗଳାଦି ସାତଦିନ କୁହାଯାଏ। ସମାନ ଅର୍ଥରେ ସପ୍ତାହ ମଧ୍ୟ କୁହାଯାଏ। ତେଣୁ ଆଜି ଆମେ ଯେଉଁ ସଂକୀର୍ତ୍ତନ କରୁଛୁ ଶ୍ରୁତି, ଲୟ, ରାଗ, ତାଳ, ଭାବ ରସରେ ତାହା ରସାଣିତ ହେବା ଉଚିତ। ମାତ୍ର ତୁମେ ଯଦି ଏମିତି ଗାଉଛ ବୋଲି ଭାବିବ ତୁମେ ଗାଉ ନାହଁ। ଏପରି ଗାନ ଈଶ୍ୱର ଗ୍ରହଣ କରିବେ ନାହିଁ। ସେହି ସ୍ୱର ତୁମ ହୃଦୟର ଗଭୀରତାରୁ ଆସିବା ଉଚିତ। ସେହି ଭାବନା ପରିପୂର୍ଣ୍ଣ ହେବା ଉଚିତ। ଏହା ପ୍ରେମରେ ଅବଗାହନ କରିଥିବା ଉଚିତ। ତୁମେ ନିଜକୁ ଅଭ୍ୟୁତଥିତ କରିବା ଉଚିତ। ତାହାକୁ କୁହାଯାଏ ତପସ୍ୟା। ଏପରି ସଂକୀର୍ତ୍ତନ କେବଳ ବ୍ୟକ୍ତିକୁ ମୁକ୍ତି ଦେବନାହିଁ ଏହା ସମସ୍ତ ଜାତି ଓ ବିଶ୍ୱକୁ ମୁକ୍ତି ଦେବ।

ଆମେମାନେ ହୁଏତ କୌଣସି ଜପ, ଧ୍ୟାନ, ଯୋଗ କରିପାରିବ ନାହିଁ। ମାତ୍ର ରାସ୍ତାର ମଣିଷଠାରୁ ପରମହଂସଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ୟକ୍ତି ଏପରି ନାମ ସଂକୀର୍ତ୍ତନ କରି ପାରିବେ। ପ୍ରେମ ସହିତ ହୃଦୟରୁ ଗଭୀରତାର ସ୍ୱର ଉତ୍ତୋଳିତ କର ଏବଂ ନିର୍ଭୟ ଭାବରେ ଭଗବାନଙ୍କର ମହିମା କୀର୍ତ୍ତନ କର। ଆମେ ଅନ୍ୟ ମାନଙ୍କୁ ଭୟ କରିବା ଅନୁଚିତ। ଆମେ ଯଦି ଅନ୍ୟ ମାନଙ୍କୁ ଭୟ କରିବା ସେମାନେ ମୁକ୍ତି ଦେବେ ନାହିଁ। ବିପଦ ବେଳେ କେହି ଆମକୁ ସାହାଯ୍ୟ କରିବେ ନାହିଁ। କେବଳ ଭଗବାନ ଆମକୁ ସାହାଯ୍ୟ କରିବେ। ମଣିଷମାନେ ତୁମର ଧ୍ୱଂସ ସାଧନ କରି ପାରନ୍ତି ମାତ୍ର କସ୍ମିନ କାଳେ ସେମାନେ ତୁମକୁ ସାହାଯ୍ୟ କରିବେ ନାହିଁ।

ସ୍ୱାର୍ଥ-ସ୍ୱାର୍ଥ-ସ୍ୱାର୍ଥ ସର୍ବତ୍ର ପରିପୂର୍ଣ୍ଣ। ଏଇ ସ୍ୱାର୍ଥପରତା ଓ ଅହଂକାର ଏକାଠି ହେଲେ ଜଣେ ବିପୁଳ ତମୋଗୁଣର ଅଧିକାରୀ ହୁଏ। ତମୋ ଗୁଣ ଲୋଭର ଲକ୍ଷଣ। ଏପରି ମନ୍ଦ ଗୁଣ ସବୁରୁ ଦୂରରେ ରହିବା ପାଇଁ ଆମେ ନିଜ ମଧ୍ୟରେ ପ୍ରେମ ପ୍ରକଟିତ କରିବା ଉଚିତ। ଅନ୍ୟମାନେ କ'ଣ କହିବେ, ଅନ୍ୟମାନେ କିପରି ପନ୍ଥା ଅନୁସରଣ କରିବେ ସେ ସବୁ ବିଚାର ନକରି ଆମ ହୃଦୟ ପବିତ୍ର କରିବା। ନିଃସ୍ୱାର୍ଥପର ଭାବେ ଭଗବାନଙ୍କୁ ପ୍ରାର୍ଥନା କରିବା। ଆମର ବିଶ୍ୱାସ ହିଁ ଆମର। ଆମର ବିଶ୍ୱାସ ପାଇଁ କୌଣସି ଯୁକ୍ତି ନାହିଁ କିମ୍ବା ଦିନବାର ନାହିଁ। ବିଶ୍ୱାସ ଯୁକ୍ତିଶୀଳତାର ଊର୍ଦ୍ଧ୍ୱରେ। ଆମେ ଅନ୍ୟ ମାନଙ୍କର ଦାସ ହେବା ଅନୁଚିତ। ଅନ୍ୟମାନଙ୍କୁ ଅନୁସରଣ କରିବା ଅନୁଚିତ। ଆମେ ନିଜର ହୃଦୟ ଏବଂ ଆତ୍ମାକୁ ଅନୁସରଣ କରିବା। ନୟମାତ୍ମା ବଳହୀନେନ ଲଭ୍ୟଃ। ନିଜ ଉପରେ ଆମର ଶକ୍ତି ଓ ବିଶ୍ୱାସ ଆମକୁ ମୁକ୍ତି ଦେବ।

**ରାଜକିଶୋର ମିଶ୍ର, ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ର ମାର୍ଗ, କଟକ, ଦୂରଭାଷ: ୭୦୦୮୧୮୧୮୨୦**

# ବିଶୃଙ୍ଖଳାକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ



ଭୁବନେଶ୍ୱର (ପିଏନ୍)-ବିଶୃଙ୍ଖଳା ଓ ବିଶୃଙ୍ଖଳାକାରୀଙ୍କୁ କୌଣସି ପରିସ୍ଥିତିରେ ଆଉ ବରଦାସ୍ତ କରାଯିବ ନାହିଁ। ସେମାନଙ୍କ ବିରୋଧରେ ଅତି କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ଦଳ ବଡ଼ ବ୍ୟକ୍ତି ବଡ଼ ନୁହେଁ। ଆଜି ଯେଉଁମାନେ ନିଜକୁ ବହୁ ବଡ଼ ବଡ଼ ନେତା ବୋଲି କହୁଛନ୍ତି, ସେ ସମସ୍ତେ କଂଗ୍ରେସ ଦଳ ଯୋଗୁଁ ଆଜି ସମାଜରେ ଏହି ସ୍ଥିତିରେ ପଂହଚିଛନ୍ତି। କଂଗ୍ରେସ ଦଳ ଯୋଗୁଁ ବିଧାୟକ, ସାଂସଦ, ମନ୍ତ୍ରୀ ଇତ୍ୟାଦି ହୋଇଛନ୍ତି। ସମାଜରେ ସେମାନଙ୍କର ପରିଚୟ କଂଗ୍ରେସ ଦଳ ଦେଇଛି। କିନ୍ତୁ ଏବେ କିଛି ଲୋକ ନିଜକୁ ଦଳଠାରୁ ବହୁତ ବଡ଼ ବୋଲି ଗଣମାଧ୍ୟମରେ କହି ବୁଲୁଛନ୍ତି। ଦଳର ଏବଂ ଦଳୀୟ ନେତୃବର୍ଗଙ୍କୁ ଗଣମାଧ୍ୟମରେ ଏବଂ ବିଭିନ୍ନ ମାଧ୍ୟମରେ ନିନ୍ଦିତ କରୁଛନ୍ତି ଏବଂ କରିବାର ପ୍ରୟାସ ଜାରି ରଖିଛନ୍ତି। ତଦ୍ୱାରା କଂଗ୍ରେସ ଦଳ ସାମୁହିକ ଭାବରେ ବହୁ ମାତ୍ରାରେ କ୍ଷତିଗ୍ରସ୍ତ ହେଉଛି ଏବଂ ଜନମାନସରେ କଂଗ୍ରେସ ଦଳ ପ୍ରତି ଏକ ନୈରାଶ୍ୟ ମନୋଭାବ ଏହି ନେତୃବର୍ଗଙ୍କ ଦ୍ୱାରା ସୃଷ୍ଟି ହେଉଛି ବୋଲି ଓଡ଼ିଶା ପ୍ରଭାରୀ ଡ. ଏ ଚେଲା କୁମାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟଠାରେ ଆୟୋଜିତ ହାତ ସେ ହାତ ଯୋଡ଼ ଅଭିଯାନରେ ଯୋଗଦେଇ କହିଛନ୍ତି। ଚେଲ୍ଲା କୁମାର କହିଲେ ଯେ ଆଜି ଯେଉଁମାନେ ଦଳ ଠାରୁ ନିଜକୁ ଡେଙ୍ଗା ଭାବୁଛନ୍ତି ୪୦ ବର୍ଷ ପୂର୍ବରୁ ସେମାନଙ୍କର ସ୍ଥିତି ଓ ସାମାଜିକ ପରିଚୟ କ'ଣ ଥିଲା ତାହା ସେମାନେ ଆତ୍ମସମୀକ୍ଷା କରିବା ଦରକାର। ଏବେ ସମୟ ଆସିଛି କଂଗ୍ରେସ ଦଳକୁ ଓଡ଼ିଶାରେ ମଜବୁତ କରାଯିବ ଏବଂ ଓଡ଼ିଶାର ଜନସାଧାରଣଙ୍କୁ ଦୀର୍ଘ ୨୨ ବର୍ଷର ଅତ୍ୟାଚାର ଓ କୁଶାସନ ଏବଂ କେନ୍ଦ୍ରର ଏକ ୯ ବର୍ଷର ଜନବିରୋଧୀ ସରକାରଙ୍କୁ ବରଖାସ୍ତ କରିବାପାଇଁ ସସସ୍ତ ରଣକୌଶଳ ଓ ପ୍ରଚେଷ୍ଟା କରାଯିବ। ଯେଉଁମାନେ ଶୃଙ୍ଖଳା ଭଙ୍ଗ କରୁଛନ୍ତି ଏବଂ ଏହି କାର୍ଯ୍ୟ ବାରମ୍ବାର କରିଚାଲିଛନ୍ତି ସେମାନଙ୍କର ଆଉ ନିସ୍ତାର ନାହିଁ। ଓଡ଼ିଶାର ଲକ୍ଷ ଲକ୍ଷ କଂଗ୍ରେସ କର୍ମୀ ଜିଲ୍ଲା ଏବଂ ବ୍ଲକସ୍ତରର ନେତୃବର୍ଗ ଏପରିକି ରାଜ୍ୟସ୍ତରୀୟ ନେତୃବର୍ଗଙ୍କର ଆଶା, ଆକାଂକ୍ଷା, ବିଶ୍ୱାସ ଓ ଭରସାକୁ ଧୂଳିସାତ କରିବାକୁ ଦିଆଯିବ ନାହିଁ। ଆସନ୍ତା ଜାନଆରୀ ୨୬ ତାରିଖ ପାଖରୁ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ବୁଥ, ଗାଁ, ପଂଚାୟତ, ବ୍ଲକ ଓ ଜିଲ୍ଲାସ୍ତରରେ ହାତକୁ ହାତ ଯୋଡ଼ କାର୍ଯ୍ୟକ୍ରମ ଜାରି ରଖାଯିବ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତ୍ୟେକ ଗାଁର କଂଗ୍ରେସ କର୍ମୀ, ଜନସାଧାରଣ, ବୁଦ୍ଧିଜୀବୀ, କୃଷକ, ଆଦିବାସୀ, ଅନୁସୂଚିତ ଜନଜାତି ଏବଂ ବିଶେଷ କରି ମହିଳାମାନଙ୍କ ସହିତ ସିଧାସଳଖ ଯୋଡ଼ି ହେବ କଂଗ୍ରେସ। କଂଗ୍ରେସ ପତାକା ପ୍ରତ୍ୟେକ ଗାଁରେ ଉତୋଳନ କରାଯିବ। ଓଡ଼ିଶାର ୨୨ ବର୍ଷର ବିଜେଡ଼ି ସରକାର ଏବଂ ୯ ବର୍ଷର କେନ୍ଦ୍ରର ବିଜେପି ସରକାରର ସମସ୍ତ ବିଫଳତା, ଜନମାରଣ ନୀତି, ପ୍ରତାରଣାକୁ ଲୋକମାନଙ୍କ ପାଖରେ ରଖାଯିବ। ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ ଏହି ସଭାରେ ନେତୃବର୍ଗଙ୍କୁ ସମ୍ବୋଧିତ କରି କହିଲେ ଯେ ଓଡ଼ିଶାରେ ଯୁବକ ଯୁବତୀ ନିମ୍ନ ଆୟକାରୀ ବର୍ଗ, ଆଦିବାସୀ, ଅନୁସୂଚିତ ଜାତି, କୃଷକ, ମଧ୍ୟଆୟକାରୀ ବର୍ଗ ଆଜି ସମସ୍ତେ ଅତ୍ୟନ୍ତ ଦୁଃଖଦ ପରିସ୍ଥିତ ଦେଇ ଗତି କରୁଛନ୍ତି। ଶୃଙ୍ଖଳା ବିନା ପ୍ରଗତି ସମ୍ଭବ ନୁହେଁ। ସଫଳତା କାହା ପାଖକୁ ଆସେନାହିଁ। ସଫଳତାକୁ ପାଇବାପାଇଁ ବହୁ କିଛି ତ୍ୟାଗ କରିବାକୁ ପଡ଼େ। ଯେଉଁମାନେ କଂଗ୍ରେସ ଡିଲ କରିଥିବା କଥା କହୁଛନ୍ତି ମୁଁ ଆଉଥରେ କହୁଛି କଂଗ୍ରେସ ଦଳର କୌଣସି ନେତୃବର୍ଗ କାହାରି ସହିତ ଡିଲ କରିନାହାନ୍ତି ବା କରନ୍ତି ନାହିଁ। କଂଗ୍ରେସର ଜିନ ସହିତ ସେମାନେ ପରିଚିତ ନୁହନ୍ତି ବୋଧେ। ଓଡ଼ିଶାରେ ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ଆମକୁ ଲୋକଙ୍କ ପାଇଁ ପ୍ରତ୍ୟେକ ସ୍ତରରେ ସ୍ୱରଉତୋଳନ କରିବାର ଅଛି। ଆମେ ନିଜକୁ ଯେପର୍ଯ୍ୟନ୍ତ ଜନତା ଜନାର୍ଦ୍ଦନଙ୍କର ପ୍ରକୃତ ହିତୈଷୀ ଏବଂ ସେବକରୂପେ ପ୍ରତିପାଦନ କରିପାରୁନାହୁଁ ସେ ପର୍ଯ୍ୟନ୍ତ ଆମକୁ ଅଧିକରୁ ଅଧିକ ଶୃଙ୍ଖଳିତ ହୋଇ ପରିଶ୍ରମ କରିବାକୁ ପଡ଼ିବ। ଆଜି ହାତସେ ହାତ ଯୋଡ଼ କାର୍ଯ୍ୟକ୍ରମରେ ସମସ୍ତ ଜିଲ୍ଲା ସଭାପତିମାନେ ଏହି କାର୍ଯ୍ୟକ୍ରମକୁ ସୂଚାରୁରୂପେ ସଂପାଦନ କରିବାପାଇଁ ତାଙ୍କର ମତାମତ ଦେଇଥିଲେ। ମହିଳା, ଯୁବ, ଛାତ୍ର ଓ ବିଭିନ୍ନ ପ୍ରକୋଷ୍ଠର ନେତୃବର୍ଗମାନେ ମଧ୍ୟ ତାଙ୍କର ମତାମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ଶ୍ରୀଯୁକ୍ତ ନିରଂଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ ଓ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ଶରତ ରାଉତ, ସୁରେଶ କୁମାର ରାଉତରାୟ, ରମେଶ ଜେନା, ସନ୍ତୋଷ ସିଂ ସାଲୁଜା, ରାଜନ ଏକ୍କା, ଅଧିରାଜ ମୋହନ ପାଣିଗ୍ରାହୀ, ବନ୍ଦିତା ପରିଡ଼ା, ଯାସିର ନୱାଜ, ଭୁଜବଳ ମାଝୀ ଏବଂ ଜିଲ୍ଲା କଂଗ୍ରେସ ସଭାପତି ଏବଂ ବରିଷ୍ଠ କଂଗ୍ରେସ ନେତୃବର୍ଗ ଉପସ୍ଥିତ ଥିଲେ।

# ସେସପୁଲ ଗାଡିରୁ ମଇଳା ପାଣି ସହରରେ ପଡୁଛି, ବର୍ଷା ହେଲେ ଆବର୍ଜନା ଜଳ ନଦୀନାଳରେ ମିଶୁଛି




କେନ୍ଦୁଝର (ପିଏନ୍): କେନ୍ଦୁଝର ସହରରେ ବାହାରୁଥିବା ପାଇଖାନା ଟାଙ୍କି ପାଣି ପରିଚାଳନା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଫଳରେ ପାଇଖାନା ପାଣିକୁ ଏଣେ ତେଣେ ପକାଯାଉଥିବାରୁ ପରିବେଶ ବହୁ ମାତ୍ରାରେ ଦୂଷିତ ହେଉଛି। ପୌରପାଳିକାର ଦାୟିତ୍ୱହୀନତା ଯୋଗୁଁ ପରିବେଶ ପ୍ରଦୂଷଣ ହେଉଛି। ପରିବେଶ ସୁରକ୍ଷା ପାଇଁ କୋଟି କୋଟି ଖର୍ଚ୍ଚ ହେଉଥିବାବେଳେ ଏଭଳି ଜଳ ପ୍ରଦୂଷଣ ସହରର ପରିବେଶକୁ ଦୁର୍ଗନ୍ଧମୟ କରୁଛି। ପ୍ରକାଶ ଯେ, କେନ୍ଦୁଝର ଭଳି ସହରରେ ୨୧ଟି ୱାର୍ଡ ରହିଥିବାବେଳେ ମାତ୍ର ଗୋଟିଏ ସେସପୁଲ ଗାଡି ପୌରପାଳିକା ପାଖରେ ରହିଛି। ଏହି ଗାଡି ଅନେକ ସମୟରେ ଉପଲବ୍ଧ ହେଉନଥିବାରୁ ଅଧିକ ମୂଲ୍ୟ ଦେଇ ଘରୋଇ ସେସ ପୁଲ ଗାଡି ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। କେନ୍ଦୁଝରଗଡ ପୌରପାଳିକାର ଜନସଂଖ୍ୟା ଦୃଷ୍ଟିରୁ ୫ରୁ ଅଧିକ ସେସପୁଲ ଗାଡିର ଆବଶ୍ୟକତା ଥିବାବେଳେ ମାତ୍ର ଗୋଟିଏ ଗାଡିରେ କାମ ଚଳାଉଛନ୍ତି। ଫଳରେ ଆବଶ୍ୟକତା ପୂରଣ ହୋଇପାରୁନାହିଁ। ତେବେ ପାଇଖାନା ପରିଚାଳନା ପାଇଁ ସ୍ୱତନ୍ତ୍ର ପ୍ରକଳ୍ପ ବା ସେପଟେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ(ଏସଇଟିପି) କରିବା ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସ୍ୱତନ୍ତ୍ର ଗାଇଡ ଲାଇନ ରହିଛି। ଏହି ପ୍ରକଳ୍ପ ପାଇଖାନା ଟାଙ୍କି ପାଣିକୁ ବିଶୋଧନ କରିବା ସହ କଠିନ ବସ୍ତୁକୁ ଅଲଗା କରି ସାରରେ ପରିଣତ କରିଥାଏ ଏବଂ ପରେ ଏହାକୁ ବନୀକରଣରେ ବ୍ୟବହାର ହୋଇଥାଏ। ସେହିପରି ଏହାକୁ ବନୀକରଣରେ ବ୍ୟବହାର ଦ୍ୱାରା ବାହାର ପରିବେଶ ମଧ୍ୟ ପ୍ରଦୂଷିତ ହୋଇନଥାଏ। କେନ୍ଦୁଝରଗଡ ପୌରପାଳିକାରୁ ପ୍ରତ୍ୟେକ ମାସ ପାଖାପାଖି ୧୦୦ ଟ୍ରିପରୁ ଉର୍ଦ୍ଧ୍ୱ ପାଇଖାନା ଟାଙ୍କି ପାଣି ବାହାରୁଛି। ପୌରପାଳିକା ପକ୍ଷରୁ ଅଦ୍ୟାବଧି ବିଶୋଧନ ପ୍ରକଳ୍ପ ନିର୍ମାଣ ଶେଷ ହୋଇନଥିବାରୁ ପାଇଖାନା ଆବର୍ଜନା ପାଣି ଏଣେତେଣେ ପକାଯାଉଥିବା ବେଳେ ଡାଙ୍ଗରପଡା ସ୍ଥିତ ଆଦର୍ଶ ଶ୍ମଶାନରେ ମଧ୍ୟ ପକାଯାଉଛି। ଏହାଦ୍ୱାରା ମଧ୍ୟ ଅନେକ ସମୟରେ ଜନଅସନ୍ତୋଷ ଦେଖାଦେଉଛି। ଅଦ୍ୟାବଧି ପୌରପାଳିକା ପକ୍ଷରୁ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇନାହିଁ। ସଦର ତହସିଲ ଅନ୍ତର୍ଗତ ବଳଭଦ୍ରପୁରଠାରେ ୩୦ କେଏଲଡି କ୍ଷମତା ବିଶିଷ୍ଟ ୨.୫ ଏକର ଜମିରେ ୩ କୋଟି ଟଙ୍କା ବ୍ୟୟ ଅଟକଳରେ ପ୍ରକଳ୍ପ କାମ ହେଉଛି। ପୌର ପ୍ରଶାସନର ଅପାରଗତା ଯୋଗୁଁ ପ୍ରକଳ୍ପ ସରିବାରେ ବିଳମ୍ବ ହେଉଛି। ପ୍ରକଳ୍ପ ନିର୍ମାଣ ପୂର୍ବରୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଂଚଳିକ କାର୍ଯ୍ୟାଳୟଠାରୁ ସିଟିଇ ପାଇଥିଲେ ମଧ୍ୟ ୮ ମାସ ପରେ ମଧ୍ୟ କାମ ସଂପୂର୍ଣ୍ଣ ହେଉନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଗାଇଡ ଲାଇନ ଅନୁଯାୟୀ କାମ ହେଉନଥିଲେ ମଧ୍ୟ ପୌରପାଳିକାର ବିଭାଗୀୟ ଯନ୍ତ୍ରୀ ଏହାର ତଦାରଖ କରୁନଥିବା ଅଭିଯୋଗ ହୋଇଛି। ପ୍ରକଳ୍ପର ଅଗ୍ରଗତି ନେଇ ବିଭାଗୀୟ ଅଧିକାରୀ ସମୀକ୍ଷା କରୁନଥିବାବେଳେ ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସେହପରି ଆନନ୍ଦପୁର ପୌରପାଳିକାରେ ମଧ୍ୟ ସମାନ ଭାବେ ପ୍ରକଳ୍ପ ନିର୍ମାଣ ହୋଇନଥିବାରୁ ସହରବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

# ଏକ ସେବକର ଦୃଷ୍ଟିରେ ସମାଧିର ତାତ୍ପର୍ଯ୍ୟ



କେତେକ କଥା ଆପଣମାନେ ଜାଣିଥିବା ବେଳେ ଓ ତାହାକୁ ଲେଖନୀ ମୁନରେ ପ୍ରକାଶ କଲାବେଳେ ନିଜକୁ ଲଜ୍ୟା ବୋଧହୁଏ। ଯଥା ମାଲିକ ତାର ଲୋକମାନଙ୍କୁ ବଳପୂର୍ବକ କାମ କରାଏ। କିନ୍ତୁ ନେତା ତାର ଲୋକ ମାନଙ୍କୁ ପ୍ରେରଣା ଦିଏ ଓ ସେବକ ତାର ପ୍ରଭୁର ଆଜ୍ଞାକୁ ପାଳନ କରେ ଓ ନିଜର ଆଚରଣ ମାଧ୍ୟମରେ ପ୍ରଭୁଙ୍କର ଆଜ୍ଞାକୁ ପାଳନ କରିବାର ଦୃଷ୍ଟାନ୍ତ ସୃଷ୍ଟି କରେ। ମାଲିକ ତାର ପ୍ରଭୁତ୍ୱ ଉପରେ ନିର୍ଭରଶୀଳ, ନେତା ତାର ହିତେଚ୍ଛା ଉପରେ ଓ ସେବକ ପ୍ରଭୁର ଦୟା ଉପରେ ନିର୍ଭରଶୀଳ। ମାଲିକ ଭୟ ସୃଷ୍ଟି କରେ। ନେତା ପ୍ରେମ ବିଚ୍ଛୁରିତ କରେ ଓ ସେବକ ପ୍ରେମକୁ ସ୍ୱାର୍ଥହୀନତା ବିଚାରି କାର୍ଯ୍ୟ କରେ। ମାଲିକ କହେ ମୁଁ, ନେତା କୁହେ ଆମେ, ସେବକ କହେ ମୁଁ ତୁମର ତୁମେ ମୋର। ମାଲିକ ଭୁଲ ଆଡ଼କୁ ଆଙ୍ଗୁଳି ନିର୍ଦ୍ଦେଶ କରେ, ନେତା କେଉଁଠି ଭୁଲ ସୂଚାଇ ଦିଏ, ସେବକ କୌଣସି ଭୁଲ ଦେଖି ପାରେନା। ମାଲିକ ଲୋକମାନଙ୍କୁ ଗାଳି କଟୁକ୍ତି କରେ, ନେତା ଗାଳି ନଦେଇ ନିଜ କାର୍ଯ୍ୟ ପାଇଁ ବ୍ୟବହାର କରେ। ସେବକ ନିଜକୁ ଉଦାହରଣ ସଜାଇ ମାଲିକ ନିକଟରେ ସମର୍ପଣ କରେ। ମାଲିକ ଜାଣେ କିପରି କାର୍ଯ୍ୟ କରାଯାଏ। ନେତା କାର୍ଯ୍ୟ କରିବାର ରାସ୍ତା ଦେଖାଏ ଓ ସେବକ ପ୍ରଭୁଙ୍କ ପଥର ପଥିକ ବୋଲି କହିଥାଏ। ମାଲିକ ସମ୍ମାନଦାବୀ କରେ। ନେତା ସମ୍ମାନ ପାଇବାକୁ ଯୋଗ୍ୟ ବୋଲି ଦାବୀ କରେ। ସେବକ ମାନ, ଅପମାନ, ପ୍ରଶଂସା, ନିନ୍ଦାକୁ ସମାନ ଭାବେ ଗ୍ରହଣ କରେ। ମାଲିକ ଗୋଲାମୀ କରାଏ, ନେତା ସମସ୍ତଙ୍କୁ ଆମୋଦିତ କରାଏ ଓ ସେବକ ତାର ପ୍ରଭୁଙ୍କ ସେବାରେ ଆନନ୍ଦିତ କରାଏ।

ଉପରୋକ୍ତ ବର୍ଣ୍ଣିତ ସେହିପରି ଜଣେ ସେବକ ଗୋଟିଏ ଉପତ୍ୟକାରେ ବୁଲୁ ବୁଲୁ ଗୋଟିଏ ଚନ୍ଦନ ନାମଧାରୀ ଏକ କିଶୋର ତାଙ୍କ ଆଡ଼କୁ ଆକୃଷ୍ଟ ହୋଇ ଆସିଲା। ସେବକ ପ୍ରଭୁଙ୍କର ଗୁଣଗାନ କରୁଥିଲା। ଚନ୍ଦନ ସେବକକୁ ପଚାରିଲା ସତରେ କ'ଣ ଭଗବାନ ଧରାପୃଷ୍ଠରେ ଜନ୍ମ ନିଅନ୍ତି ଓ କାହିଁକି? ସେବକଙ୍କ ମୁଖରୁ ଗୀତାର ଏକ ଶ୍ଳୋକ ନିର୍ଝରିତ ହେବାକୁ ଲାଗିଲା। 'ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ। ଅଭ୍ୟୁତ୍ଥାନଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ।। ପରିତ୍ରାଣାୟ ସାଧୁନାଂ ବିନାଶାୟଚ ଦୁଷ୍କୃତାମ୍। ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ।।' ଏହାର ଅର୍ଥ ହେ ଭାରତ। ଯେଉଁ ଯେଉଁ ସମୟରେ ଧର୍ମର ଅବକ୍ଷୟ ହୁଏ ସେହି ସେହି ସମୟରେ ମୁଁ ନିଜର ରୂପ ସୃଷ୍ଟି କରିଥାଏ ଅର୍ଥାତ୍ ସାକାର ରୂପରେ ଲୋକମାନଙ୍କ ସମ୍ମୁଖରେ ପ୍ରକଟିତ ହୁଏ। ସାଧୁ ପୁରୁଷ ମାନଙ୍କୁ ଉଦ୍ଧାର କରିବା ପାଇଁ ପାପୀ ମାନଙ୍କୁ ବିନାଶ କରିବା ପାଇଁ ଏବଂ ଧର୍ମ ସଂସ୍ଥାପନ କରିବା ପାଇଁ ମୁଁ ଯୁଗେ ଯୁଗେ ପ୍ରକଟ ହୋଇଥାଏ।

ଚନ୍ଦନ ପଚାରିଲା ଯଦି ଭଗବାନ ଧର୍ମ ସଂସ୍ଥାପନ କରନ୍ତି ପ୍ରକୃତରେ କ'ଣ ସମସ୍ତେ ଧାର୍ମିକ ହୋଇଯାଆନ୍ତି। ସେବକ ଏହାର ଉତ୍ତର ଦେଇ କହିଥିଲେ ନା, ସେମାନଙ୍କର ସଂଖ୍ୟା ଖୁବ କମ ଓ ନଗଣ୍ୟ। ତେଣୁ ପ୍ରଭୁଙ୍କୁ ବାରମ୍ବାର ପୃଥିବୀକୁ ଜନ ସମାଜର ହିତ ନିମନ୍ତେ ଜନ୍ମ ନେବାକୁ ପଡ଼ିଥାଏ। ଚନ୍ଦନ ପୁଣି ପ୍ରଶ୍ନ କଲା ଯଦି ଭଗବାନ ବାରମ୍ବାର ଏ ଧରାପୃଷ୍ଠରେ ଜନ୍ମ ନେଉଛନ୍ତି ତେବେ ତାଙ୍କର ସମାଧି ଗୁଡ଼ିକ କ'ଣ ସୂଚନା ଦେଉଛି? ଉଦାହରଣ ସ୍ୱରୂପ ଚନ୍ଦନ ସେବକଙ୍କୁ କହିଲା ଆପଣ ତ ଭଲକା ତୀର୍ଥ କ'ଣ ଜାଣିଥିବେ ସେବକ ଏହା କ'ଣ ବୋଲି ପଚାରିବାରୁ ଚନ୍ଦନ କହିଲା ଗୁଜୁରାଟର ପଶ୍ଚିମ ସାମୁଦ୍ରିକ ତଟରେ ଅବସ୍ଥିତ ସୌରାଷ୍ଟ୍ରର ଭୀରାଭଲ ଠାରେ ଏହା ଅବସ୍ଥିତ। ସେହିଠାରେ ଜରାଶବର କୃଷ୍ଣଙ୍କୁ ତୀରମାରି ହତ୍ୟା କରିଥିଲା। ସେଠାରେ ତାଙ୍କର ସମାଧି ମନ୍ଦିର ରହିଅଛି। ସେହିପରି ଶିରିଡ଼ିର ବୁଟି ୱାଡା ଠାରେ ୧୫ ଅକ୍ଟୋବର ୧୯୧୮ ବିଜୟା ଦଶମୀ ଦିନ ଶିରିଡ଼ିର ସାଇବାବା ଦେହତ୍ୟାଗ କରିଥିଲେ ଓ ତାଙ୍କର ଏକ ସମାଧି ମନ୍ଦିର ସ୍ଥାପନ କରାଯାଇଛି। ସେହିପରି ଚନ୍ଦନ କହିଲା ସତ୍ୟସାଇ ବାବାଙ୍କର ସମାଧୀ ପୀଠ ଆନ୍ଧ୍ରପ୍ରଦେଶର ଅନନ୍ତପୁର ଜିଲ୍ଲାର ପୁଟ୍ଟପର୍ତ୍ତିଗ୍ରାମରେ ୨୪.୦୪.୨୧୧ରେ ଦେହତ୍ୟାଗ କରିବା ପରେ ସର୍ବସାଧାରଣ ଭକ୍ତଙ୍କ ନିମନ୍ତେ ଖୋଲା ଯାଇଛି ଓ ସେ ସମାଧିପୀଠର ଅଗ୍ରଭାଗରେ ଲେଖାଯାଇଛି 'ସମସ୍ତଙ୍କୁ ଭଲ ପାଆ, ସମସ୍ତଙ୍କର ସେବା କର'।

ହେ ମହାଶୟ! ଏପରି ଅଗଣିତ ସମାଧିପୀଠ ଅନେକ ସାଧୁ ସନ୍ଥମାନଙ୍କର ମଧ୍ୟ ରହିଅଛି। ଏହା କ'ଣ ସୂଚନା ଦେଉଛି। ସେବକ କହିଲା ପ୍ରଭୁ ଦୟାମୟ ସେ ସମସ୍ତଙ୍କର ରୋଗ, ଦୁଃଖ, ଶୋକ ପ୍ରଭୃତିକୁ ହରଣ କରି ନିଅନ୍ତି। ନର୍ଦ୍ଦମାକ୍ତଜଳ ନଦୀରେ ମିଶି ଶେଷରେ ସମୁଦ୍ରରେ ମିଶୁଥିଲେ ମଧ୍ୟ ନଦୀ ଓ ସମୁଦ୍ରର କିଛି ଅଂଶ ଯେପରି ପ୍ରଦୂଷିତ ହେଉଥାଏ ସେହିପରି ଆମ୍ଭେମାନେ ବାରମ୍ବାର ଭୁଲକରି ମଧ୍ୟ ଯେତେବେଳେ ପ୍ରଭୁଙ୍କର ଶରଣାପତ ହେଉ ସମୁଦ୍ର ସ୍ୱରୂପ ଭଗବାନଙ୍କର ମାନବ ଶରୀର କିଛି ଅଂଶରେ ପ୍ରଭାବିତ ହୁଏ। ତା ଛଡ଼ା ସେ ମୃତ୍ୟୁର ଅଧୀନ ନୁହଁନ୍ତି। କୌଣସି ଅଭିଶାପ ଦ୍ୱାରା ମଧ୍ୟ କବଳିତ ନୁହଁନ୍ତି। କିନ୍ତୁ ତାଙ୍କର ସୃଷ୍ଟିର ନିୟମରେ ପରିବର୍ତ୍ତନ ଅବଶ୍ୟମ୍ଭାବୀ। ସେ ସଂସାରରୂପକ ପଙ୍କରୁ ଆମକୁ ଉଦ୍ଧାର କରିବା ପାଇଁ ହାତଧରି ବାହାର କରି ଆଣିବା ପାଇଁ ଚେଷ୍ଟା କରନ୍ତି। ସ୍ୱଳ୍ପ କେତେକ ତାଙ୍କର ହାତ ଧରି ତାଙ୍କର ଉଦ୍ଧାର ପାଆନ୍ତି କିନ୍ତୁ କେତେକ ଷଡ଼ରିପୁ (କାମ, କ୍ରୋଧ, ଲୋକ, ମଦ, ମାତ୍ସାର୍ଯ୍ୟ) ଦ୍ୱାରା ପ୍ରଭାବିତ ହୋଇ ସେ ବଢ଼ାଇଥିବା ହାତକୁ ଧରନ୍ତି ନାହିଁ। ଏପରି ହୋଇଥାଏ ମଣିଷର ଗର୍ବ ପାଇଁ ଭଗବାନ ମଣିଷକୁ ଛାଡ଼ି କେଉଁ ଆଡ଼େ ଚାଲିଯାଆନ୍ତି ନାହିଁ। କାରଣ ସେ ଆମକୁ ପ୍ରେମ କରିବାକୁ ଓ ସମସ୍ତଙ୍କୁ ସେବା କରିବାକୁ ନିର୍ଦ୍ଦେଶ ଦେଇଥାନ୍ତି। ତେଣୁ ସେ ସମସ୍ତଙ୍କ ପାଇଁ ଏହି ପୃଥିବୀରେ ସମାଧି ରୂପରେ ପ୍ରେମର ସ୍ୱରୂପ ଭାବରେ ଅବସ୍ଥାନ କରୁଥିଲେ, କରୁଛନ୍ତି ଓ ଭବିଷ୍ୟତରେ କରୁଥିବେ ମଧ୍ୟ।

**ଅନୀତା ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରାଧାପିକା, ସିଡିଏ, କଟକ, ଦୂରଭାଷ : ୯୮୬୧୧୧୮୬୭୩**

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ଡିସେମ୍ବର ୨୧

# ସାହାଯ୍ୟ କର ନିରନ୍ତର !



ଏ କର୍ମମୟ ସଂସାରରେ ଅନେକ କୁହନ୍ତି ଯେ ମୋ ପାଖରେ ଧନ, ସମ୍ପଦ ବା କ୍ଷମତା ନାହିଁ ମୁଁ କାହାର କିଛି ସାହାଯ୍ୟ କରିପାରିବି ବୋଲି। ଭଗବାନ ଯଦି ଆମକୁ ମୁଠାଏ ଭାତ ଦେଇଛନ୍ତି ଆମେ ତାହା ମଧ୍ୟରୁ ଏକ ଚାମଚ ଦାନ କରିପାରିବା। ଗୋଟିଏ ଗ୍ଲାସର ପାଣିରୁ ଅଧା ଭାଗଟି ଜଣେ ଶୋଷିଲାକୁ ଦେଇପାରିବା। ତେବେ ଏ ସବୁ ଆମେମାନେ ଚାହିଁଲେ ହିଁ ସମ୍ଭବ। ଏ ସଂସାରର କ୍ରୀତଦାସ ନ ହୋଇ ଏହାର ପ୍ରଭୁ ହେବାକୁ ଆମେମାନେ ଚେଷ୍ଟା କରିବା ଦରକାର। କିନ୍ତୁ ଯେତେ ଦିନ ଯାଏଁ ଆମେ ବସ୍ତୁଗତ ଆନନ୍ଦ ଓ ସାଂସାରିକ ସୁଖ ଚାହୁଁଥିବା, ଛୋଟ ଛୋଟ କ୍ଷଣସ୍ଥାୟୀ କାମନା ପୂରଣ କରିବାକୁ ମନ କରୁଥିବା, ସେ ପର୍ଯ୍ୟନ୍ତ ତ ସଂସାରର କ୍ରୀତଦାସ ହେବାକୁ ବାଧ୍ୟ। ଯିଏ କାମନାର ଦାସ ହୋଇପଡ଼େ, ସେ ସଂସାରର ଦାସ ହୁଏ। ଭଗବାନ କେବଳ ତାଙ୍କୁ ନିଜର କରିପାରନ୍ତି। ପ୍ରତ୍ୟେକେ ଯଦି ନିଜ ନିଜର କର୍ତ୍ତବ୍ୟ ସଠିକ ଭାବେ ପାଳନ କରନ୍ତି ତେବେ ପ୍ରକୃତିରେ ବିକୃତି ଦେଖାଦେବନାହିଁ। ବରଂ ପ୍ରକୃତିରେ ସାମ୍ୟ ଓ ଶୃଙ୍ଖଳା ଦେଖାଦେବ। ପ୍ରକୃତି ଉପରେ ପ୍ରଭୁତ୍ୱ ହାସଲ କରିବାର ଏକମାତ୍ର ଉପାୟ ହେଉଛି ଭଗବାନଙ୍କ ପାଖରେ ସମ୍ପୂର୍ଣ୍ଣ ସମର୍ପଣ। ଆମେ ଯେଉଁଠାରୁ ଆସିଛୁ, ଆମର ସେଇ ପ୍ରକୃତ ଘରକୁ ଆମେ ଭୁଲି ଗଲୁଣି। ଗୋଟିଏ ଛୋଟ ଉଦାହରଣ ଦେଉଛି। ଜଣେ ରାଜା ଗୋଟିଏ ଶୁଆ ପୋଷିଥିଲେ। ସେ ତାକୁ ରସାଳ ଫଳମାନ ଖୁଆଉଥିଲେ, ସୁମିଷ୍ଟ ରସ ପିଆଉଥିଲେ ଏବଂ ଗୋଟିଏ ସୁନ୍ଦର ସୁନା ପଞ୍ଜୁରୀରେ ରଖିଥିଲେ। କିନ୍ତୁ ସେ ଶୁଆଟି ତିଳେ



ହେଲେ ସୁଖ ପାଉ ନଥିଲା। କାହିଁକି? ସେ ଚାହୁଁଥିଲା, ପୁଣି ତା'ର ସେଇ ଗଛ ଡାଳରେ ଥିବା ବସାକୁ ଉଡିଯାଆନ୍ତା, ବିଭିନ୍ନ ଗଛର ତଟକା ଫଳ ଖାଇ ସ୍ୱାଧୀନ ଭାବରେ ରହନ୍ତା। ଆଜିକାଲିର ମଣିଷ ସେ ଶୁଆଠାରୁ ମଧ୍ୟ ବୁଦ୍ଧିଆ ନୁହେଁ। ସେ ନିଜ ଘରକୁ ଫେରିଯିବାକୁ ମୋଟେ ଆଗ୍ରହ ପ୍ରକାଶ କରୁନାହିଁ। ଜଣେ, ଖୁବ ବଡ଼ ପଣ୍ଡିତ ତ' ହୋଇପାରନ୍ତି, ମହାନ ହୋଇ ନପାରେ। ନିଜ ଘରଠାରୁ ବଡ଼ ଆଉ କିଛି ହୋଇ ନପାରେ। ନିଜ ଘରେ ଏକ ସରଳ ଜୀବନଯାପନ କରିବା ଅପେକ୍ଷା, ବିଦେଶରେ ବିଳାସୀ ଜୀବନ ମଧ୍ୟ ନିକୃଷ୍ଟତର। ଆମର ପ୍ରକୃତ ସ୍ୱଭାବ ହେଉଛି ଦିବ୍ୟ-ଆନନ୍ଦ- ତାହା କେବଳ ମୋକ୍ଷରେ, ଆତ୍ମାର ମୁକ୍ତିରେ ହିଁ ମିଳିବ। କଥିତ ଅଛି ଯେ 'ସତ୍ୟମେବ ଜୟତେ'। ଅର୍ଥାତ୍ ସତ୍ୟର ବିଜୟ ସୁନିଶ୍ଚିତ। ସତ୍ୟ କ'ଣ? ଯାହା ଦେଖିଛ, ଯାହା ଶୁଣିଛି ବା ଯାହା ପଢ଼ିଛି, ଠିକ ସେୟା କହିବାକୁ ହେବ। ଚିନ୍ତା, କଥା ଓ କାମରେ ସମତାଳ ରହିବା ଉଚିତ। ନିଜେ କରିଥିବା ଶପଥ ବା ପ୍ରତିଜ୍ଞା ରକ୍ଷା ଲାଗି ସମସ୍ତ ପ୍ରକାର ପ୍ରଲୋଭନ ଓ ଅସୁବିଧାକୁ ଏଡ଼େଇବା ପାଇଁ ପ୍ରସ୍ତୁତ ହେବା ଉଚିତ। ଥରେ ମିଛ କହିବା ଅଭ୍ୟାସ ହୋଇଗଲେ, ଛାଡ଼ିବା କଷ୍ଟକର ହୋଇପଡ଼େ। ଦଣ୍ଡ ପାଇବା ଭୟରୁ ପିଲାମାନେ ମିଛ କଥା କହିଥାନ୍ତି, କିନ୍ତୁ ମନେରଖ ସେ ଦଣ୍ଡ ଆମର ଭବିଷ୍ୟତ ମଙ୍ଗଳ ପାଇଁ। ଜଣେ ଭୁଲ କରିପାରେ, କିନ୍ତୁ ସେ ସେଥିପାଇଁ ଅନୁତାପ ଓ ଅଙ୍ଗୀକାର କରିବା ଉଚିତ। ଆମେ ସମସ୍ତେ ହରିଶ୍ଚନ୍ଦ୍ରଙ୍କ ଗଳ୍ପ ଜାଣିଛେ-ନିଜର ସତ୍ୟ ରକ୍ଷା କରିବା ପାଇଁ ସେ କିଭଳି ତାଙ୍କ ରାଜ୍ୟ ଛାଡ଼ିଲେ ସ୍ତ୍ରୀ, ପୁତ୍ରକୁ ବିକ୍ରୟ କରିଥିଲେ। ସତ୍ୟ କେବଳ ଆମକୁ ଚିରନ୍ତନ ଯଶ ଓ ଖ୍ୟାତି ଦେଇପାରିବ।



ସତ୍ୟ କହିବା ଲାଗି ଓ ସାଧୁତା ଲାଗି ତୁମକୁ କ୍ଷମା ଆଚରଣ କରିବାକୁ ପଡ଼ିବ। ଯେ କୌଣସି କ୍ଷେତ୍ର ହେଉ ନା କାହିଁକି, ଯେକୌଣସି ପ୍ରଚେଷ୍ଟା ହେଉନା କାହିଁକି ସେଥିରେ ସଫଳ ହେବାକୁ ହେଲେ, କ୍ଷମା ଭାବ ନିହାତି ଦରକାର। ଋଷି ଓ ମହାତ୍ମାମାନଙ୍କ ପକ୍ଷରେ କ୍ଷମା ଆଚରଣ କରିବା ମଧ୍ୟ କଷ୍ଟକର ହୋଇ ପଡ଼ିଛି। ଏହି କ୍ଷମା ଅସ୍ତ୍ର ସାହାଯ୍ୟରେ ଆମେ ସବୁ ପ୍ରକାର ବାଧାବିଘ୍ନକୁ ଦୂରେଇ ଦେଇ କୃତକାର୍ଯ୍ୟ ହୋଇପାରିବା। ଯେଉଁ ଗୁଣ ଗୁଡ଼ିକ ପରିତ୍ୟାଗ କରିବାକୁ ହେବ, ସେଗୁଡ଼ିକ ହେଲା, ଈର୍ଷା ଓ ଅହଂକାର। ଈର୍ଷା ଉଈଙ୍କ ଭଳି ଗଛର ଚେରକୁ କାଟି ପକାଏ ସଂସାରରେ ଭୋଗିବାକୁ ପଡୁଥିବା ସମସ୍ତ ରୋଗ ଓ ଦୁଃଖର ମୂଳକାରଣ ହେଉଛି ଈର୍ଷା। ଆମଠାରୁ ବେଶି ପାଉଥିବା ଭଲ, ପିନ୍ଧୁଥିବା ଓ ବଡ଼ ପଦବୀରେ ଥିବା ପିଲାମାନଙ୍କ ପ୍ରତି ଆମେ ଈର୍ଷାପରାୟଣ ହେବା ଉଚିତ ନୁହେଁ। ଅପରପକ୍ଷରେ, ଅନ୍ୟମାନଙ୍କର ସଫଳତାରେ ଆମେ ଆନନ୍ଦିତ ହେବା ଉଚିତ। ଯେଉଁମାନେ ଏହି ଈର୍ଷାରୁ ମୁକ୍ତ ସେଇମାନେ ହିଁ ଭଗବାନଙ୍କ ପ୍ରିୟ ସନ୍ତାନ। ସର୍ବୋପରି ଆମର ଶୃଙ୍ଖଳା ଅଭ୍ୟାସ କରିବାକୁ ହେବ। ଶୃଙ୍ଖଳା ବିନା କୌଣସି ନିୟମ ରହିବ ନାହିଁ, କେବଳ ଗୋଳମାଳ ଓ ଅବ୍ୟବସ୍ଥା ହିଁ ସାର। ଶୃଙ୍ଖଳା, କର୍ତ୍ତବ୍ୟ ଓ ଭକ୍ତି ତିନଟିକୁ ଜୀବନରେ ପାଳନ କରିବା ଜରୁରୀ। ଆଉ ଗୋଟିଏ ଗୁଣ ଅଭ୍ୟାସ କରିବାକୁ ହେବ, ତାହା ହେଉଛି ତ୍ୟାଗ। ଅନ୍ୟମାନଙ୍କୁ ସାହାଯ୍ୟ କରିବାର ଗୁଣ ହିଁ ତ୍ୟାଗ। ଆମ ଶକ୍ତି ଓ ସାମର୍ଥ୍ୟ ଭିତରେ ରହି ସେମାନଙ୍କୁ ସାହାଯ୍ୟ କରିବା। ମନେପଡୁଛି ଏକ ଭଗବତ ବାଣୀ-

*'ସାହାଯ୍ୟ କର ନିରନ୍ତର, କ୍ଷତି ନକର କାହାର।'*

**ଦେବଦତ୍ତ ବିଶ୍ୱାଳ**, ରାମନିଗମେଶ୍ୱର ମନ୍ଦିର, ଚହଟା, କଟକ, ଦୂରଭାଷ : ୯୮୬୧୯୪୪୫୯୪

## ଆଜିର ଅନୁଚିନ୍ତା

*କୁଳ ଯେପରି, ଆଚାର ସେହିପରି। ଅର୍ଥାତ୍ ବ୍ୟକ୍ତି ନିଜେ ଯାହା ଶିଖିଥାଏ, ତଦନୁସାରେ ତା'ର ଆଚାର ବ୍ୟବହାର ପ୍ରକାଶ ପାଇଥାଏ।*

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# କ୍ୱାଡ ଓ ୟୁରୋପର ଦୋମୁହାଁ ନୀତି

ସୌମେନ୍ଦ୍ର ଜେନା



ବିଦେଶ ନୀତିରେ କୌଣସି ଗୋଷ୍ଠୀ ବା ରାଷ୍ଟ୍ର କେବଳ ଆପଣାର ନିହିତ ସ୍ୱାର୍ଥକୁ କେନ୍ଦ୍ରକରି ନୁହେଁ ବରଂ ସଦସ୍ୟ ରାଷ୍ଟ୍ରମାନଙ୍କ ଇଚ୍ଛାକୁ ମଧ୍ୟ ସମ୍ମାନ ଜଣାଇବାକୁ ହୋଇଥାଏ । ଏହି ସମ୍ମାନ ବା ବିଶ୍ୱାସର ଅଭାବ ଯେଉଁଠି ଦେଖାଦିଏ ସେଠାରେ ସମସ୍ୟା ସୃଷ୍ଟି ହୋଇଥାଏ । ଯେଉଁଥିପାଇଁ ଏହିସବୁ ଗୋଷ୍ଠୀ ବା ରାଷ୍ଟ୍ରମାନେ ଭାରତକୁ ବାରମ୍ବାର ଟାର୍ଗେଟରେ ରଖି ଆନ୍ତର୍ଜାତିକ ମଞ୍ଚରେ ଭାରତଠୁ ସମର୍ଥନ ପାଇବାକୁ ଆଶା ରଖୁଥିଲେ ମଧ୍ୟ ସବୁଠି ଆଖିବୁଜା ସମର୍ଥନ ପାଇପାରୁନାହାନ୍ତି । ସେମାନେ ବିଶ୍ୱମଞ୍ଚକୁ ନିଜ ସମସ୍ୟା ଉତ୍ଥାପନର ସୁଯୋଗ ମନେକରି କାର୍ଯ୍ୟ କରୁଛନ୍ତି । ଯେପରି କ୍ୱାଡରେ ଚାରିଗୋଟି ରାଷ୍ଟ୍ର ଆମେରିକା, ଜାପାନ, ଅଷ୍ଟ୍ରେଲିଆ ଓ ଭାରତ ସଦସ୍ୟ ରାଷ୍ଟ୍ର ରହିଛନ୍ତି । କିନ୍ତୁ ଏହିସବୁ ରାଷ୍ଟ୍ର ଭାରତର ନିଜସ୍ୱ ମାନଚିତ୍ରକୁ ଗ୍ରହଣ କରିବାକୁ ରାଜିନାହାନ୍ତି, ଯେଉଁଥିପାଇଁ ନିକଟରେ ଭାରତର ବିଦେଶ ମନ୍ତ୍ରୀ ଏସ୍. ଜୟଶଙ୍କର ଏକ କାର୍ଯ୍ୟକ୍ରମରେ ଖୋଲାଖୋଲି ନିଜ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ୟୁକ୍ରେନ ମାମଲାକୁ କ୍ୱାଡ ବୈଠକରେ ଉଠାଇ ଅନ୍ୟ ତିନି ରାଷ୍ଟ୍ର ରୁଷିଆ ବିରୋଧୀ ମେଣ୍ଟ ଗଢିବାକୁ ଯେଉଁ ଲକ୍ଷ୍ୟ ରଖିଥିଲେ ତାକୁ ଭାରତ ବିଫଳ କରିଛି । ଏହି ସମସ୍ୟା କ୍ୱାଡ ସଦସ୍ୟ ରାଷ୍ଟ୍ରମାନଙ୍କ ସମସ୍ୟା କିମ୍ବା ପ୍ରଶାନ୍ତ-ହିନ୍ଦ ମହାସାଗରୀୟ କ୍ଷେତ୍ରର ସମସ୍ୟା ହୋଇନଥିବା ହେତୁ ଭାରତ ସେହି ବୈଠକରେ ଅନ୍ୟରାଷ୍ଟ୍ରମାନଙ୍କ ଉଦ୍ୟମକୁ ବିରୋଧ କରିବା ସହ କ୍ୱାଡକୁ ରୁଷ-ବିରୋଧୀ ମେଣ୍ଟରେ ପରିଣତ ନକରିବାକୁ ଅନ୍ୟ ରାଷ୍ଟ୍ରମାନଙ୍କୁ ଚେତାବନୀ ଦେଇଥିଲା । କ୍ୱାଡ ଗୋଷ୍ଠୀରେ ବିଶେଷତଃ ସାମୁଦ୍ରିକ ମୁକ୍ତ ବାଣିଜ୍ୟ, ସାମୁଦ୍ରିକ ପରିବହନରେ ସୁରକ୍ଷା, ସାମୁଦ୍ରିକ ମାର୍ଗରେ ଉତ୍ତେଜନା ହ୍ରାସ, ଚୀନର ବିସ୍ତାରବାଦୀ ନୀତି, ସାମୁଦ୍ରିକ ମାର୍ଗଗୁଡ଼ିକୁ ସାମରିକୀକରଣଠାରୁ ଦୂରେଇ ରଖିବା ପରି ବିଷୟଗୁଡ଼ିକ ରହିଛି । ଅଥଚ ଏସବୁ ବିଷୟରେ ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଅଧିକ ଆଲୋଚନା ବଦଳରେ କ୍ୱାଡ ବୈଠକରେ ୟୁରୋପର ଆଞ୍ଚଳିକ ସମସ୍ୟାକୁ ବିଶ୍ୱସମସ୍ୟା ଭାବେ ସମସ୍ତଙ୍କ ଉପରେ ଲଦି ଦେବାଲାଗି ଯେପରି ଉଦ୍ୟମ ହୋଇଆସୁଛି ଭାରତ ତାକୁ ବିରୋଧ କରୁଛି । କାରଣ ଏହି ଚାରିଗୋଟି ରାଷ୍ଟ୍ର ମଧ୍ୟରୁ ରୁଷିଆ ସହ ଭାରତର ଦୀର୍ଘ ଦଶନ୍ଧିର ସହଯୋଗ ଏବଂ ବନ୍ଧୁତା ରହିଆସିଛି । ଉଭୟ ରାଷ୍ଟ୍ର ପ୍ରତିରକ୍ଷା, ବିଜ୍ଞାନ, ଶକ୍ତି, ଆର୍ଥିକ କ୍ଷେତ୍ରରେ ବହୁ ବିପଦପୂର୍ଣ୍ଣ ସମୟରେ ପରସ୍ପରକୁ ସାହାଯ୍ୟ କରିଆସିଛନ୍ତି । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ କାଳରେ ପ୍ରତିରକ୍ଷା ଜ୍ଞାନ କୌଶଳ, ଶକ୍ତି ଉତ୍ପାଦନରେ ସହଯୋଗ, ସେନାବାହିନୀର ଆଧୁନିକୀକରଣ, ମହାକାଶ କ୍ଷେତ୍ରରେ ଗବେଷଣା, ଉତ୍ପାଦନଭିତ୍ତିକ କାରଖାନା ନିର୍ମାଣ ପରି ବହୁ କ୍ଷେତ୍ରରେ ଭାରତକୁ ରୁଷିଆ ସାହାଯ୍ୟ କରି ଆସିଥିବା ସମୟରେ ଆମେରିକା, ୟୁରୋପ ଆଦି ରାଷ୍ଟ୍ର ଭାରତକୁ ଜ୍ଞାନ କୌଶଳ ଦେବାକୁ ମନା କରିଥିଲେ । ଏପରିକି ଜାତିସଂଘରେ ଭିନ୍ନ ଭିନ୍ନ ସମୟରେ ଭାରତ ବିରୋଧରେ ପ୍ରସ୍ତାବ ଆସିବା ବେଳେ ରୁଷିଆ ବାରମ୍ବାର ଭିଟୋ ପ୍ରୟୋଗ କରି ଭାରତକୁ ରକ୍ଷାକରିଆସିଛି । ଆବଶ୍ୟକ ବେଳେ ଆମେରିକାର ଯୁଦ୍ଧପୋତର ପଥରୋଧ ମଧ୍ୟ କରିଛି । କ୍ୱାଡ ଗୋଷ୍ଠୀର ଜାପାନ ଏବଂ ଅଷ୍ଟ୍ରେଲିଆ ଭାରତପରି ଯୁକ୍ତରାଷ୍ଟ୍ର ଆମେରିକା ସମ୍ମୁଖରେ ଖୋଲାଖୋଲି ବିରୋଧ କରିପାରୁନାହାନ୍ତି । ଜାପାନ ୭୫ ବର୍ଷରୁ ଅଧିକ କାଳ ହେଲା ଆମେରିକାର ଛାୟା ରାଷ୍ଟ୍ର ଭାବେ ରହିବା ସହ ଆବଶ୍ୟକ ପ୍ରତିରକ୍ଷା କ୍ଷେତ୍ରରେ ବିକାଶ କରିପାରିନାହିଁ । ଯେଉଁ ଚୀନ ଅତୀତରେ ଜାପାନ ଅଧିନରେ ଥିଲା ଏବେ ସେନାଶକ୍ତି ବଳରେ ସେମାନେ ଜାପାନକୁ ଧମକ ଦେଉଛନ୍ତି । ଅଷ୍ଟ୍ରେଲିଆ ମଧ୍ୟ ଚୀନଠାରୁ ଅନେକ ଧମକ ଶୁଣି ଆସିଛି, ବାଣିଜ୍ୟିକ କଟକଣାକୁ ଦେଖି ଆସିଛି, ଅକୁଶ ଗୋଷ୍ଠୀରେ ରହି ଆମେରିକାର ସବ୍‌ମେରିନ୍ ଥୋପ ଦେଖି ଫ୍ରାନ୍ସ ସହ ବୁଝାମଣାରୁ ଓହରି ଯାଇଛି ।

ଏବେ ଆମେରିକା କଥା ବିଚାର କରାଯାଉ । ସ୍ୱାଧୀନତା ପର ୬୦ବର୍ଷ ପର୍ଯ୍ୟନ୍ତ ଆମେରିକା ଭାରତ ପାଇଁ ଶତ୍ରୁ ରାଷ୍ଟ୍ର ରହି ପାକ୍-ଚୀନକୁ ସମର୍ଥନ ଏବଂ ସହଯୋଗ କରିଆସିଛି । କାଶ୍ମିର ମାମଲାକୁ ଆନ୍ତର୍ଜାତିକ ବିଷୟ କରିବା, ଜାତିସଂଘରେ ପାକ୍‌ମତକୁ ସମର୍ଥନ କରିବା, ଭାରତ ବିରୋଧୀ ପ୍ରସ୍ତାବ ଜାତିସଂଘରେ ଆଣିବା, ମାନବାଧିକାରକୁ ଅସ୍ତ୍ର କରି ଭାରତ ବିରୋଧୀ ପ୍ରଚାର ଚଳାଇବା, ସନ୍ତ୍ରାସବାଦୀ କାରଖାନା ପାକିସ୍ତାନରେ ଚାଲିବା ନିମନ୍ତେ ଅସ୍ତ୍ରଶସ୍ତ୍ର, ପ୍ରଶିକ୍ଷଣ ଓ ଅନୁଦାନ ଯୋଗାଇଦେବା ପରି କାର୍ଯ୍ୟ କରିଆସିଛି । ଏବେ ମଧ୍ୟ ଆମେରିକାର ସିନେଟ ସଦସ୍ୟମାନେ ପାକ୍ ଗସ୍ତକରି ଭାରତ ବିରୋଧୀ ଏଜେଣ୍ଡା ନେଇ କାର୍ଯ୍ୟ କରିବାରେ ବ୍ୟସ୍ତ । ଶାସକଦଳ ଡେମୋକ୍ରାଟର ସିନେଟର ଇଲହାନ ଉମର ଏହାର ପ୍ରମାଣ । ଭାରତ ସରକାର, ଭାରତର ନୀତି, ସାମାଜିକ ବ୍ୟବସ୍ଥା,ଧାର୍ମିକ ଶୃଙ୍ଖଳାକୁ ଭାଙ୍ଗିବା ପାଇଁ ଅନେକ ଏନ୍‌ଜିଓଙ୍କୁ ଆମେରିକା ଆଜି ମଧ୍ୟ ଅର୍ଥ ଅନୁଦାନ ଦେଉଛି । ଆମେରିକାର ଗଣମାଧ୍ୟମଠାରୁ ଆରମ୍ଭ କରି ଧନପତିମାନଙ୍କ ପର୍ଯ୍ୟନ୍ତ ଖୋଲାଖୋଲି ଭାବେ ଭାରତ ବିରୋଧୀ ମନ୍ତବ୍ୟ ଦେଉଥିବା ଆମେ ଶୁଣିବାକୁ ପାଉଛୁ । ଭାରତକୁ ଋପଗ୍ରସ୍ତ କରିବା ପାଇଁ ପାକ୍ ସରକାରଙ୍କୁ ଭିନ୍ନ ଭିନ୍ନ ଆଳରେ ବାଇଡେନ ସରକାର ଅର୍ଥ ଅନୁଦାନ ଯୋଗାଇବାରେ ବ୍ୟସ୍ତ । ଗୋଟିଏ ପଟେ ଭାରତର ସହଯୋଗ ଲୋଡି ବନ୍ଧୁତା କଥା କହୁଥିବା ଆମେରିକା ସବୁ ସପ୍ତାହରେ ଭାରତକୁ ଭିନ୍ନ ଭିନ୍ନ ପ୍ରସଙ୍ଗରେ ନାଲିଆଖି ଦେଖାଇ ଭୟଭୀତ କରିବାକୁ ଚେଷ୍ଟା କରୁଥିବା ଆମେ ଦେଖିବାକୁ ପାଉଛୁ । ରୁଷିଆରୁ ତୈଳ ପରିବହନ, ଇରାନର ତୈଳକ୍ରୟ, ଏସ୍-୪୦୦ କ୍ଷେପଣାସ୍ତ୍ର ବ୍ୟବସ୍ଥା, ମ୍ୟାନମାର ସହ ସଂପର୍କ ପରି ଅନେକ ପ୍ରସଙ୍ଗରେ ଆମେରିକାର ଭାରତ ବିରୋଧୀ ଆଭିମୁଖ୍ୟ ଦେଖାଇଛି । ଅତୀତରେ ନରେନ୍ଦ୍ର ମୋଦିଙ୍କ ଉପରେ କଟକଣା ଲଗାଇବା ହେଉ କିମ୍ବା ପ୍ରତିରକ୍ଷା ମନ୍ତ୍ରୀ ଜର୍ଜ ଫର୍ଣ୍ଣାଡିଜଙ୍କ ଯାତ୍ରାବେଳେ ଶରୀର ଯାଞ୍ଚ ଘଟଣା ହେଉ; ଭାରତ ସରକାର ଏସବୁକୁ ସହଜ ଭାବେ ଗ୍ରହଣ କରିପାରିନାହାନ୍ତି । ଆଜି ବାଇଡେନଙ୍କ ଶାସନରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିକୁ ଅସମ୍ମାନ କରିବା ହେଉ, ଖାଲିସ୍ତାନୀ ନେତାମାନଙ୍କୁ ଶରଣ ଦେବା ହେଉ, କାଶ୍ମିର ମାମଲାରେ ଭାରତ ବିରୋଧୀଙ୍କୁ ଆର୍ଥିକ ଓ ରାଜନୈତିକ ପ୍ରୋତ୍ସାହନ ଦେବା ବିଷୟ ହେଉ, ଏସବୁରେ ଆମେରିକାର ନୀତି ଭାରତ ବିରୋଧୀ ରହିଆସିଛି । ଆମେରିକା ସେନା ଭାରତର ହିମାଚଳର ଚୀନ ସୀମାବର୍ତ୍ତୀ ଅଞ୍ଚଳରେ ମାଉଣ୍ଟେନ ୱାରଫେୟାରରେ ଭାରତୀୟ ସେନା ସହ ଅଭ୍ୟାସ କରୁଥିବା ସମୟରେ ତେଣେ ପେଣ୍ଟାଗନ କର୍ତ୍ତୃପକ୍ଷ ପାକ୍‌ର ପୂର୍ବତନ ସେନାମୁଖ୍ୟ ଜେନେରାଲ ବାଜୱା ଏବଂ ଆଇଏସ୍‌ଆଇ ଅଧିକାରୀମାନଙ୍କ ସହ ନିବିଡ ସଂପର୍କରେ ବ୍ୟସ୍ତ । ଆମେରିକାର ଏହି ଡବଲ୍‌ଗେମ ସହ ଭାରତ ପୂର୍ବରୁ ଅଭ୍ୟସ୍ତ ରହିଆସିଛି । ଅତୀତରେ କ୍ରାୟୋଜେନିକ ଇଞ୍ଜିନର ଜ୍ଞାନକୌଶଳ ଭାରତକୁ ଦେବାକୁ ମନା କରିବା, ପରମାଣୁ ରିଆକ୍ଟର ବିକ୍ରି କରିବାକୁ ମନା କରିବା, ଭାରତର ପ୍ରତିରକ୍ଷା ପ୍ରକଳ୍ପରେ ସହଯୋଗକୁ ମନା କରିବା, ଭାରତର ପରମାଣୁ ବୋମାର ଜନକ ବୈଜ୍ଞାନିକ ହୋମି ଜହାଙ୍ଗୀର ଭାବା ଏବଂ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କୁ ଦେଢମାସ ମଧ୍ୟରେ ହତ୍ୟା କରିବା ପାଇଁ ଷଡଯନ୍ତ୍ର ସୃଷ୍ଟି କରିବା ସମସ୍ତଙ୍କୁ ଜଣାଅଛି । ବଙ୍ଗଳାଦେଶ ଯୁଦ୍ଧ ବେଳେ ଭାରତକୁ ଧମକ ଦେଇ ସପ୍ତମ ନୌଭେଳା ପ୍ରେରଣ କରିବା, ଜାତିସଂଘରେ ଇନ୍ଦିରା ଗାନ୍ଧିଙ୍କ ବକ୍ତବ୍ୟକୁ ରୋକିବା ଭଳି ଅନେକ ଘଟଣାରେ ଆମେରିକାର ସଂକୀର୍ଣ୍ଣତା ଭାରତର ଲୋକେ ଦେଖିଛନ୍ତି । ଭାରତ ସହ ଭିନ୍ନ ଭିନ୍ନ ପ୍ରତିରକ୍ଷା ବୁଝାମଣା କରିଥିବା ସତ୍ତ୍ୱେ ପାକିସ୍ତାନର ଏଫ-୧୬ ଯୁଦ୍ଧବିମାନର ଆଧୁନିକୀକରଣ ପାଇଁ ରକ୍ଷଣାବେକ୍ଷଣ ଆଳରେ ଯେଉଁ ଅନୁଦାନ ଆମେରିକା ଘୋଷଣା କରିଛି ତାହା ଭାରତ ବିରୋଧୀ ସନ୍ତ୍ରାସୀ କାର୍ଯ୍ୟରେ ଯେ ଅତୀତ ଦିନପରି ବିନିଯୋଗ ହେବ ତାହା ବେଶ ସ୍ପଷ୍ଟ । ତେଣୁ କ୍ୱାଡ ଗୋଷ୍ଠୀରେ ଭାରତକୁ ସ୍ଥାନ ଦେଇ ଯଦି ଆମେରିକା ଭାବୁଥାଏ ଯେ ଭାରତ ଏସବୁକୁ ଗୁରୁତ୍ୱ ଦେବନାହିଁ ଏବଂ ବାଇଡେନ ସରକାରଙ୍କ ଇଚ୍ଛାନୁସାରେ ରୁଷିଆ ବିରୁଦ୍ଧରେ ଯିବା ସହ କାର୍ଯ୍ୟକରିବ, ତାହା ଭୁଲ କଥା । ଭାରତ ପାଇଁ ଆମେରିକା ଜଣେ ଅଳ୍ପବର୍ଷର ବନ୍ଧୁ ସତ, କିନ୍ତୁ ରୁଷିଆ ଜଣେ ଦୀର୍ଘଦିନର ବିପଦ ବେଳର ସହଯୋଗୀ ରହିଆସିଛି । ରୁଷିଆଠାରୁ ସଂପର୍କ ଛିନ୍ନ କରିବା ପାଇଁ ଭାରତକୁ ଧମକ ଦେଲେ ଯେ ଭାରତ ତୁରନ୍ତ ଗ୍ରହଣ କରିଯିବ, ତାହା ଆଦୌ ଠିକ୍ ନୁହେଁ ।

ୟୁରୋପର ରାଷ୍ଟ୍ରସମୂହ କଥା ବିଚାର କରାଯାଉ । ବ୍ରିଟେନ ଓ ୟୁରୋପୀୟ ସଂଘ ଭାରତ ସହ ମୁକ୍ତ ବାଣିଜ୍ୟ ବୁଝାମଣା କରିବାକୁ ପଛାଉଥିବା ସମୟରେ ବାରମ୍ବାର ଅଲୋଡା ଉପଦେଶ ଦେବାକୁ ପଛାଉନାହାନ୍ତି । କାଶ୍ମିର ମାମଲାରେ ଏମାନେ ବାରମ୍ବାର ପାକ୍ ନୀତିର ସମର୍ଥନ କରିବା ସହ ଭାରତ ବିରୋଧୀ ଗୋଷ୍ଠୀଙ୍କୁ ସେମାନଙ୍କ ରାଷ୍ଟ୍ରରେ ଆର୍ଥିକ ସହଯୋଗ, ରାଜନୈତିକ ଶରଣ ଦେଇ ଆସିଛନ୍ତି । ଭାରତର ଆର୍ଥିକ ଠକମାନଙ୍କୁ ସୁରକ୍ଷା ଦେଇ ନିଜ ରାଷ୍ଟ୍ରରେ ବାଣିଜ୍ୟ କରିବାକୁ ସୁଯୋଗ ଦେଇଛନ୍ତି । ଅତୀତରେ ବଲିଉଡର ସନ୍ତ୍ରାସବାଦୀ ସଂଗୀତକାର ନଦିମକୁ ବ୍ରିଟେନରେ ସ୍ଥାନ ମିଳିବା ସମସ୍ତଙ୍କୁ ଜଣାଅଛି । ଖାଲିସ୍ତାନୀ ଗୋଷ୍ଠୀଙ୍କୁ ସେଠାକାର ଭାରତୀୟ ରାଷ୍ଟ୍ରଦୂତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭାରତ-ବିରୋଧୀ କାର୍ଯ୍ୟକ୍ରମ ପାଇଁ ଅନୁମତି ଦେଉଥିବା ରାଷ୍ଟ୍ରମାନେ ବିଶ୍ୱ ମଞ୍ଚରେ ଭାରତର ନୀରବ ସମର୍ଥନ ଆଶା କରିବା ମୂର୍ଖାମୀ ଛଡା ଅନ୍ୟ କିଛି ନୁହେଁ । ଏତେସବୁ ବିରୋଧାଭାସ ମଧ୍ୟରେ ଭାରତ ସେମାନଙ୍କୁ 'ସାବାସ' କହି ପ୍ରଶଂସା କରିବ, ତାହା ଆଦୌ ଆଶା କରିବାର କଥା ନୁହେଁ ।

କ୍ୱାଡ, ଆମେରିକା, ୟୁରୋପ ସମେତ ଚୀନର ଦୋମୁହାଁ ନୀତିକୁ ଆଜି ରୁଷିଆର ଲୋକେ ଯେମିତି ସନ୍ଦେହ ଦୃଷ୍ଟିରେ ଦେଖୁଛନ୍ତି ଭାରତର ଲୋକେ ସେମିତି ସମାନ ଦୃଷ୍ଟିରେ ଦେଖୁଛନ୍ତି । ରୁଷ-ୟୁକ୍ରେନ ଯୁଦ୍ଧ ସମୟରେ ଆମେରିକା-ୟୁରୋପର ବିରୋଧୀ ମାଡବେଳେ ରୁଷିଆକୁ ଭାରତ ଛାଡି ନପାରି ୪ଗୁଣ ବ୍ୟବସାୟ ବଢାଇ ୨୫ରୁ ୫ମ ସ୍ଥାନକୁ ସହଯୋଗୀ ଭାବେ ଆଣିଛି । ଦୋମୁହାଁ ସାପଙ୍କ ଫଁକୁ ଭୟ ନକରି ରୁଷିଆର ଆର୍ଥିକ ମେରୁଦଣ୍ଡକୁ ସଳଖିବାରେ ଭାରତ ଖୋଲାଖୋଲି ସମର୍ଥନ ଓ ସହଯୋଗ କରିଆସିଛି । ତେଣୁ ବିଶ୍ୱ ମଞ୍ଚରେ ଭାରତର ମନ୍ତ୍ରୀଗଣ ପାଶ୍ଚାତ୍ୟ ଗୋଷ୍ଠୀଙ୍କ ମୁଖା ବାରମ୍ବାର ଉନ୍ମୋଚନ କରି ଆସୁଛନ୍ତି ।

*-ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ଦୁଷ୍ଟାମୀ



ରଜନୀବାବୁ ସକାଳୁ ସକାଳୁ ନିତ୍ୟକର୍ମ ସାରି ଗ୍ୟାରେଜ୍‌ରୁ ଗାଡ଼ି କାଢ଼ି ବାହାରିଗଲେ ଏୟାରପୋର୍ଟ ଅଭିମୁଖେ। ତାଙ୍କର ଏକମାତ୍ର ପୁତ୍ର ବର୍ଷ୍ଣି ଓ ବୋହୂ ରିମା ଆମେରିକାରୁ ଆଜି ଆସି ଓଡ଼ିଶାରେ ପହଞ୍ଚିବେ। ବାହାଘରର ଷୋଳ ମଙ୍ଗଳା ପରେ ପରେ ସେମାନେ ଦୁହେଁ ଆମେରିକା ଚାଲି ଯାଇଥିଲେ। ଦୁହେଁ ସେଠାରେ ଏକ ବଡ଼ କମ୍ପାନୀରେ କାମ କରନ୍ତି। ଏବେ ପ୍ରାୟ ଦେଢ଼ ବର୍ଷ ପରେ ଘରକୁ ଆସୁଛନ୍ତି।

ଆତ୍ମୀୟସ୍ୱଜନ ଓ ବନ୍ଧୁ ଯଦି ପାଖରେ ନଥିବେ, ବିରାଟ ରାଜପ୍ରାସାଦ ମଧ୍ୟ ଶ୍ମଶାନ ଭଳି ମନେହେବ। ତେଣୁ ପୁଅ ଓ ବୋହୂ ଆସୁଥିବାରୁ ମା ଅନୀତାଙ୍କ ଗୋଡ଼ ଆଉ ତଳେ ଲାଗୁନି। ପାଞ୍ଚ/ସାତ ଦିନ ହେଲାଣି, ସେ ତାଙ୍କ ପୁଅକୁ ଯାହା ଯାହା ଭଲ ଲାଗେ ସେଇ ସବୁ ଦ୍ରବ୍ୟଗୁଡ଼ିକ ଯୋଗାଡ଼ିବା ପାଇଁ ରଜନୀବାବୁଙ୍କୁ ବସାଇଉଠାଇ ଦେଉନାହାନ୍ତି। ସକାଳ ଜଳଖିଆରେ ପୁଅ ପାଇଁ ନଡ଼ିଆ ପୂର ଦିଆ ଏଣ୍ଡୁରୀ ପିଠା ସାଙ୍ଗକୁ ସବୁ ପରିବା ପଡ଼ି ଗୋଟେ ଖାଣ୍ଟି ଓଡ଼ିଆ 'ଡାଲ୍‌ମା' କରିବାକୁ ପ୍ରସ୍ତୁତ ହୋଇସାରିଲେଣି ସିଏ ଗଲା ରାତିରୁ। ବାକି ଦ୍ୱିପହର ଭୋଜନରେ ପୁଅ ପାଇଁ ମାଛ ମାର୍କେଟ୍‌ରୁ ଖୋଜା ହୋଇ ଆସିଛି ପୋହଳା ମାଛ ଆଉ ଛୋଟ ଚିଙ୍ଗୁଡ଼ି। ପୋହଳା ମାଛକୁ ଝୋଳ କରିବେ ଏବଂ ପୋଇ, କଖାରୁ, ଆଳୁ, ବାଇଗଣ ସହ ଚିଙ୍ଗୁଡ଼ି ମାଛର ଘାଣ୍ଟିଆ ହେବ। ଏହା ତାଙ୍କ ପୁଅକୁ ବହୁତ ଭଲଲାଗେ। ଏହା ବ୍ୟତୀତ ପାଣିକଖାରୁ ବଡ଼ି ପ୍ରସ୍ତୁତ ହୋଇ ରହିଛି ମାସକ ଆଗରୁ। କଖାରୁ ଶାଗ ଖୋଜା ହୋଇ ଆସିଛି। କାରଣ ବଡ଼ିଫୁଲା ଆଉ କଖାରୁ ଶାଗ ପୁଅର ଭାରି ପ୍ରିୟ ଅଟେ। ମା' ମନ ତ, ଯେତେ କଲେବି, ଯୋଗାଡ଼ ସରେନି। ଆହୁରି କିଛି କରି ରଖିବାକୁ ମନ ବଳାଏ ସିନା, ମା'ର ପ୍ରସ୍ତୁତି କେବେ ସରି ନଥାଏ। ବାସ୍ତବିକ୍, ଜଣେ ମାଆର ନିଜ ସନ୍ତାନ ପ୍ରତି ଥିବା ସ୍ନେହ ସହିତ ପୃଥିବୀର ଅନ୍ୟ କୌଣସି ବସ୍ତୁ ତୁଳନୀୟ ନୁହେଁ।

ସେପଟେ ରଜନୀବାବୁ କେତେବେଳୁ ଏୟାରପୋର୍ଟରେ ପହଞ୍ଚି ଏପାଖ ସେପାଖ ଦୃଷ୍ଟି ପହଁରାଇ ଆଣୁଛନ୍ତି। ହେଲେ କାହିଁ ବର୍ଷ୍ଣିତ କେଉଁଠି ହେଲେ ଦେଖାଯାଉନାହିଁ। ସେ କ'ଣ ଆସିବା ପ୍ରୋଗ୍ରାମ ବଦଳାଇଦେଲା। ପୁଣି ଭାବୁଚନ୍ତି, ପ୍ଲେନ୍ କଣ ଆଉ ବିଳମ୍ବ ଅଛି କି? ଏହିପରି ନାନା ପ୍ରଶ୍ନବାଚୀରେ ମୁଣ୍ଡଟା ଭାରାକ୍ରାନ୍ତ ହେଉଥିଲା ବେଳକୁ ବେଳ ତାଙ୍କର। ହଠାତ୍ ତାଙ୍କ ଫୋନ୍‌ଟି ବାଜି ଉଠିଲା। ପକେଟ୍‌ରୁ ଫୋନ୍ କାଢ଼ି କାନରେ ଦେଲେ। ହଁ ବର୍ଷ୍ଣିର ହିଁ ଫୋନ୍, ସେପାଖରୁ ବର୍ଷ୍ଣି କହୁଥିଲା, "ବାବା, ଆମେ ଆଜି ଏୟାରପୋର୍ଟରୁ ସିଧା ସିଧା କଟକ ଚାଲିଆସିଲୁ ରିମା ଘରକୁ। ରିମାର ମା' ବାରମ୍ବାର ଫୋନ୍ କଲାରୁ ରିମା ବାଧ୍ୟକଲା ମୋତେ ସେଠିକୁ ଆଗ ଯିବାପାଇଁ। କାଲି ସକାଳୁ ସକାଳୁ ଆମେ ଦୁହେଁ ତୁମ ପାଖକୁ ଚାଲି ଆସିବୁ।"

ରଜନୀବାବୁଙ୍କ ମୁଣ୍ଡଟା ଜୋର୍‌ରେ ଘୂରେଇଦେଲା ଯେପରି। ସାରା ପୃଥିବୀଟା ତାଙ୍କୁ ତାଙ୍କ ଚାରିପାଖେ ଘୂରିଲା ପରି ଲାଗିଲା। ହଠାତ୍ ଗାଡ଼ିରେ ଭରାଦେଇ ଠିଆ ହୋଇପଡ଼ିଲେ, ନଚେତ୍ ପଡ଼ିଯାଇଥା'ନ୍ତେ। କିଛି ସମୟ ପରେ ଘରେ ପହଞ୍ଚିଲେ ରଜନୀବାବୁ। ଅନୀତା ଦେବୀ କିଛି ପଚାରିବା ପୂର୍ବରୁ ଜୋର୍‌ରେ ଚିତ୍କାର କରି କହିଲେ, "ଗୁଣମନ୍ତ ପୁଅ ତୁମର, ବୋହୂ କଥାରେ ପଡ଼ି ଆଗ ଶ୍ୱଶୁରଘରକୁ ଚାଲିଗଲେ, କାଲି ସକାଳେ ଏଠିକୁ ଆସିବେ।" ଘୃଣାରେ ଓ ବିରକ୍ତିରେ ମୁହଁ ଛିଙ୍କାଡ଼ି ଏତକ କହି ଆର୍ମଚେୟାରରେ ବସିପଡ଼ିଲେ ପେପର ପଢ଼ିବା ପାଇଁ। ସବୁଥିରେ ସନ୍ତୁଷ୍ଟ ରହୁଥିବା ବ୍ୟକ୍ତି ହିଁ ସୁଖୀ ଜୀବନ ବିତାଇପାରେ। ତେଣୁ ସଦା ହସହସ ସଦା ଶାନ୍ତ ଅନୀତା ଦେବୀ ଚଟାପଟ୍ ଚା' କପ୍‌ଟି ଧରି ଟି'ପୟେ ଉପରେ ରଖୁ ରଖୁ ନମ୍ର ତଥା ଉଦାର ଭାବରେ କହୁଥିଲେ, "ହଁ ମ ଆମେ ଯେମିତି 'ବର୍ଷ୍ଣି'କୁ ଦେଖିବାକୁ ବ୍ୟଗ୍ର, 'ରିମା'ର ବାପାମାଆ ସେପରି 'ରିମା'କୁ ଦେଖିବାକୁ ବ୍ୟଗ୍ର ହେବା ସ୍ୱାଭାବିକ। ବର୍ଷ୍ଣି ଆମର ଖୁବ୍ ଜାଣିବାର, ବୁଝିବାର ପିଲା। ସେ ନିଜେ ଅନୁଭବ କରିଛି ବାପା ମାଆଙ୍କ ମନର ଭାବକୁ। ସେଥିପାଇଁ ନିଜ ବ୍ୟଗ୍ରତାକୁ ଚାପିରଖି ଆଗ ରିମା ମନକୁ ଖୁସି ଦେବାପାଇଁ ସେଠିକୁ ଚାଲିଗଲା। କଣ ବା ଭୁଲ ହେଇଗଲା ଯେ...ରାତି ପାହିଲେ କାଲି ଆସି ଦୁହେଁ ପହଞ୍ଚିଯିବେନି। ତୁମେ ଚା ପିଅ ଆଉ ମନକୁ ହାଲ୍‌କା କରିନିଅ।" ପ୍ରକୃତରେ କ୍ରୋଧକୁ ନିଶ୍ଚିହ୍ନ କରିଦେବାର ସବୁଠୁ ସରଳ ଓ ଶ୍ରେଷ୍ଠ ଉପାୟ ହେଲା, ଏହାର କାରଣକୁ ବିନଷ୍ଟ କରିଦେବା।

ସନ୍ଦିଗ୍ଧ ଦୃଷ୍ଟିରେ ଅନେଇ ରହିଥିଲେ ରଜନୀବାବୁ, ପତ୍ନୀ ଅନୀତାଙ୍କ ମୁହଁକୁ। ମନେମନେ ତାରିଫ କରି କହୁଥିଲେ ଯେପରି, "ଅନୀତା, ଶତ ଧନ୍ୟବାଦ, ତୁମର ମାତୃହୃଦୟକୁ।"

ଠିକ୍ ଏଇ ସମୟରେ କବାଟ କଣରେ ଲୁଚି ରହିଥିବା ପୁଅ ବର୍ଷ୍ଣି ଓ ବୋହୂ ରିମା ବାହାରି ଆସି ରଜନୀବାବୁଙ୍କ ପାଦ ଛୁଇଁ ଜୁହାର ହେଲାବେଳେ ବର୍ଷ୍ଣି ବଡ଼ପାଟିରେ କହୁଥିଲା, "ବାବା, ଆମ ସର୍‌ପ୍ରାଇଜ୍‌ଟା କେମିତି ଲାଗିଲା।" ଅନୀତାଙ୍କ ସହ ପିଲାଦୁହିଁଙ୍କ ହସରେ ଘର ସତେକି ଫାଟି ପଡୁଥିଲା। ରଜନୀବାବୁ ଢିମାଢିମା ଆଖିରେ ସେମାନଙ୍କୁ ଚାହିଁ ରହି କହୁଥିଲେ, "ହଇରେ, ପିଲାଦିନ ଦୁଷ୍ଟାମୀ ଏଯାଏଁ ଛାଡ଼ିନୁ??"

**ଡ. ପ୍ରତିଭା ମହାରଥୀ**
ଖାରବେଳନଗର, ୟୁନିଟ୍-୩, ଭୁବନେଶ୍ୱର,
ମୋ-୯୪୩୭୦୩୬୮୦୯

# ଭୂତଳ ଜଳର ଅପବ୍ୟବହାର



କଥାରେ ଅଛି-"ଜଳ ବହୁଳେ ସୃଷ୍ଟି ନାଶ-ଜଳ ବିହୁନେ ସୃଷ୍ଟି ନାଶ।" ଏହାର ଅର୍ଥ ହେଉଛି ଅତ୍ୟଧିକ ଜଳ ଏବଂ ଜଳ ବିନା ଜୀବଜଗତ ତିଷ୍ଠିପାରିବ ନାହିଁ। ଅତ୍ୟଧିକ ବୃଷ୍ଟିପାତରୁ ଜଳପ୍ରଳୟ ଘଟି ସୃଷ୍ଟି ନାଶ ହୋଇଥିବା ବେଳେ ଜଳାଭାବରୁ ସୃଷ୍ଟି ଧ୍ୱଂସ ପାଇଥାଏ। ଜଳ ଜୀବଜଗତର ଜୀବନ ହୋଇଥିବା ସମୟରେ ଆସନ୍ତା ୨୦୫୦ ମସିହା ବେଳକୁ ବିଶ୍ୱରେ ଉତ୍କଟ ଜଳାଭାବ ସୃଷ୍ଟି ହେବା ନେଇ ବୈଜ୍ଞାନିକମାନେ ଚେତାବନୀ ଦେଇସାରିଲେଣି। ଯେଉଁଥିପାଇଁ ଜଳସଂରକ୍ଷଣ ଉପରେ ଏବେ ସରକାରଙ୍କଠାରୁ ଆରମ୍ଭ କରି ବୈଜ୍ଞାନିକମାନେ ସର୍ବାଧିକ ଗୁରୁତ୍ୱ ଆରୋପ କରୁଛନ୍ତି। ଜଳ ସଂରକ୍ଷଣ ନେଇ ସରକାର ବହୁବିଧ ଯୋଜନା ଓ କାର୍ଯ୍ୟକ୍ରମ ମଧ୍ୟ କାର୍ଯ୍ୟକାରୀ କରୁଛନ୍ତି। ଭୂତଳ ଜଳସ୍ତର କ୍ରମାଗତ ଭାବେ ହ୍ରାସ ପାଇବା ନେଇ ରିପୋର୍ଟମାନ ପ୍ରକାଶ ପାଉଥିବାବେଳେ ନିକଟରେ କେନ୍ଦ୍ର ଜଳସମ୍ପଦ ମନ୍ତ୍ରଣାଳୟ ପକ୍ଷରୁ ଯେଉଁ ରିପୋର୍ଟ ପ୍ରକାଶ ପାଇଛି, ତାହା ନିଶ୍ଚିତ ଭାବେ ସୁଖଦ। ଦେଶର ଭୂତଳ ଜଳ ନେଇ ମନ୍ତ୍ରଣାଳୟ ଏକ ଛାୟାଚିତ୍ର ପ୍ରକାଶ କରିଛି, ଯେଉଁଥିରେ ଭୂତଳ ଜଳ ରିଚାର୍ଜ ବୃଦ୍ଧି ପାଇଥିବା କୁହାଯାଇଛି। ସମଗ୍ର ଦେଶରେ ଏବେ ୪୩୭.୬୦ ବିଲିଅନ କ୍ୟୁବିକ୍ ମିଟର (ବିସିଏମ) ଭୂତଳ ଜଳ ମଜଭୁତ ରହିଥିବା କୁହାଯାଇଛି। ରିପୋର୍ଟରେ ଆହୁରି ମଧ୍ୟ ଉଲ୍ଲେଖ ରହିଛି ଯେ, ଗୋଟିଏ ପଟେ ଭୂତଳ ଜଳ ରିଚାର୍ଜ ବୃଦ୍ଧି ପାଉଥିବାବେଳେ ଅନ୍ୟପଟେ ଜଳ ନିଷ୍କାସନ ମଧ୍ୟ କ୍ରମାଗତ ଭାବେ ବର୍ଷକୁ ବର୍ଷ ହ୍ରାସ ପାଇବାରେ ଲାଗିଛି। ୨୦୨୨ରେ ସମଗ୍ର ଦେଶରେ ଭୂତଳ ଜଳ ମହଜୁଦ ପରିମାଣ ୪୩୭.୬୦ ବିସିଏମ ଥିବାବେଳେ ୨୩୯.୧୬ ବିସିଏମ ଜଳ ନିଷ୍କାସନ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ୨୦୧୭ରେ ଭୂତଳ ଜଳ ରିଚାର୍ଜ ୪୩୨ ବିସିଏମ ଥିବାବେଳେ ୨୪୯ ବିସିଏମ ବ୍ୟବହୃତ ହୋଇଥିଲା। ସେହିପରି ୨୦୨୦ରେ ରିଚାର୍ଜ ପରିମାଣ ୪୩୬ ବିସିଏମ ଥିବାବେଳେ ୨୪୫ ବିସିଏମ ବ୍ୟବହୃତ ହୋଇଥିଲା। ଜଳ ବ୍ୟବହାରରେ କ୍ରମାଗତ ହ୍ରାସ ନିଶ୍ଚିତ ଭାବେ ଉତ୍ତମ ଜଳ ପରିଚାଳନାର ନିଦର୍ଶନ ବୋଲି କୁହାଯାଇ ପାରିବ। ସୂଚନାଯୋଗ୍ୟ ଯେ, ୨୦୦୪ ମସିହାରେ ୨୩୧ ବିସିଏମ ଜଳ ନିଷ୍କାସିତ ହୋଇଥିଲା। ତେବେ ୨୦୦୪ ମସିହାରେ ୨୩୧ ବିସିଏମ ଜଳ ନିଷ୍କାସିତ ହୋଇଥିଲା। ତେବେ ୨୦୦୪ ପରେ ୨୦୨୨ ମୂଲ୍ୟାୟନ ଅନୁଯାୟୀ ଦେଶରେ ଜଳ ନିଷ୍କାସନ ପୂର୍ବବର୍ଷଗୁଡିକ ତୁଳନାରେ ସବୁଠାରୁ କମ୍ ରହିଛି। ତେବେ ଏହା ପୂର୍ବବର୍ଷଗୁଡିକ ତୁଳନାରେ ସବୁଠାରୁ କମ୍ ରହିଛି। ତେବେ ଏହା ପ୍ରାକୃତିକ ସ୍ଥିତି ଏବଂ କେନ୍ଦ୍ର ରାଜ୍ୟ ସରକାରମାନଙ୍କ ଗ୍ରାଉଣ୍ଡ ୱାଟର ବୋର୍ଡଗୁଡିକର ନିର୍ଦ୍ଧାରିତ ଜଳ ପରିଚାଳନା ନୀତି ଦ୍ୱାରା ସମ୍ଭବ ହୋଇପାରିଛି ବୋଲି କୁହାଯିବ। କିନ୍ତୁ ଜଳ ସଂଚୟ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ପ୍ରୟାସ ସତ୍ତ୍ୱେ ଭୂତଳ ଜଳର ଆଖିବୁଜା ବ୍ୟବହାର ବା ଉତୋଳନ ଯୋଗୁଁ ଦେଶର କେତେକ ଅଂଚଳରେ ଭୂତଳ ଜଳ ମହଜୁଦ ନିମ୍ନ ସ୍ତରରେ ରହିଛି। ବିଶେଷ କରି ପଂଜାବ, ହରିଆନା, ଦିଲ୍ଲୀ ଏବଂ ପଶ୍ଚିମ ଉତର ପ୍ରଦେଶରେ ଭୂତଳ ଜଳ ସ୍ତର ସଂକଟାପନ୍ନ ସ୍ଥିତିରେ ରହିଛି। ଆହୁରି ମଧ୍ୟ ରାଜସ୍ଥାନ ଏବଂ ଗୁଜରାଟର କେତେକ ଅଂଚଳରେ ଶୁଷ୍କ ଜଳବାୟୁ ଯୋଗୁଁ ଭୂତଳ ଜଳ ରିଚାର୍ଜ ସୀମିତ। ପରେ ଭୂତଳ ଜଳ ମଧ୍ୟ ସର୍ବନିମ୍ନ ସ୍ତରରେ ରହିଛି। ସେହିପରି କର୍ଣ୍ଣାଟକ ଓ ତାମିଲନାଡୁରେ ମଧ୍ୟ ଅନୁରୂପ ଅବସ୍ଥା ରହିଛି। ଯେଉଁଠାରେ କି ଜଳସଂରକ୍ଷଣ ଜରୁରୀ ହୋଇପଡିଛି। ଆହୁରି ମଧ୍ୟ କେତେକ ରାଜ୍ୟରେ ଖାମଖିଆଲି ଭାବେ ମନଇଚ୍ଛା ଜଳର ଅପବ୍ୟହାର ଯୋଗୁଁ ଭୂତଳ ଜଳ ସ୍ତର ହ୍ରାସ ପାଇବା ଅନ୍ୟତମ କାରଣ। ଏହାକୁ ରୋକିବା ପାଇଁ କଠୋର ଆଇନ ନାହିଁ। ଯେଉଁ ଆଇନ ରହିଛି ତାହାକୁ କଡାକଡି ଭବେ କାର୍ଯ୍ୟକାରୀ କରାଯାଉନାହିଁ। ଏହା ସତ୍ୟ ଯେ, ଆମ ଦେଶରେ ଫସଲ ଏବଂ ଶିଳ୍ପ ପାଇଁ ଯଥେଷ୍ଟ ଜଳ ବ୍ୟବହୃତ ହୋଇଥାଏ। ସାଧାରଣତଃ ଧାନ ଫସଲ ଅତ୍ୟଧିକ ଜଳ ଆବଶ୍ୟକ କରିଥାଏ। ଆମ ଦେଶ ବହୁଳ ଧାନ ଚାଷର ଦେଶ ଭାବେ ପରିଚିତ। ସେହିପରି ଦେଶର ଶିଳ୍ପସଂସ୍ଥାଗୁଡିକ ପାଇଁ ଅତ୍ୟଧିକ ଜଳ ଆବଶ୍ୟକ ଯୋଗୁଁ ନଦୀ ଏବଂ ଭୂତଳ ଜଳ ଅଧିକମାତ୍ରାରେ ଟଣାଯାଇଥାଏ। ଦିନକୁ ଦିନ ଦେଶରେ ନୂତନ ଶିଳ୍ପ ପ୍ରତିଷ୍ଠା ଯୋଗୁଁ ଅତ୍ୟଧିକ ଜଳ ଆବଶ୍ୟକ ସ୍ୱାଭାବିକ। ଶିଳ୍ପସଂସ୍ଥାଗୁଡିକ ନଦୀ ଓ ଭୂତଳ ଜଳ ଟାଣୁଛନ୍ତି। କୁହାଯାଇଛି ଯେ, ମୌସୁମୀ ଫେରିଯିବା ପରେ ଦେଶର ବହୁ ବଡ ବଡ ନଦୀରେ ଜଳସ୍ତର କମିବା ସହ କେତେକ ନଦୀ ଶୁଖିଲା ମଧ୍ୟ ପଡିଲାଣି। ବର୍ତ୍ତମାନଠୁ ଫସଲ ପାଇଁ ନଦୀ ଅବବାହିକାରେ ଥିବା ଜନବସତିର ଚାଷୀକୁଳ ଆତଙ୍କିତ ହୋଇପଡିଥିବା ସ୍ୱାଭାବିକ। ଶିଳ୍ପସଂସ୍ଥାଗୁଡିକର ଭୂତଳ ଜଳ ଏବଂ ନଦୀଜଳ ଆଖିବୁଜା ବ୍ୟବହାରକୁ ନିୟନ୍ତ୍ରଣ କରାଯିବା ଜରୁରୀ। ସୁଖର କଥା ଆମ ରାଜ୍ୟରେ ଗତ କିଛିବର୍ଷ ଧରି ଭୂତଳ ଜଳ ସ୍ତର ହ୍ରାସ ପାଇବା ପରେ ଚଳିତ ବର୍ଷ ଭୂତଳ ଜଳ ରିଜାର୍ଚ ୭ ପ୍ରତିଶତ ବୃଦ୍ଧି ପାଇଥିବା ରିପୋର୍ଟ ପ୍ରକାଶ ପାଇଛି। ମାତ୍ର ଜଳର ଅପବ୍ୟହାରର ରୋକିବା ଉପରେ ଜନସାଧାରଣ ସଚେତନ ହେବା ଜରୁରୀ। କେବଳ ଏତିକି ନୁହେଁ, ସରକାର ମଧ୍ୟ ସ୍ୱତନ୍ତ୍ର ଜଳନୀତି ପ୍ରଣୟନ କରିବା ସହ କଠୋର ଆଇନ ପ୍ରଣୟନ କରିବାର ସମୟ ଏବେ ଆସିଛି। ଜଳକୁ ନେଇ ଦେଶରେ ରାଜ୍ୟ-ରାଜ୍ୟ ମଧ୍ୟରେ ବିବାଦ ଲାଗି ରହିଥିବାବେଳେ ଏହା ଏକ ରାଜନୈତିକ ପ୍ରସଙ୍ଗ ହୋଇ ରହିଛି। ତେବେ ଜଳର ସୁରକ୍ଷା ଏବଂ ଅପବ୍ୟବହାର ରୋକିବା ପାଇଁ ରାଜନୈତିକ ଦଳମାନଙ୍କ ମଧ୍ୟରେ ସହମତି ଆବଶ୍ୟକ। ପ୍ରକୃତିର ଏହି ଦାନର ସୁରକ୍ଷା ସମସ୍ତଙ୍କର ଧ୍ୟେୟ ହେଉ।

**ସୌଭାଗ୍ୟରଂଜନ ମହାନ୍ତି**
*(ରାଜା), ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨, ମୋବାଇଲ ନଂ-୯୪୩୭୯୯୪୩୭୯*




# ଠିକା କମ୍ପାନୀର ଟିପ୍ପର ଧକ୍କାରେ ଦୁଇ ମୃତ : କ୍ଷତିପୂରଣ ଦାବୀରେ ରାସ୍ତାରୋକ

କନ୍ଧମାଳ, (ପି.ଏନ): ଟିପ୍ପର ସହ ମୋଟରସାଇକେଲ ମୁହାଁମୁହିଁ ଧକ୍କା ହେବା ଫଳରେ ଦୁଇ ମୋଟରସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। କ୍ଷତିପୂରଣ ଦାବିରେ ଉତ୍ୟକ୍ତ ଲୋକଙ୍କ ଦ୍ୱାରା ୫୯ ନଂ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ପ୍ରଶାସନର ପ୍ରତିଶୃତି ପାଇବା ପରେ ଦୀର୍ଘ ତିନି ଘଂଟା ପରେ ହଟିଛି ରାସ୍ତାରୋକ ।କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ସୁରୁବାଲି ବୁଲାଣି ରାସ୍ତାରେ ଘଟିଛି ଏହି ମର୍ମନ୍ତୁଦ ସଡକ ଦୁର୍ଘଟଣା । ଠିକା କମ୍ପାନୀର ଗାଡ଼ି ଧକ୍କାରେ ସମ୍ପୃକ୍ତ ଦୁଇ ଜଣଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଦୁଇ ଜଣ ହେଲେ ବଡ଼ଗାଁ ଅଂଚଳର ରାକେଶ ମଲ୍ଲିକ ଓ ଅଚ୍ୟୁତାନନ୍ଦ ନାୟକ ।ସୂଚନା ପ୍ରକାରେ ଗତକାଲି ରାତି ପ୍ରାୟ ୧୦ଟା ସମୟରେ ରାକେଶ ଓ ଅଚ୍ୟୁତାନନ୍ଦ ମହାସିଙ୍ଗି ଆଡୁ ବାଲିଗୁଡ଼ା ଅଭିମୁଖେ ଆସୁଥିବା ବେଳେ ସୁରୁବାଲି ଗାଁ ନିକଟ ବୁଲାଣି ରାସ୍ତାରେ ଟିପ୍ପରଟି ଆଗପଟରୁ ଧକ୍କା ଦେଇ ଦେଇଥିଲା ।ଫଳରେ ଦୁଇ ଯୁବକ ଗୁରୁତର ଆହତ ହୋଇ ରାସ୍ତାରେ ପଡ଼ିଥିଲେ । ଖବରପାଇ ବାଲିଗୁଡ଼ା ପୋଲିସ୍ ଘଟଣାସ୍ଥଳରେ ପହଂଚି ଉଭୟଙ୍କୁ ଉଦ୍ଧାର କରି ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତି କରାଇଥିଲେ । ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିବା ଜଣାପଡ଼ିଛି । ଅନ୍ୟପଟେ ଦୁର୍ଘଟଣା ଘଟାଇଥିବା ଟିପ୍ପରକୁ ଜବତ କରିବା ସହ ଡ୍ରାଇଭରକୁ ଅଟକ ରଖି ପୋଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି । ସେପଟେ ଘଟଣାକୁ ନେଇ ଚାପା ଉତ୍ତେଜନା ଦେଖାଦେଇଥିଲା।କ୍ଷତିପୂରଣ ଦାବିରେ ଉତ୍ୟକ୍ତ ଲୋକେ ଆଜି ସକାଳେ ଉପଖଣ୍ଡ ଚିକିତ୍ସାଳୟ ସମ୍ମୁଖ ୫୯ ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ । ସମ୍ପୃକ୍ତ ଠିକା ସଂସ୍ଥା ମୃତକଙ୍କ ପରିବାରକୁ ଦେଢ଼ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଦେବା ପାଇଁ ପ୍ରତିଶ୍ରୁତି ଦେବା ପରେ ଦୀର୍ଘ ତିନି ଘଣ୍ଟା ପରେ ଆଜି ମଧ୍ୟାହ୍ନରେ ହଟିଛି ରାସ୍ତାରୋକ ।

## କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

ଘଟଗାଁ,(ପି.ଏନ): କେନ୍ଦୁଝର ରାଙ୍କୀ ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ସତରତମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ କେନ୍ଦୁଝର ସରକାରୀ ଭେଷଜ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରିଣୀ ପଲ୍ଲବୀ ନାୟକ ମୁଖ୍ୟ ଅତିଥି, ଡିପିଏମ ନିତ୍ୟରଞ୍ଜନ ବରାଳ, ଜିଲ୍ଲା ରେଡ଼କ୍ରସ ଯୁଗ୍ମ ସମ୍ପାଦକ ଏ ଆର ଖାନ ଅନ୍ୟତମ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାବିତ ମାନଙ୍କୁ ଉତ୍ସାହିତ କରିଥିଲେ।

## ବିଶିଷ୍ଟ ଅଭିନେତ୍ରୀ ଓ ସମାଜସେବୀ ରୂପାଳୀ ଦାସ ସମ୍ମାନିତ



ଭୁବନେଶ୍ୱର,(ପି.ଏନ): ନିୟୁଥିଙ୍କିଙ୍ଗ ଫୋରମ ପକ୍ଷରୁ ଖୋରଧା ହାବେଳୀ ପଡ଼ିଆ ଠାରେ ଆୟୋଜିତ ଖୋରଧା ମହୋତ୍ସବ ୨୦୨୨କୁ ଆନୁଷ୍ଠାନିକ ଭାବରେ ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ବିଶ୍ୱ ଭୂଷଣ ହରିଚନ୍ଦନ ଉଦ୍‌ଘାଟନ କରିଥିବା ବେଳେ ବିଶିଷ୍ଟ ଓଡ଼ିଆ ଚଳଚିତ୍ର ଅଭିନେତ୍ରୀ ତଥା ସମାଜସେବୀ ରୂପାଳୀ ଦାସକୁ ଓଡ଼ିଆ ଚଳଚିତ୍ରରେ ନିଖୁଣ ଅଭିନୟ ତଥା ସମାଜସେବା କ୍ଷେତ୍ରରେ କରୋନା ମହାମାରୀ ସମୟରେ କରୋନା ରୋଗୀମାନଙ୍କୁ ମାସ୍କ ସାନିଟାଜର ବଂଟନ କରିବା ସହିତ ବୃକ୍ଷରୋପଣ ଓ ସ୍ୱଚ୍ଛଭାରତ ଆଦି କାର୍ଯ୍ୟକ୍ରମରେ ଉତ୍କୃଷ୍ଟ ସେବା ପ୍ରଦାନ କରିଥିବାରୁ ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ବିଶ୍ୱ ଭୂଷଣ ହରିଚନ୍ଦନ ସମ୍ମାନିତ କରିଥିଲେ। ଖୋରଧାର ପୂର୍ବତନ ବିଧାୟକ ତଥା ପରିବେଶବିତ୍ ଡ଼.ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନିୟୁଥିଙ୍କିଙ୍ଗ ଫୋରମର କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର ପୃଷ୍ଟି, ସମ୍ପାଦକ ସଂଜୟ ପଟ୍ଟନାୟକ, ସମ୍ବାଦ ପରିଚାଳନା ଗ୍ରୁପ୍‌ର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶିକା ତନୟା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## କେସିସି ବ୍ୟାଙ୍କ ନିର୍ଦ୍ଦେଶକ ଗୋପୀ ପାଙ୍ଗୀଙ୍କ ଦ୍ୱାରା କୁଡୁମୁଲୁଗୁମ୍ମା ଧାନ ମଣ୍ଡିର ଶୁଭାରମ୍ଭ

ମାଲକାନଗିରି,(ପି.ଏନ): କୁଡୁମୁଲୁଗୁମ୍ମା ଧାନ ମଣ୍ଡି ପଡ଼ିଆରେ ଚଳିତ ଖରିଫ ଋତୁ ପାଇଁ ଧାର୍ଯ୍ୟ ଧାନମଣ୍ଡିର ଶୁଭାରମ୍ଭ ଆଜି ହୋଇଯାଇଛି। କୁଡୁମୁଲୁଗୁମ୍ମା ଲ୍ୟାମ୍ପ ସଭାପତି ତଥା କେସିସି ବ୍ୟାଙ୍କ ନିର୍ଦ୍ଦେଶକ ଗୋପୀ ପାଙ୍ଗୀ ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲା ବେଳେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ସରପଞ୍ଚ ମଙ୍ଗଳା ମାଢ଼ୀ, ଖଇରପୁଟ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ବଳି ମାଝୀ, ଲ୍ୟାମ୍ପ ନିର୍ଦ୍ଦେଶକ ସାଧୁ ହନ୍ତାଳ, ହେମନ୍ତ କୁମାର ଦାସ ଓ ଭଗବାନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଚାଷ ଓ ଚାଷୀଙ୍କର ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ବ୍ଲକ୍ ଓ ପଞ୍ଚାୟତ ସ୍ତରରେ କମିଟି ଗଠନ ସମ୍ପର୍କିତ ଖବର ବିଷୟରେ ଲ୍ୟାମ୍ପ ପରିଚାଳକ ସୁଚନା ଦେଇ କହିଥିଲେ ଯେ ଚାଷୀ ମାନେ ବର୍ତ୍ତମାନ ସେମାନଙ୍କ ଅଭିଯୋଗ ଗୁଡିକୁ ଲେଖି ଏକ ସ୍ୱତନ୍ତ୍ର ଅଭିଯୋଗ ପେଟିରେ ପକାଇ ପାରିବେ ଯାହା ଫଳରେ ଚାଷୀ ମାନଙ୍କର ଧାନ ବିକ୍ରି ଜନିତ ସମସ୍ୟାର ତ୍ୱରିତ ସମାଧାନ ହେଇପାରିବ। ଏହି ଉଦଘାଟନ କାର୍ଯ୍ୟକ୍ରମ ଟିକୁ ଲ୍ୟାମ୍ପ ପରିଚାଳକ ରମେଶ ଚନ୍ଦ୍ର ରାଉତ ପରିଚାଳନା କରିଥିଲାବେଳେ ଲ୍ୟାମ୍ପ କର୍ମଚାରୀ ଅନୀଲ କୁମାର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

# ଓଡିଶା ଅସ୍ପୃଶ୍ୟ ଅନୁସୂଚୀତ ଜାତି ସୁରକ୍ଷା ପରିଷଦ ବୈଠକ

ବଲାଙ୍ଗିର, (ପି.ଏନ): ବଲାଙ୍ଗିର ଜିଲ୍ଲାର ଅଗ୍ରଣୀ ଦଳିତ ଅନୁଷ୍ଠାନ ଜିଲ୍ଲା ଦଳିତ ବିକାଶ ମଂଚ ର ସହଯୋଗରେ ବଲାଙ୍ଗିର ତାଳପାଲିପଡ ଠାରେ ଓଡିଶା ଅସ୍ପୃଶ୍ୟ ଅନୁସୂଚୀତ ଜାତି ସୁରକ୍ଷା ପରିଷଦ ର ରାଜ୍ୟସ୍ତରୀୟ ଚତୁର୍ଥ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଭାପତିତ୍ୱ କରିଥିଲେ ସତ୍ୟାନନ୍ଦ ସୁନା ଓ ମଂଚ ପରିଚାଳନା କରିଥିଲେ ଡଃ. ଅର୍ଜୁନ ମୁଗ୍ରୀ । ମୁଖ୍ୟ ଅତିଥି ଭାବେ ବାଳକୃଷ୍ଣ ନାଗ, ସମ୍ମାନିତ ଅତିଥି ବିନୋଦ ପାତ୍ର, ବିମ୍ବାଧର ବାଗ, ଦିଗସନ ନନ୍ଦ ଓ ନଟରାଜ ନାଗ ଯୋଗଦେଇ ଡଃ. ଆମ୍ବେଦକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଦିପ ପ୍ରଜ୍ୱଳନ କରିଥିଲେ । ସଭା ପ୍ରାରମ୍ଭରେ ଦିବଂଗତ ଦଳିତ ନେତା ମୋହନ ଜେନାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଅର୍ପଣ ପୂର୍ବକ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଓଡିଶାର ବିଭିନ୍ନ ଜିଲ୍ଲାରୁ ଶତାଧିକ ପ୍ରମୁଖ ସାମାଜିକ କର୍ମୀ ଯୋଗଦେଇ ଆମ ଓଡିଶା ପ୍ରଦେଶର ଅନୁସୂଚିତ ଜାତି ଅନ୍ତର୍ଭୁକ୍ତ ସମସ୍ତ ଅସ୍ପୃଶ୍ୟ ଜାତି ଯଥା ଗଣ୍ଡା, ଡମ୍ବ, ପାଣ, ହାଡ଼ି, ଘାସି, ଚମାର ଆଦି ଜାତିର ସୁରକ୍ଷା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ବକ୍ତାମାନେ ନିଜ ନିଜ ମତରେ କହିଥିଲେ ଯେ, କିଛି ଅଣ ଅସ୍ପୃଶ୍ୟ ଜାତିର ଲୋକେ ଚକ୍ରାନ୍ତ କରି ତଫସିଲଭୁକ୍ତ ଜାତି ଆଧାରରେ ଆମର ଶିକ୍ଷା, ଚାକିରି ଓ ରାଜନୀତି କ୍ଷେତ୍ରରେ ସଂରକ୍ଷଣ ସୁବିଧାର ସିଂହଭାଗ ଛଡାଇ ନେଉଥିବାରୁ ଆମର ପ୍ରକୃତି ଅସ୍ପୃଶ୍ୟ ସମାଜ ଆଜି ହନ୍ତସନ୍ତ ହେଉଛନ୍ତି ବୋଲି କ୍ଷୋଭ ପ୍ରକାଶ କରିଥିଲେ । ତେଣୁ ଏସବୁ ସମସ୍ୟାର ସକ୍ରୀୟ ମୁକାବିଲା ନିମନ୍ତେ ଆଗାମୀ ନୂଆବର୍ଷ ପ୍ରାରମ୍ଭରୁ ଏକ ସାମ୍ବିଧାନିକ ଯୋଜନା ମାଧ୍ୟମରେ ଉଭୟ ନ୍ୟାୟିକ ଏବଂ ସଂସଦୀୟ ସ୍ତରରେ ଲଢେଇ କରିବା ପାଇଁ ସ୍ଥିର କରାଗଲା । ଉକ୍ତ କାର୍ଯ୍ୟକ୍ରମର ଚିନ୍ତନ କରାଯାଇ ଓଡିଶା ତଫସିଲଭୁକ୍ତ ଜାତି ତାଲିକାରୁ କେଉଟ, ଧୀବର, କୈବର୍ତ ହଟାଓ ଅଭିଯାନ ଆଗାମୀ ଜାନୁୟାରୀ ୨୦୨୩ ରୁ ସାରା ଓଡିଶାର କାର୍ଯ୍ୟକାରୀ କରିବା ନିମନ୍ତେ ସ୍ଥିର ହୋଇଥିଲା ଏବଂ ଏହାର ସଫଳ ରୁପାୟନ ସକାଶେ ବିଭିନ୍ନ ଜିଲ୍ଲାରୁ ଆସିଥିବା ସଦସ୍ୟମାନଙ୍କ ସର୍ବସମ୍ମତି କ୍ରମେ ଏକ ରାଜ୍ୟସ୍ତରୀୟ କୋର କମିଟି ଗଠନ କରାଯାଇଥିଲା ।ଉପଦେଷ୍ଟା ମଣ୍ଡଳିରେ ବାଳକୃଷ୍ଣ ନାଗ, ବିନୋଦ ପାତ୍ର, ବିମ୍ବାଧର ବାଗ, ଦିଗସନ ନନ୍ଦ, ସତ୍ୟାନନ୍ଦ ସୁନା, ନଟରାଜ ନାଗ, ଧନେଶ୍ୱର ନାଗ, ରାଜ୍ୟ ସମନ୍ୱୟକାରୀରେ ସୁଦର୍ଶନ ତାଣ୍ଡି, ଲକ୍ଷ୍ମଣ ଭରାସାଗର, ନାରାୟଣ ଭେସ୍ରା, ଟିକେଲାଲ କୁମ୍ଭାର, ଭୁବନ ନାଗ, ରାଜ୍ୟ ସଭାପତି ଚୈତନ୍ୟ ପାଇକ, ସାଧାରଣ ସଂପାଦକ ଡଃ ଅର୍ଜୁନ ମୁଗ୍ରୀ, କୋଷାଧ୍ୟକ୍ଷ ସୁଧାଂଶୁ ଡାଙ୍ଗ, ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଦ୍ରୋଣ କୁମ୍ଭାର, ପବିତ୍ର ନାଗ, ଦିଲିପ ସିଂ, ରତ୍ନାକର ବେହେରା, ସୁରେଶ ମହାନନ୍ଦ, ଧର୍ମରାଜ ବିଭାଗ, ବାସୁଦେବ ମୁଗ୍ରୀ, ଫକିର ଜାଗତ, ଲକ୍ଷ୍ମି ରଂଜନ ପାଲ, ଅନାମୁ ନାୟକ । ଅନ୍ୟାନ୍ୟ ପଦବି ଗୁଡିକୁ ଭିନ୍ନ ଭିନ୍ନ ଜିଲ୍ଲାର ସଦସ୍ୟମାନଙ୍କୁ ନେଇ ପୁରଣ କରିବା ସହିତ କ୍ରମାଗତ ଭାବେ ସମଗ୍ର ୩୦ଟି ଜିଲାକୁ ଏହି କାର୍ଯକ୍ରମ ତ୍ୱରାନ୍ୱିତ କରାଯାଇ ଉକ୍ତ ଲଢେଇକୁ ତୀବ୍ର କରିବା ପାଇଁ ସ୍ଥିର କରାଯାଇଥିଲା । ଶେଷରେ ଦ୍ରୋଣ କୁମ୍ଭା ଧନ୍ୟବାଦ ଅର୍ପଣ ସହ କୃତଜ୍ଞତା ଜ୍ଞାପନ କରିଥିଲେ।

# ଶୁଲିଆ ମହୋତ୍ସବ କମିଟିର ଚୂଡାନ୍ତ ପ୍ରସ୍ତୁତି ବୈଠକ : ୨୫ ରୁ ଆରମ୍ଭ ହେବ ଶୁଲିଆ ମହୋତ୍ସବ

ବଲାଙ୍ଗିର, (ପି.ଏନ): ଏ ବର୍ଷର ଶୁଲିଆ ମହସ୍ତୋବ ପାଳନ କରିବା ପାଇଁ ଗତକାଲି ଶୁଲିଆ ମହସ୍ତୋବ କମିଟିର ଚୂଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ଡିସେମ୍ବର ୨୫ରୁ ୨୭ ପର୍ଯ୍ୟନ୍ତ ତିନି ଦିନ ଧରି ଧୁମଧାମ୍ରେ ଶୁଲିଆ ମହସ୍ତୋବ ପାଳନ କରାଯିବା ନେଇ କମିଟି ସୂଚନା ଦେଇଛି । ବିଗତ ଦୁଇ ବର୍ଷ ହେବ କୋଭିଡ କଟକଣା ଯୋଗୁଁ ସାଧାରଣ ଜନତାଙ୍କ ପାଇଁ ଏହି ମହୋତ୍ସବ ବନ୍ଦ ରହିଥିବା ବେଳେ ଏବର୍ଷ ଶୁଲିଆ ଭକ୍ତମାନେ କିପରି ମାଁଙ୍କ ଦର୍ଶନ ପାଇବା ସହିତ ତିନି ଦିନ ଧରି ମନୋରଞ୍ଜନ କରି ପାରିବେ ତାଉପରେ କମିଟି ବିଶେଷ ଧ୍ୟାନ ଦେଇଛି ବୋଲି କମିଟିର ସଭାପତି ମୟ ପଧାନୀ କହିଛନ୍ତି ।ଖଇରଗୁଡା ସ୍ଥିତ ଶୁଲିଆପଦାରେ ଅନୁଷ୍ଠିତ ଏହି ବୈଠକରେ ଶ୍ରୀ ପଧାନୀ ନିଜ ପ୍ରତିକ୍ରିୟାରେ ଆହୁରି କହିଛନ୍ତି ଯେ, ସମସ୍ତ ଦ୍ୱନ୍ଦର ଅବସାନ ଘଟିଛି । ସମସ୍ତ ଶୁଲିଆ ଆୟୋଜକ ମିଳିତ ଭାବେ ଶୁଲିଆ ମହୋତ୍ସବ ପାଳନ କରିବା ନେଇ ସହମତି ପ୍ରଦାନ କରିଛନ୍ତି । ବିଗତ ବର୍ଷମାନଙ୍କରେ ପିଇବା ପାଣି, ଯାତାୟତ ଓ ଟ୍ରାଫିକକୁ ନେଇ ଅନେକ ସମସ୍ୟା ଦେଖା ଦେଉଥିଲା । ଗତ ୧୬ ତାରିଖରେ ଶୁଲିଆ କମିଟି ପକ୍ଷରୁ ଏହାର ସମାଧାନ ନେଇ ଜିଲ୍ଲା ପ୍ରଶାସନ ସହ ସବିଶେଷ ଚର୍ଚ୍ଚା କରାଯାଇଥିଲା । ଜିଲ୍ଲା ପ୍ରଶାସନ ଏସବୁ ଦିଗରେ ସୁବନ୍ଦୋବସ୍ତ କରାଯିବା ସହ ଭକ୍ତମାନଙ୍କ ସୁରକ୍ଷା ସୁନିଶ୍ଚିତ କରାଯିବା ନେଇ ପ୍ରତିଶୃତି ଦେଇଛନ୍ତି । ତାଛଡା ଶୁଲିଆ ମହୋତ୍ସବକୁ ଆହୁରି ଲୋକାଭୀମୁଖି କରିବା ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ କମିଟି ଅଂଟା ଭିଡିଛି । ଯାହା ସାରା ରାଜ୍ୟର ଶୁଲିଆ ପ୍ରେମୀଙ୍କୁ ଆକୃଷ୍ଟ କରିବା ସହ ଅଂଚଳର ଆଦିବାସୀ ସଂସ୍କୃତିକୁ ଆହୁରି ବ୍ୟାପକ ଓ ଦିର୍ଘସ୍ଥାୟୀ କରିବ ବୋଲି ଶ୍ରୀ ପଧାନୀ ପ୍ରାକାଶ କରିଛନ୍ତି । ସେହିପରି ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ ସମସ୍ତ ରିତି ନୀତି ଅନୁସାରେ ପୂଜା କରାଯିବ । ସୋମବାର ଦିନ ସକାଳୁ ବରଣ, ସଂନ୍ଧ୍ୟାରେ ନିଶି ଓ ମଙ୍ଗଳବାର ସକାଳୁ ବିଧିବଦ୍ଧ ଭାବେ ପୂଜା କରାଯିବ ବୋଲି ଶୁଲିଆର ମୁଖ୍ୟ ପୂଜକ ସୁଚନା ଦେଇଛନ୍ତି ।ଏହି ବୈଠକରେ ଶୁଲିଆ ମହୋତ୍ସବ କମିଟିର ଉପସଭାପତି ପ୍ରଫୁଲ୍ଲ ଦାଶ, ଅନ୍ତ ଚୌହାନ, ସଂପାଦକ ପ୍ରଭାତ ପାତ୍ରମ ସହ ସଂପାଦକ ସତ୍ୟ କାଲସାଏ, ରାଜେନ୍ଦ୍ର ପାଣୀ, କୋଷାଧ୍ୟକ୍ଷ ସୂର୍ଯ୍ୟକାନ୍ତ ରଣା, ମନବୋଧ ହରପାଲ, ପରମେଶ୍ୱର ନାଏକ, ଲୋଚନ ହନ୍ନା, ସୁଦର୍ଶନ ପଧାନ, ସୁବାଷ ନାଏକ, ଅର୍ଜୁନ ସାହୁ ଓ ଅମର ରଣାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

# ଜାତିବାଦକୁ ବିରୋଧ କରି ଲୋଇସିଂହା ଥାନା ଘେରାଉ

ବଲାଙ୍ଗିର ,(ପି.ଏନ): ବଲାଙ୍ଗୀର ଜିଲ୍ଲାର ଶହ ଶହ ଦଳିତ ଯୁବକ ଯୁବତୀ ସମାନତା ଅଧିକାର ପାଇବାରୁ ବଞ୍ଚିତ ହେଉଥିବାର ଅଭିଯୋଗ ଆଣି ଆଗଲପୁର ପୋଲିସ ଓ ଲୋଇସିଂହା ପୋଲିସ ବିରୁଦ୍ଧରେ ଥାନା ଘେରାଉ କରିଛନ୍ତି । ଜାତିଆଣ ବାଡ଼କୁ ପୋଲିସ ପ୍ରଶୟ ଦେଇ ଦଳିତ ମାନଙ୍କୁ ନ୍ୟାୟ ପାଇବାରୁ ବଞ୍ଚିତ ହେଉଥିବାର ଅଭିଯୋଗ ଆଣି ଥାନା ଘେରାଉ କରିଛନ୍ତି । ସୂଚନାନୁସାରେ ଆଗଲପୁର ଫାଣ୍ଡି ଅନ୍ତର୍ଗତ ଇଁସା ଗ୍ରାମର କିଛି ଦଳିତ ଯୁବକ ଗ୍ରାମରେ ଥିବା ସେଲୁନକୁ ଚୂଟି କାଟିବା ପାଇଁ ଯାଇଥିଲେ, ସେଠାରେ ସେମାନେ ଚୂଟି କାଟିବାକୁ କହିବାରୁ ସେଲୁନ୍ ମାଲିକ ତାଙ୍କୁ ଜାତିଆଣ ଆକ୍ଷେପ କରି ଚୂଟି କାଟି ପାରିବି ନାହିଁ ବୋଲି ମନା କଲା । ଫଳରେ ସେମାନେ ଆଗଲପୁର ଫାଣ୍ଡିରେ ଅଭିଯୋଗ କରିଥିଲେ, ହେଲେ ଆଗଲପୁର ଫାଣ୍ଡି ଅଧିକାରୀ କେସ ପଞ୍ଜୀକୃତ ନ କରି ଫେରାଇଦେଲେ । ସେମାନେ ନିରାଶ ହୋଇ ପୁଣି ଲୋଇସିଂହା ଥାନାର ଦ୍ୱାରସ୍ଥ ହୋଇଥିଲେ ସେଠାରେ ମଧ ନ୍ୟାୟ ନ ମିଳିବାରୁ ଦଳିତ ଯୁବକ ଯୁବତୀ ମାନେ ଥାନା ଘେରାଉ କରିଛନ୍ତି । ଏହି ଅବସରରେ ଲୋଇସିଂହା ଆଦିବାସୀ ଭବନ ଠାରୁ ଏକ ବିରାଟ ପଟୁଆରରେ ଶହ ଶହ ଦଳିତ ଯୁବକ ଯୁବତୀ ମାନେ ପ୍ଲାଇକାର୍ଡ ଧରି ପୋଲିସ ବିରୁଦ୍ଧରେ ବିଭିନ୍ନ ନାରାବାଜି ଦେଇ ଥାନାକୁ ଆସିଥିଲେ। ଥାନାରେ ମଧ ନାରାବାଜି କରି ସମସ୍ତଙ୍କୁ ସମାନ ଅଧିକାର ସହିତ ନ୍ୟାୟ ଯୋଗାଇ ଦେବାକୁ ପୋଲିସ ପ୍ରଶାସନକୁ ଅନୁରୋଧ କରିଥିଲେ।

# ଆଜିଠୁ କାର୍ଯ୍ୟକାରୀ ହେଲା ୫୦ ଶଯ୍ୟା ବିଶିଷ୍ଟ ସ୍ୱତନ୍ତ୍ର ଜିଲ୍ଲା ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର

ସୁବର୍ଣ୍ଣପୁର, (ପି.ଏନ): ସୋନପୁର ସହର ସ୍ଥିତ ଜିଲ୍ଲା ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଜି ଠାରୁ ପୂର୍ଣ୍ଣ ମାତ୍ରାରେ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ ସେବା ପ୍ରଦାନ ନିମନ୍ତେ କାର୍ଯ୍ୟକାରୀ କରାଯାଇଛି। ଏଣିକି ମାତୃ ଓ ଶିଶୁ ସମ୍ବନ୍ଧୀୟ ସମସ୍ତ ଚିକିତ୍ସା ସେବା ସୁବିଧା ଏହି କେନ୍ଦ୍ରରେ ଜନସାଧାରଣଙ୍କ ନିମନ୍ତେ ଉପଲବ୍ଧ ରହିବ। ପ୍ରକାଶ ଥାଉକି ୨୦୨୨ ଜୁନ ୧୫ ତାରିଖରେ ଜିଲ୍ଲାର ଏହି ୫୦ ଶଯ୍ୟା ବିଶିଷ୍ଟ ସ୍ୱତନ୍ତ୍ର ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ରର ଲୋକାର୍ପଣ ଜିଲ୍ଲାର ବିଭିନ୍ନ ବରିଷ୍ଠ ପଦାଧିକାରୀଙ୍କ ଉପସ୍ଥିତିରେ ମନ୍ତ୍ରୀ ଅର୍ଥ ଓ ସଂସଦୀୟ ବ୍ୟାପାର, ଓଡିଶା ନିରଞ୍ଜନ ପୂଜାରୀ ଓ ଲୋକସଭା ସାଂସଦ ବଲାଙ୍ଗୀର ସଂଗୀତା କୁମାରୀ ସିଂହ ଦେଓଙ୍କ କରକମଳରେ ଅନୁଷ୍ଠିତ ହୋଇଥିଲା।ତତ୍କାଳୀନ କୋଭିଡ ମହାମାରୀର ସଂକ୍ରମଣ ଓ ଭୟାବହତା ହେତୁ ଏହି ଚିକିତ୍ସାଳୟ କୋଠାକୁ ସ୍ୱତନ୍ତ୍ର ଭାବେ ଜିଲ୍ଲାର କୋଭିଡ ସଂକ୍ରମିତ ଙ୍କ ଚିକିତ୍ସା ନିମନ୍ତେ ବ୍ୟବହୃତ କରାଯାଉଥିଲା, ମାତ୍ର ବର୍ତମାନ କୋଭିଡ ପରିସ୍ଥିତିରେ ବିଶେଷ ସୁଧାର ଆସିଥିବାରୁ ଏହି କେନ୍ଦ୍ରକୁ ପୂର୍ଣ୍ଣ ରୂପରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସେବା ପାଇଁ ଉପଲବ୍ଧ କରାଯାଇଥିବା ଜିଲ୍ଲା ପ୍ରଶାସନ ତରଫରୁ ସୂଚୀତ କରାଯାଇଛି। ଜିଲ୍ଲାର ଜନସାଧାରଣ ଏହାର ସୁଯୋଗ ନେବାକୁ ଅନୁରୋଧ କରାଯାଇଛି।

## ବିନିକା ବ୍ଲକ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସୁବର୍ଣ୍ଣପୁର, (ପି.ଏନ): ସୁବର୍ଣ୍ଣପୁର ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ବିନିକା ବ୍ଲକ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଶ୍ରୀମତୀ ଅବୋଲୀ ସୁନିଲ ନରୱଣେ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହେମନ୍ତ କୁମାର ପାଢ଼ୀ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ୪୯ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୪୪ ଗୋଟି, ସାମୁହିକ ଦରଖାସ୍ତ ୫ ଗୋଟି ରହିଥିବା ସୂଚନା ପ୍ରଦାନ କରାଯାଇଛି। ଗ୍ରହଣ କରାଯାଇଥିବା ଅଭିଯୋଗ ଦରଖାସ୍ତକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ତୁରନ୍ତ ସମାଧାନ ନିମନ୍ତେ ପ୍ରେରଣ କରାଯାଇଛି ।ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ଏବିଡ଼ିଓ), ବିନିକା ପ୍ରଜ୍ଞା ପାଣିଗ୍ରାହୀଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଉନ୍ନୟନ ତଥା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ପି. କୁଜୁର, ଉପ ଜିଲ୍ଲାପାଳ ସୋନପୁର ଡ଼ଃ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ତହସିଲଦାର ବିନିକା, ମୁକ୍ତେଶ୍ୱର ପାଣିଗ୍ରାହୀ, ଜିଲ୍ଲା ସ୍ତରୀୟ ଅଧିକାରୀ, ବ୍ଲକ ସ୍ତରୀୟ କର୍ମଚାରୀ ପ୍ରମୁଖ ଯୋଗଦାନ କରିଥିଲେ।

# ହକିର ଏନ୍ତୁଡ଼ିଶାଳ ସୁନ୍ଦରଗଡ଼ ପାଇଁ ମୁଖ୍ୟମନ୍ତ୍ରୀ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ସଫଳ ହୋଇଛି : ମୁଖ୍ୟ ଶାସନସଚିବ

ରାଉରକେଲା, (ପି.ଏନ): ବିଶ୍ୱକପ ହକି-୨୦୨୩ ପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଂଚିଛି ଏବଂ ହକିର ଏନ୍ତୁଡ଼ିଶାଳ ସୁନ୍ଦରଗଡ଼ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ସଫଳ ହୋଇଛି ବୋଲି ମୁଖ୍ୟ ଶାସନସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି । ରାଉରକେଲା ଗସ୍ତରେ ଆସିଥିବା ମୁଖ୍ୟ ଶାସନସଚିବ ଶ୍ରୀ ମହାପାତ୍ର ଆଜି ଗଣମାଧ୍ୟମକୁ ଏହା କହିଛନ୍ତି । ଆଜି ଏକ ସ୍ୱତନ୍ତ୍ର ବିମାନ ଯୋଗେ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର, ଫାଇଭ୍- ଟି ସଚିବ ଭି.କେ. ପାଣ୍ଡିଆନ୍ ଓ କ୍ରୀଡ଼ା ସଚିବ ଆର. ଭିନିଲ୍ କ୍ରିଷ୍ଣା ରାଉରକେଲାରେ ପହଂଚି ସିଧାସଳଖ ଜିଲ୍ଲା ପ୍ରଶାସନିକ ଅଧିକାରୀ ମାନଙ୍କ ସହିତ ହକି ପଡ଼ିଆ ଅଂଚଳ ପରିଦର୍ଶନରେ ଯାଇଥିଲେ । ସେଠାରେ ଉଭୟ ପିଚ୍ ପ୍ରସ୍ତୁତ ହୋଇସାରିଥିବା ବେଳେ ଏଥିପାଇଁ ସମସ୍ତ ପ୍ରକାର ଲାଇସେନ୍ସ ମିଳିସାରିଛି ଏବଂ ଆଗାମୀ ୨୪ ତାରିଖ ଦିନ ଏହି ପିଚ୍ ରେ ପରୀକ୍ଷାମୂଳକ ଭାବେ ଅଭ୍ୟାସ ମ୍ୟାଚ୍ ଖେଳାଯିବ ଏବଂ ପିଚ୍ ରେ ଯଦି କିଛି ତ୍ରୁଟୀ ଦେଖାଯାଏ, ମୁଖ୍ୟ ଖେଳ ପୂର୍ବରୁ ତାହାର ସମାଧାନ କରାଯିବ ବୋଲି ମୁଖ୍ୟ ଶାସନସଚିବ ଶ୍ରୀ ମହାପାତ୍ର କହିଛନ୍ତି । ସେହିଭଳି ପଡ଼ିଆରେ ଲାଗିଥିବା ଉଚ୍ଚକ୍ଷମତା ସମ୍ପନ୍ନ ଆଲୋକ ଗୁଡିକ ପାଇଁ ଲାଇସେନ୍ସ ମିଳିବା ସହ ସେଗୁଡିକୁ ପରୀକ୍ଷା କରାଯାଇ ସାରିଛି । ତେବେ ଏହି ଖେଳ ପାଇଁ ଆବଶ୍ୟକ ହେଉଥିବା ବିମାନବନ୍ଦର କାର୍ଯ୍ୟ ମଧ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଂଚିଛି । ଏହାର ସମସ୍ତ ଅଂଚଳକୁ ଉଭୟ ଆଇଏଏସ ମାନେ ପରିଦର୍ଶନ କରି କହିଛନ୍ତି ଯେ, ଦୁଇରୁ ତିନି ଦିନ ମଧ୍ୟରେ ଡିଜିସିଏ ବିମାନ ବନ୍ଦର ଲାଗି ଲାଇସେନ୍ସ ପ୍ରଦାନ କରିବ। ପରେ ଉଡ଼ାଣ ଯୋଜନାରେ ବିମାନ ଚଳାଚଳ କରିବା ସହ ଖେଳ ସମୟରେ ଚାଟାର୍ଡ଼ ପ୍ଲେନ୍ ଗୁଡିକ ଚଳାଚଳ କରିବା ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ଶ୍ରୀ ମହାପାତ୍ର ପ୍ରକାଶ କରିଥିଲେ । କିନ୍ତୁ, ରାଉରକେଲା ବିମାନ ବନ୍ଦରକୁ ୨ସି କିମ୍ବା ୩ ସି ଲାଇସେନ୍ସ ମିଳିବ ସେନେଇ କୌଣସି ସ୍ୱଷ୍ଟ ସୂଚନା ଦେଇନଥିବା ବେଳେ ହକି ଖେଳ ପରେ ରାଉରକେଲା ବିମାନ ବନ୍ଦରରେ ନିୟମିତ ବିମାନ ଚାଲିବ କି ନାହିଁ ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି ।

# ଭୂମିହୀନଙ୍କୁ ଜାଗା ପ୍ରମାଣ ପତ୍ର ପ୍ରଦାନ



ଯୋଡା,(ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକାରେ ଜାଗାମିଶନ ଯୋଜନାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ପୂର୍ବାହ୍ନରେ ଓଡିଶା ସରକାରଙ୍କ ଜାଗା ମିଶନ୍ ଯୋଜନା ଶ୍ରେଣୀରେ ଅନ୍ତର୍ଭୁକ୍ତ ହିତାଧିକାରୀ ମାନଙ୍କୁ ଏହି ଅବସରରେ ଜମି ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ ଯୋଗ ଦେଇଥିବା ବେଳେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟଯୋଶୀ, ଯୋଡା ବିକାଶ ପରିଷଦର ସଭାପତି ନିରଞ୍ଜନ ବହିଦାର, ପୂର୍ବତନ ଉପ-ନଗରପାଳ ସୁରେନ୍ଦ୍ରନାଥ ଜେନା ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଯୋଡା ପୌରପାଳିକାର ୧୪ଟି ୱାର୍ଡରେ ସମୁଦାୟ ୬୨୧୬ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ମଙ୍ଗଳବାର ଦିନ ତନ୍ମଧ୍ୟରୁ ବନେଇକଳା ଠାରେ ୧୭୫ ଜଣଙ୍କୁ ଭୂମିହୀନଙ୍କୁ ଜାଗା ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ନିର୍ବାହୀ ଅଧିକାରୀ ଶ୍ରୀ ପାଟଯୋଶୀ ସୂଚନା ଦେଇଛନ୍ତି । ଏହି ଜମି ଗୁଡିକ ୩୨୩ ବର୍ଗ ଫୁର୍ଟରୁ ସର୍ବାଧିକ ୪୮୦ ବର୍ଗଫୁର୍ଟ ମଧ୍ୟରେ ଯୋଗାଇ ଦିଆଯିବ । ପରେ ଜାଗା ପ୍ରମାଣ ପତ୍ର ଦେବା ପରେ ଭୂମି ଅଧିକାର ପତ୍ର ଓ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧମୁକ୍ତ ଋଣ ଯୋଗାଇ ଦେବାର ସରକାରୀ ଯୋଜନା ରହିଥିବା ନିର୍ବାହୀ ଅଧିକାରୀ ପ୍ରକାଶ କରିଥିଲେ ।

# ଲଭ୍ ଇନ୍ ଲଣ୍ଡନ ଓଡ଼ିଆ ଚଳଚିତ୍ରର ଫାଷ୍ଟ ଲୁକ୍ ରିଲଜ୍

ଭୁବନେଶ୍ୱର,(ପି.ଏନ): ସାରା ଓଡ଼ିଶାର ହୃଦ ସ୍ପନ୍ଦନ ବଢାଇ ନୂଆ ବର୍ଷରେ ମୁକ୍ତି ଲାଭ କରିବାକୁ ଯାଉଛି ମେଗା ଷ୍ଟାର ଅନୁଭବ ମହାନ୍ତିଙ୍କ ନୂଆ ଓଡ଼ିଆ ସିନେମା ଲଭ୍ ଇନ୍ ଲଣ୍ଡନର ଫାଷ୍ଟ ଲୁକ ରିଲିଜ୍ ହୋଇଛି। ଜେବି ଫିଲ୍ମସ୍ ଆଣ୍ଡ ଟିଭି ଏବଂ ଆମରା ଷ୍ଟୁଡ଼ିଓ ଦ୍ୱାରା ପ୍ରସ୍ତୁତ ନବିନ ଭଣ୍ଡାରୀ ଓ ଜେ.ବର୍ଖାଙ୍କ ଦ୍ୱାରା ପ୍ରଯୋଜିତ ତାପସ ସରଘରିୟାଙ୍କ ବଳିଷ୍ଠ କାହାଣୀ ସହିତ ନିର୍ଦ୍ଦେଶନାର ଚଳଚିତ୍ର ଲଭ୍ ଇନ୍ ଲଣ୍ଡନ ସମସ୍ତ ପୁରୁଣା ରେକର୍ଡ଼ ଭାଙ୍ଗି ନୂଆ ଇତିହାସ ସୃଷ୍ଟି କରିବାକୁ ଯାଉଛି। ଏହି ଚଳଚିତ୍ରର ମୁଖ୍ୟ ଭୂମିକାରେ ମେଗାଷ୍ଟାର ଅନୁଭବ ମହାନ୍ତି ଥିବା ବେଳେ ତାଙ୍କ ସହିତ ନବାଗତା ସୁନ୍ଦରୀ ତଥା ସୁପର ମଡ଼େଲ ସ୍ୱପ୍ନା ପ୍ରୀୟଦର୍ଶିନୀ ଏବଂ ସୌମ୍ୟା ସଚଦେବା ନଜର ଆସିବେ। ଫାଷ୍ଟ ଲୁକ୍ ପୋଷ୍ଟରରେ ମେଗାଷ୍ଟାର ଅନୁଭବ ଓ ଅଭିନେତ୍ରୀ ସ୍ୱପ୍ନା ପ୍ରିୟଦର୍ଶିନୀ ପରସ୍ପରକୁ ଲିପ୍‌କିସ୍ ମାଧ୍ୟମରେ ପରସ୍ପରର ପ୍ରେମକୁ ପ୍ରକାଶ କରୁଥିବା ପରିଲକ୍ଷିତ ହେଉଛି। ଚଳଚିତ୍ରରେ କାର୍ଯ୍ୟକାରୀ ପ୍ରଯୋଜନା ଭାର ସୁରଜ ମହନତଙ୍କ କାନ୍ଧରେ ଥିବା ବେଳେ ଚିତ୍ରନାଟ୍ୟ ସୁରେଶ ପଟ୍ଟନାୟକ ସଂଳାପ ଅନ୍ତର୍ଯ୍ୟାମୀ ସରଘରିୟା, ଡ଼ି.ଓ.ପି ଶୁବ୍ରତ କୁମାର ଖଟେଇ, ସମ୍ପାଦନା ରାଜେଶ ଦାସ, ସଂଗୀତ ବୈଦ୍ୟନାଥ, ଅସଦ ନିଜାମ, ଡ଼.ବିନୟ, କୋରିଓଗ୍ରାଫର ଗିରିଶ ମହାନ୍ତି, ପବ୍ଲିସିଟି ଡ଼ିଜାଇନ୍ ଆଜହାର ଅଲ୍ଲୀଙ୍କ ସହିତ ପ୍ରଚାର ପ୍ରସାର ଦାୟିତ୍ୱରେ ମିଡ଼ିଆ ପ୍ଲାନର ମୁଖ୍ୟ ପ୍ରଣୟ ଜେଠୀ ଅଛନ୍ତି। ଓଡ଼ିଆ ଦର୍ଶକ ଏହି ଚଳଚିତ୍ର ମାଧ୍ୟମରେ ଓଡ଼ିଆ ଚଳଚିତ୍ରର ଏକ ବିରାଟ ପରିବର୍ତନ ଓ ବିଗ୍ ବଜେଟର ଫିଲ୍ମ ଦେଖିବାକୁ ପାଇବେ ବୋଲି ପ୍ରଯୋଜନା ସଂସ୍ଥା ଆଶା ପ୍ରକୋଟ କରିଛନ୍ତି। ପ୍ରଥମ ମେଗା ଷ୍ଟାର ସବୁବେଳେ ସୁପରହିଟ୍ ଚଳଚିତ୍ର ଦେଇ ଆସୁଥିବା ଅଭିନେତା ଅନୁଭବ ମହାନ୍ତି ଦୀର୍ଘ ୪ ବର୍ଷ ପରେ ଦର୍ଶକମାନଙ୍କ ପାଖକୁ ନୂଆ ଚଳଚିତ୍ର ଲଭ୍ ଇନ୍ ଲଣ୍ଡନ ଚଳଚିତ୍ର ମାଧ୍ୟମରେ ଆସିବେ ଏହା ୨୦୨୩ରେ ମୁକ୍ତିଲାଭ କରିବ ବୋଲି ଜଣାପଡ଼ିଛି।

# ସଂରକ୍ଷିତ ଜଙ୍ଗଲରୁ ଟ୍ରାକ୍ଟର ଜବତ୍ କରି ବନବିଭାଗ ଛାଡିଦେଲା

କେନ୍ଦୁଝର(ପିଏନ)- କେନ୍ଦୁଝର ସଦର ରେଞ୍ଜ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଅନ୍ତର୍ଗତ ଭାଲଘର ନାଳରୁ ବେଆଇନଭାବେ ବାଲି ଲୋଡ କରୁଥିବା ଏକ ଟ୍ରାକ୍ଟରକୁ ବନ ବିଭାଗ ଜବତ୍ କରି ପରେ ଛାଡି ଦେବା ଚର୍ଚ୍ଚାର ବିଷୟ ହୋଇଛି। ଟାଉନ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ସଂରକ୍ଷିତ ଜଙ୍ଗଲ ଭିତରେ ଥିବା ଭାଲୁଘର ନାଳରୁ ଗୁରୁବାର ଅପରାହ୍ନରେ ବାଲି ଚୋରୀ ହେଉଥିବା ଖବର ପାଇ ସଦର ରେଞ୍ଜର ଅରବିନ୍ଦ ନାୟକ,ଟାଉନ ଫରେଷ୍ଟର ଭୂପତି ସେଠୀ,ବେଲଦା ଫରେଷ୍ଟ ଗାର୍ଡ ମିତ୍ରଭାନୁ ନାୟକ ଅନ୍ୟ ବନ କର୍ମଚାରୀଙ୍କ ସହ ଘଟଣାସ୍ଥଳକୁ ଯାଇ ବାଲି ବୋଝେଇ ଟ୍ରାକ୍ଟର ଗାଡି ଜବତ୍ କରିଥିଲେ। ପରେ ଜବତ୍ ଟ୍ରାକ୍ଟରକୁ ନରଣପୁର ଫରେଷ୍ଟ ଡିପୋରେ ରଖାଯାଇଥିଲା। ତେବେ ଶନିବାର ଦିନ ଭୋର ସମୟରେ ବନ କର୍ମଚାରୀ ଏବଂ ମାଫିଆ ମଧ୍ୟରେ ମୂଲଚାଲ ହେବା ପରେ ଉକ୍ତ ଗାଡିକୁ ଛାଡି ଦିଆଯାଇଥିବା ଅଭିଯୋଗ ହୋଇଛି। ନରଣପୁର ଫରେଷ୍ଟ ଡିପୋ ଭିତରେ ଥିବା ଟ୍ରାକ୍ଟର ଜବତ୍ ସମୟରେ ରେଜିଷ୍ଟ୍ରର ରେ ଲେଖା ଯାଇନଥିବାବେଳେ ସିଜର ଲିଷ୍ଟ କରାଯାଇନାହିଁ। ତେବେ ବିନା ଜିମାନାମରେ ଗାଡି କିପରି ଛଡା କିପରି ଛଡାଗଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଏସିଏଫ ଘନଶ୍ୟାମ ମହାନ୍ତଙ୍କ ସହ ଯୋଗଯୋଗ କରିବାରୁ ଗାଡି ଜବତ୍ ସମୟରେ ମୋତେ ଅବଗତ କରିନଥିବା କହିଛନ୍ତି। ଡିଏଫଓ ସ୍ୱୟମ ମଲ୍ଲିକଙ୍କ ସହ ଯୋଗାଯୋଗ କରିବାରୁ ଘଟଣାର ତଦନ୍ତ ପରେ ପଦକ୍ଷେପ ନିଆଯିବ। ସଦର ରେଞ୍ଜର ଅରବିନ୍ଦ ନାୟକଙ୍କ ସହ ଯୋଗଯୋଗ କରିବାରୁ ଜବତ୍ ଗାଡିର କାଗଜପତ୍ର ଯାଂଚ ପରେ ଛାଡି ଦିଆଯାଇଥିବା ପ୍ରକାଶ କରିଛନ୍ତି। ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଏବଂ ମଇଦାନକେଲ,ରଘୁନାଥପୁର ଏବଂ ନରଣପୁର ସଂରକ୍ଷିତ ଜଙ୍ଗଲରୁ ଲଘୁ ଖଣିଜ ସମ୍ପଦ ଅବାଧରେ ଚୋରୀ ହେଉଥିଲେ ହେଁ ବନ ବିଭାଗ ଜାଣି ଚୁପ ରହୁଥିବା ଅଭିଯୋଗ ହୋଇଛି। ସଂରକ୍ଷିତ ଜଙ୍ଗଲ ଭିତରେ ରାସ୍ତା କରି ମାଫିଆମାନେ ଜଙ୍ଗଲ ଧ୍ୱଂସ କରି ବାଲି,ପଥର,ମୋରମ ଚୋରୀ କରୁଥିବାବେଳେ ବନ ବିଭାଗ ନୀରବଦ୍ରଷ୍ଟା ରହୁଛି। ଏପରିକି ଉପରସ୍ଥ ଅଧିକାରୀ ନିୟମିତ ସଂରକ୍ଷିତ ଜଙ୍ଗଲ ପରିଦର୍ଶନରେ ଯାଉନଥିବାରୁ ଏହାର ସୁଯୋଗରେ ତଳତଳିଆ କର୍ମଚାରୀ ମାଫିଆଙ୍କ ସଲାସୁତୁରାରେ ଲଘୁ ଖଣିଜ ସମ୍ପଦ ଲୁଟ କାର୍ଯ୍ୟକୁ ପ୍ରୋତ୍ସାହନ କରୁଛନ୍ତି।




# ବିଶ୍ୱବାସୀ ଗୋଟିଏ ପରିବାରର



ସମଗ୍ର ବିଶ୍ୱ ଗୋଟିଏ ପରିବାରର। ଆମେ ସମସ୍ତେ ଗୋଟିଏ ଛାତ ତଳର ଏକ ବୃହତ ଯୌଥ ପରିବାରର ସଦସ୍ୟ। ପ୍ରତିବର୍ଷ ଡିସେମ୍ବର ୨୦ରେ ବିଶ୍ୱ ସ୍ତରରେ ପାଳନ କରାଯାଏ ଅନ୍ତର୍ଜାତୀୟ ମାନବ ଏକତା ଦିବସ। ଏକତାକୁ ଏକ ମୌଳିକ ଓ ବିଶ୍ୱ ମୂଲ୍ୟବୋଧ ଭାବେ ୨୦୦୫ରେ ଜାତିସଂଘ ଘୋଷଣା କରିଥିଲା। ବିଶ୍ୱସ୍ତରୀୟ ବିଷୟ ଓ ସମସ୍ୟାଗୁଡ଼ିକୁ ମିଳିତ ଭାବେ ସାମ୍ନା କରିବା କେତେ ଗୁରୁତ୍ୱପୂର୍ଣ୍ଣ, ଏହି ଦିବସ ତାହା ଆମକୁ ମନେପକାଇଦିଏ। ବିଶ୍ୱରେ ବିକାଶ ଲକ୍ଷ୍ୟ ପୂରଣରେ ଏକତା ହିଁ ଏକମାତ୍ର ରାସ୍ତା। ବିଶ୍ୱର ସମସ୍ତ ସମସ୍ୟା ସମାଧାନର ଏକମାତ୍ର ପନ୍ଥା ଏକତା ବୋଲି ଜାତିସଂଘର ସାଧାରଣ ସଚିବ ଗୁରୁତ୍ୱାରୋପ କରିଛନ୍ତି। ବିଶ୍ୱବାସୀ ଗୋଟିଏ ପରିବାରର ସଦସ୍ୟ ଭାବେ କାର୍ଯ୍ୟ କରିବା ଉଚିତ, ଫଳରେ ବୃହତ୍ ଲକ୍ଷ୍ୟ ସାଧନ ସହଜ ହେବ। ତେଣୁ ପ୍ରତ୍ୟେକ ବ୍ୟକ୍ତି ପରସ୍ପରକୁ ସାହାଯ୍ୟ ସହଯୋଗର ହାତ ବଢ଼ାଇବା ସହିତ ସମସ୍ତେ ଗୋଟିଏ ସମୁଦାୟର ବୋଲି ମନେକରିବା ଉଚିତ। ଦାରିଦ୍ର୍ୟ ଦୂରୀକରଣରେ ଏକତାର ମୂଲ୍ୟବୋଧ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ମଧ୍ୟ ଏହି ଦିବସର ଅନ୍ୟତମ ମୁଖ୍ୟ ଲକ୍ଷ୍ୟ। ଏ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ସମ୍ମେଳନ ମାଧ୍ୟମରେ ଦାରିଦ୍ର୍ୟ ଦୂରୀକରଣ ନୂଆ ପନ୍ଥା ବାହାର କରିବାକୁ ଲୋକଙ୍କୁ ଉତ୍ସାହିତ କରାଯାଏ। ଲ୍ୟାଣ୍ଡମାଇନ୍‌ଗୁଡ଼ିକୁ ନିଷିଦ୍ଧ କରିବା, ଲୋକଙ୍କୁ ସ୍ୱାସ୍ଥ୍ୟ ଓ ଚିକିତ୍ସା ଯୋଗାଇଦେବା, ପ୍ରାକୃତିକ କିମ୍ବା ମାନବକୃତ ବିପର୍ଯ୍ୟୟରେ ପୀଡ଼ିତ ବ୍ୟକ୍ତିଙ୍କୁ ଉପଶମ ବ୍ୟବସ୍ଥା, ଶିକ୍ଷା, ଆତଙ୍କବାଦ, ଦୁର୍ନୀତି ଓ ଦାରିଦ୍ର୍ୟ ବିରୋଧରେ ଲଢ଼େଇ ଆଦି ପ୍ରମୁଖ ବିଷୟଗୁଡ଼ିକୁ କାର୍ଯ୍ୟକାରୀ କରିବା ଦିଗରେ ଅଭିଯାନ ମାଧ୍ୟମରେ ପ୍ରୋତ୍ସାହିତ କରାଯାଏ। ଆଜି ସମଗ୍ର ବିଶ୍ୱ ବିଭିନ୍ନ ସମସ୍ୟାକୁ ନେଇ ଜର୍ଜରିତ ରହିଥିବାବେଳେ ଆମ୍ଭ ମାନଙ୍କ ଭିତରେ ମାନବୀୟ ମୂଲ୍ୟବୋଧ ବୃଦ୍ଧି ପାଇବା ଜରୁରୀ। ସମସ୍ତେ ପରସ୍ପରକୁ ସହଯୋଗ ସାହାଯ୍ୟ କରିବା ହିଁ ମାନବ ଧର୍ମ ଏହାକୁ ଜୀବନର ପ୍ରତିଟି କ୍ଷେତ୍ରରେ ପ୍ରତି ମୁହୂର୍ତ୍ତରେ କାର୍ଯ୍ୟରେ ପରିଣତ କରିବା ଆଜିର ଦିବସର ବାର୍ତ୍ତା ହେଉ।




**ଅଲେଖ ଚନ୍ଦ୍ର ସାମଲ**, ଓଏଫଏସ-୧ (ଏସ୍.ବି.), ପୂର୍ବତନ ଡିଏଫ୍‌ଓ (କେନ୍ଦୁଲିଫ୍), ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ: ୯୪୩୭୨୫୭୧୨୩

## କବିତା ସଙ୍କଳନ 'ତଟବାଲି' ଉନ୍ମୋଚିତ



କେନ୍ଦ୍ରାପଡ଼ା (ପିଏନ୍): ଅବସରପ୍ରାପ୍ତ ସେନା ଶିକ୍ଷା ଅଧିକାରୀ ସୁବେଦାର ମେଜର ଭରତ ଚନ୍ଦ୍ର ଜେନାଙ୍କ ତୃତୀୟ ପୁସ୍ତକ "ତଟବାଲି" ଚତୁର୍ଥ ଓଡିଶା ରାଜ୍ୟ ପୁସ୍ତକ ମହୋତ୍ସବ -୨୦୨୨ରେ ଉନ୍ମୋଚିତ ହୋଇଯାଇଛି। ବନଫୁଲ ପ୍ରକାଶନ ଆନୁକୂଲ୍ୟରେ ପ୍ରକାଶିତ କବିତା ସଙ୍କଳନରେ ୭୨ଟି କବିତା ସମାହିତ ହୋଇଛି। ଏହି ମହୋତ୍ସବରେ ବନଫୁଲ ପୁସ୍ତକ ଉନ୍ମୋଚନ ଓ ବହି ସମ୍ମାନ ପ୍ରଦାନ ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଶାସ୍ତ୍ରୀୟ ଓଡିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ଡଃ. ବସନ୍ତ କୁମାର ପଣ୍ଡା, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଗବେଷକ ଅସିତ କୁମାର ମହାନ୍ତି, ସମ୍ମାନୀତ ଅତିଥି ପ୍ରାବନ୍ଧିକ ଡଃ. ବେଣୁଧର ପାଢୀ ଓ ବିଶିଷ୍ଟ କବୟିତ୍ରୀ ମମତା ଦାଶ ଯୋଗଦେଇ ମେଜର ଭରତ ଚନ୍ଦ୍ର ଜେନାଙ୍କୁ ବନଫୁଲ ବହି ସମ୍ମାନ-୨୦୨୨ରେ ସମ୍ବର୍ଦ୍ଧିତ କରିଥିଲେ। ଏହି ସଭାରେ ଗାଳ୍ପିକ ରବି ପଣ୍ଡା ସଭାପତିତ୍ୱ କରିଥିବା ବେଳେ ଜାହ୍ନବୀ ଚୌଧୁରୀ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନଫୁଲର ପ୍ରକାଶକ ପବିତ୍ର ବ୍ରହ୍ମପୁତ୍ର ନାୟକ, ଡଃ. ରତ୍ନାକର ମଲ୍ଲିକ, ଡଃ. ନିର୍ମଳା କୁମାରୀ ମହାପାତ୍ର, ଅମର ପ୍ରସାଦ ରାଉତ, ଆଦିକନ୍ଦ ରାଉଳ, ଅଧର କୁମାର ଜେନା, ମିନାକ୍ଷୀ ଦାସ, ସସ୍ମିତା ସ୍ୱାଇଁ, ବିଜୟଲକ୍ଷ୍ମୀ ପ୍ରଧାନ, ମଧୁସ୍ମିତା ପ୍ରଧାନ, ଗୋଲଖ ସେଠୀ, ନିରଞ୍ଜନ ନାୟକ, ରାଖାଲ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜାହ୍ନବୀ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସମ୍ବଲପୁର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ




ସମ୍ବଲପୁର (ପିଏନ୍): କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ୫୭ତମ ବାର୍ଷିକୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଅତିରିକ୍ତ ଜିଲ୍ଲାଧିକାରୀ ଶ୍ରୀ ଅଜାମ୍ବର ମହାନ୍ତି ମୁଖ୍ୟ ଅତିଥି ରୂପେ ଯୋଗଦାନ କରିଥିଲେ। ବିଦ୍ୟାଳୟ ପ୍ରବନ୍ଧ ସମିତିର ସଦସ୍ୟଗଣ, ଅଭିଭାବକଗଣ ଓ ଛାତ୍ରଛାତ୍ରୀଙ୍କ ଉପସ୍ଥିତି ଉତ୍ସବର ଶୋଭାବର୍ଦ୍ଧନ କରିଥିଲା। ମୁଖ୍ୟ ଅତିଥିଙ୍କୁ ସ୍ୱାଗତ, ଦୀପ ପ୍ରଜ୍ୱଳନ ଓ ସରସ୍ୱତୀ ବନ୍ଦନା ପରେ ବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ପ୍ରଶାନ୍ତ କୁମାର ଷଡ଼ଙ୍ଗୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ୍ ଚିତ୍ତାକର୍ଷକ ହୋଇଥିଲା। ବିଦ୍ୟାଳୟର




ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଷ୍ଟାଫ୍ ସକ୍ରିୟ ଭାବେ ଅଂଶଗ୍ରହଣ କରି ଉତ୍ସବଟିକୁ ସାଫଲ୍ୟମଣ୍ଡିତ କରିଥିଲେ। ଇଂରାଜୀ ଅଧ୍ୟାପକ ଶ୍ରୀ ଅରୁଣ କୁମାର ଯୋଷୀ, ସହପାଠ୍ୟଗାମୀ କାର୍ଯ୍ୟକଳାପ ପ୍ରଭାରୀ ଶ୍ରୀମତୀ ପଦ୍ମାକ୍ଷୀ ବେହେରା, ହିନ୍ଦୀ ଶିକ୍ଷୟିତ୍ରୀ ଶ୍ରୀମତୀ (ଡକ୍ଟର) ଉମା କୁମାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ବରିଷ୍ଠତମ ଶିକ୍ଷୟିତ୍ରୀ ଶ୍ରୀମତୀ ଭି. ଅନିତା କୁମାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟକ୍ଷ ଶ୍ରୀ ଷଡ଼ଙ୍ଗୀ ଶେଷରେ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ବନ୍ଧୁତ୍ୱର ବିକଳ୍ପ ନାହିଁ: ଦୀର୍ଘ ୩୫ ବର୍ଷ ପରେ ଏକାଠି ହେଲେ ବ୍ରହ୍ମେଶ୍ୱର ବିଦ୍ୟାଳୟ ବିଦ୍ୟାର୍ଥୀ



ଭୁବନେଶ୍ୱର (ପିଏନ୍): ବ୍ରହ୍ମେଶ୍ୱର ପାଟଣା ପ୍ରାଥମିକ ବିଦ୍ୟାଳୟରୁ ମାଧ୍ୟମିକ ବିଦ୍ୟାଳୟର ୧୯୮୨ରୁ ୮୮ ବ୍ୟାଚ୍ ବିଦ୍ୟାର୍ଥୀଙ୍କ ସମାଗମରେ ଏକ ନିଆରା ବନ୍ଧୁମିଳନ କାର୍ଯ୍ୟକ୍ରମ ଦୀର୍ଘ ୩୫ ବର୍ଷ ପରେ ଅନୁଷ୍ଠିତ ହୋଇଯାଇଛି। ବନ୍ଧୁତ୍ୱର ବିକଳ୍ପ ନାହିଁ, ଏହାକୁ ଆଧାର କରି ସମାଜରେ କିଛି ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ବିଦ୍ୟାର୍ଥୀମାନେ ଏକାଠି ହେବା ସହିତ କିଛି ସାମାଜିକ କାର୍ଯ୍ୟ କରିବା ପାଇଁ ବଦ୍ଧପରିକର ବୋଲି ନିଜ ନିଜ ମତ ରଖିଥିଲେ। ଅରବିନ୍ଦ ଓ ସୁକାନ୍ତିଙ୍କ ସଂଯୋଜନାରେ ଆୟୋଜିତ ବନ୍ଧୁ ମିଳନରେ ଉକ୍ତ ବ୍ୟାଚ୍‌ର ପ୍ରାୟ ସମସ୍ତ ବିଦ୍ୟାର୍ଥୀ ଏକତ୍ରିତ ହୋଇ ବିଦ୍ୟାଳୟ ଜୀବନର ସ୍ମୃତି ଓ ଅନୁଭୂତିକୁ ପରସ୍ପର ମଧ୍ୟରେ ବାଣ୍ଟିବା ସହ ଏକ ନିଆରା ସଚେତନତାମୂଳକ ନାଟକ (ରୋଡ୍ ରୋମିଓ) ପରିବେଷଣ କରାଯାଇଥିଲା। ବିନୋଦ ଓ ରାଜେଶଙ୍କ ନିର୍ଦ୍ଦେଶନାରେ ଉକ୍ତ ନାଟକଟିକୁ ଅଭିନେତା ରବି, ପାର୍ଶ୍ୱଅଭିନେତ୍ରୀ କବିତାଙ୍କ ସହିତ ଦବଙ୍ଗ ନାୟିକା ଭାବେ ରଞ୍ଜୁରାଣୀଙ୍କ ଅଭିନୟ ଓ ବାର୍ତ୍ତା ବେଶ ମନମୁଗ୍ଧକର ଓ ସମାଜକୁ ଏକ ନୂତନ ଦିଗ ପ୍ରଦାନ କରିବାରେ ସହାୟକ ହୋଇପାରିବ ବୋଲି ମତବ୍ୟକ୍ତ କରାଯାଇଥିଲା। ଏହି ଅବସରରେ ରବିନାରାୟଣ, ବିନୋଦ, ରାଜେଶ, ସମୀର, ଅମୀୟ କବିତାଙ୍କୁ ବିଦ୍ୟାର୍ଥୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ହାସ୍ୟ ଅଭିନେତା ଭାବେ ଧଡୁ ଅଭିନୟ କରିଥିବାବେଳେ ସଂଗୀତ ପ୍ରଦାନ କରିଥିଲେ ଅଜୟ ଓ ମନୋଜ। ଆଗକୁ ବିଭିନ୍ନ ପ୍ରକାର ସାମାଜିକ ଓ ସଚେତନତାମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ପରିବେଷଣ କରାଯିବ ବୋଲି ମତବ୍ୟକ୍ତ କରାଯାଇଥିଲା। ଶେଷରେ ସ୍ୱପ୍ନା ଧନ୍ୟବାଦ ଅର୍ପଣ କରିଥିବା ବେଳେ କାର୍ଯ୍ୟକ୍ରମକୁ ସଫଳ କରାଇବାରେ ସୁଚିସ୍ମିତା, ସବିତା, ଭାଗ୍ୟଲତା, ନିରୁପମା, ମୃତ୍ୟୁଞ୍ଜୟ ପ୍ରମୁଖ ସହଯୋଗ କରିଥିଲେ।

## ଓଡ଼ିଆ ଭାଷା ସାହିତ୍ୟ, ସାମ୍ବାଦିକତାର ମହାନ ପ୍ରତୀକ ଥିଲେ ନୀଳମଣି ବିଦ୍ୟାରତ୍ନ



ଭୁବନେଶ୍ୱର (ପିଏନ୍): ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅଭିଯାନ, ଓଡ଼ିଶା ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓ 'ଆମେ ଭୁବନେଶ୍ୱର' ପକ୍ଷରୁ ନୀଳମଣି ବିଦ୍ୟାରତ୍ନଙ୍କ ୧୫୬ତମ ଜୟନ୍ତୀ ସ୍ଥାନୀୟ ପ୍ରତିମୂର୍ତ୍ତିସ୍ଥଳ ଜୟଦେବ ବିହାରଠାରେ ପୁଷ୍ପାଞ୍ଜଳି ଅର୍ପଣ ସହ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସଂଯୋଜନା କରି ବରିଷ୍ଠ ସାମ୍ବାଦିକ, ଅଭିଯାନ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ ମତବ୍ୟକ୍ତ କରି କହିଥିଲେ ଯେ, ଉତ୍କଳର ସୁଯୋଗ୍ୟ ସନ୍ତାନ ସହିତ, ଓଡ଼ିଆ ଭାଷା, ସାହିତ୍ୟ, ସ୍ୱାଧୀନତା ସଂଗ୍ରାମୀ, ସାମ୍ବାଦିକତା ପ୍ରମୁଖରେ ତାଙ୍କର ଅବଦାନ ଥିଲା ଅବିସ୍ମରଣୀୟ। ଉତ୍କଳ ଦୀପିକା ସମ୍ପାଦନା ସହିତ, ସାମ୍ବାଦିକତା ଓ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରାଇବାରେ ତାଙ୍କ ଅବଦାନ ଥିଲା ଅତୁଳନୀୟ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଦିଗରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ, ପ୍ରଭାତ ତ୍ରିପାଠୀ, ଅନୁସଚିବ ଲକ୍ଷ୍ମୀଧର ବେହେରା, ଦିଲ୍ଲୀପ ଦାସ ଶର୍ମା, ବ୍ରଜବନ୍ଧୁ ପରିଡ଼ା ଉପସ୍ଥିତ ରହିବା ସହ ତାଙ୍କ ବହୁମୁଖୀ ବ୍ୟକ୍ତିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ରମେଶ ଚନ୍ଦ୍ର ପାତାଳ ସିଂ, ଗିରିଜା ମହାପାତ୍ର, ନରେନ ସାହୁ, ସଂଯୋଜକ ବାପୁ ଓଝା ରୋହିତ କୁମାର ପ୍ରମୁଖ ପରିଚାଳନା କରିଥିଲେ ବୋଲି ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଜଣାଇଛନ୍ତି।

## ସତ୍ୟସାଇ ସେବା ସମିତି ପକ୍ଷରୁ ପୂଜ୍ୟପୂଜା ସମ୍ମାନ



ଧର୍ମଶାଳା (ପିଏନ୍): ଜାରକାସ୍ଥିତ ସତ୍ୟସାଇ ସେବା ସମିତି ପକ୍ଷରୁ ପୂଜ୍ୟପୂଜା ସମ୍ମାନ ଉତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ଯାଜପୁର ଜିଲ୍ଲାର ଅବସରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବିଜୟ କୁମାର ଶତପଥୀଙ୍କୁ ସାଇ ସଙ୍ଗଠନ ପକ୍ଷରୁ ପୂଜ୍ୟପୂଜା ସମ୍ମାନରେ ସମ୍ମାନିତ କରାଯାଇଛି । ଆବାହକ ସୁଶାନ୍ତ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଆବାହକ ପବିତ୍ର ମୋହନ ବିଶ୍ୱାଳ, କ୍ଷୀତିଶ ଚନ୍ଦ୍ର ମିଶ୍ର, ସଙ୍ଗଠକ ନିରଂଜନ ଶ୍ୟାନ୍ତି, ସେବା ସଂଯୋଜକ ବିକ୍ରମ କେଶରୀ ମହାନ୍ତି, ଭଜନାନନ୍ଦ ସାମଲ ପ୍ରମୁଖ ଯୋଗଦେଇ ସତ୍ୟସାଇଙ୍କ ସେବା ଓ ତ୍ୟାଗ ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିସହ ଡାକ୍ତର ବିଜୟ କୁମାର ଶତପଥୀଙ୍କ ସେବାମୂଳକ କାର୍ଯ୍ୟ ସହିତ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ପୂଜାର୍ଚ୍ଚନା ସହିତ ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବଟକୃଷ୍ଣ ମଲିକ, ମଦନାନନ୍ଦ ମଲିକ, ନମିତା ଶ୍ୟାନ୍ତି, ଶୁଭଲକ୍ଷ୍ମୀ ପତି, ଗଗନବିହାରୀ ଦତ, ଜିତେନ୍ଦ୍ର କୁମାର ଦାସ, ଗୋବିନ୍ଦ ଚନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସଦସ୍ୟ ଅମ୍ବିକା ପ୍ରସାଦ ଦାସ ଧନ୍ୟବାଦ ଦେଇଥିଲେ ।

## ନାଟ୍ୟକାର ଜଗନ ମୋହନ ଲାଲାଙ୍କ ସ୍ମୃତିରେ ଆଲୋଚନାଚକ୍ର




କେନ୍ଦ୍ରାପଡ଼ା (ପିଏନ୍): ଆଦି ନାଟ୍ୟକାର ଜଗନ୍ ମୋହନ ଲାଲାଙ୍କ ସ୍ମୃତିରେ ଓଡିଶା ନାଟ୍ୟ ସଙ୍ଘ ଓ ତୁଳସୀ କଲଚରାଲ ଆସୋସିଏସନର ମିଳିତ ଉଦ୍ୟମରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡା ସହରର ବିନୋଦ ବିହାରୀଜୀୟୁଙ୍କ ସଭା ଗୃହରେ ଅନୁଷ୍ଠିତ 'ଆମ ନାଟକରେ ସାଂପ୍ରତିକ ସମାଜ' ଶୀର୍ଷକ ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ପି.ଏନ.ଏସ. ସ୍କୁଲ ଅଫ ଇଞ୍ଜିନିଅରିଂ ଆଣ୍ଡ ଟେକ୍ନୋଲୋଜିର ଅଧ୍ୟକ୍ଷ ଇଂ ଜ୍ଞାନରଞ୍ଜନ ନାୟକ, ମୁଖ୍ୟବକ୍ତା ଭାବେ ଡଃ. ପ୍ରଦୀପ୍ତ ରାଉତରାୟ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଆସୋସିଏସନର ଉପସଭାପତି ନାଟ୍ୟଶିଳ୍ପୀ ରବୀନ୍ଦ୍ର ନାଥ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ସମ୍ପାଦକ କୈଳାସ ଚନ୍ଦ୍ର ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଏହି ଆଲୋଚନାଚକ୍ରରେ ଆସୋସିଏସନର ସଦସ୍ୟ ସରୋଜ କୁମାର ମହାନ୍ତି, ଅକ୍ଷୟ ସେନାପତି, ସଂଯୁକ୍ତା ଦାସ, ଅଶୋକ କୁମାର ସାହୁ, ହାଡିବନ୍ଧୁ ସିଂ, ଐଶ୍ୱର୍ଯ୍ୟରଞ୍ଜନ ଜେନା, ରାଜ କିଶୋର ପତ୍ରୀ, ଇତିଶ୍ରୀ ଦାସ, ଐଶ୍ୱର୍ଯ୍ୟା ଦାସ, ପ୍ରତୀକ ଅନୁରାଗ ଦାଶ, ଉମାକାନ୍ତ ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବର୍ତ୍ତମାନର ନାଟକ କିପରି ସାଂପ୍ରତିକ ସମାଜର ବିଭିନ୍ନ ବିଷୟ ବସ୍ତୁ ରହିଛି, କିପରି ସାଂପ୍ରତିକ ସମାଜର ବିଭିନ୍ନ ବିଷୟକୁ ନେଇ ନାଟକ ଅଭିନୟ କରାଯାଇପାରିବ, କିପରି ନାଟ୍ୟ ନାଟକକୁ ଆହୁରି ବୃଦ୍ଧି କରାଯିବ ସେ ବିଷୟରେ ଅତି ବିସ୍ତୃତ ଭାବେ ଆଲୋଚନା ଆଲୋଚନା କରାଯାଇଥିଲା। ଶେଷରେ ସଦସ୍ୟ ଉମାକାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଲକ୍ଷ୍ମୀନାରାୟଣ ପୂଜା ପାଇଁ ସଜେଇ ହେଉଛି ଜାରକା ବଜାର



ଧର୍ମଶାଳା (ପିଏନ୍): ଜାରକାର ପ୍ରସିଦ୍ଧ ଲକ୍ଷ୍ମୀନାରାୟଣ (ଗଜଉଦ୍ଧାରଣ) ପୂଜା ଗତ ୧୬ ତାରିଖଠାରୁ ଆରମ୍ଭ ହୋଇଛି ଏବଂ ଧର୍ମଶାଳା ମହୋତ୍ସବ ୨୫ ତାରିଖଠାରୁ ଆରମ୍ଭ ହେବ । ଏଥିପାଇଁ ସଜେଇ ହେଉଛି ଜାରକା ବଜାର । ପୂଜା ମଣ୍ଡପରେ ଲକ୍ଷ୍ମୀନାରାୟଣଙ୍କ ଗଜଉଦ୍ଧାରଣ ଦୃଶ୍ୟ ସାଙ୍ଗକୁ ବିଭିନ୍ନ ପୌରାଣିକ, ଐତିହାସିକ ଓ ସାମାଜିକ କଥାବସ୍ତୁକୁ ମୂର୍ତ୍ତି ମାଧ୍ୟମରେ ରୂପ ଦିଆଯାଉଛି । ମଣ୍ଡପ ସମ୍ମୁଖରେ ଏକ ସୁଦୃଶ୍ୟ ତୋରଣ ନିର୍ମାଣ କରାଯାଉଥିବା ବେଳେ ବଜାରର ସମସ୍ତ ପ୍ରବେଶ ପଥରେ ଆକର୍ଷଣୀୟ ଆଲୋକ ତୋରଣ ଓ ବଜାରକୁ ରଙ୍ଗିନ ଆଲୋକମାଳାରେ ସଜ୍ଜିତ କରାଯାଉଛି। ଧନୁ ସଂକ୍ରାନ୍ତି ତିଥିରେ କଳସ ଅଧିବାସ, ପୂଜାରମ୍ଭ ଓ ସଂଧ୍ୟାରେ ଚହଟା ଗ୍ରାମବାସୀ କୀର୍ତନ ପରିବେଷଣ କରିଛନ୍ତି । ୧୭ ତାରିଖରେ ସୂର୍ଯ୍ୟପୂଜା, ହୋମ, ମହାଦୀପ, ଆଳତୀ ଓ ଚୋରମୁହାଁ ଗ୍ରାମବାସୀଙ୍କ ଦ୍ୱାରା ଭଜନ ପରିବେଷିତ ହୋଇଥିଲା । ୧୮ ତାରିଖରେ ପୂଜା, ହୋମ, ପୁଷ୍ପାଂଜଳି, ଘଟ ବିସର୍ଜନ ଓ ବାଲିଗରି ଗ୍ରାମବାସୀ କୀର୍ତନ ପରିବେଷଣ କରିଥିଲେ । ୧୯ ତାରିଖରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ସତ୍‌ସଙ୍ଗ କାର୍ଯ୍ୟକ୍ରମରେ ଋତିକ୍ ଧରଣୀଧର ସ୍ୱାଇଁ ବକ୍ତାଭାବେ ଯୋଗ ଦେଇଥିଲେ । ୨୦ ଏବଂ ୨୧ ତାରିଖରେ ଗାୟିକା ଉର୍ମିଳା ସାହୁ ଓ ସାଥୀ ପାଲା ପରିବେଷଣ କରିବେ । ୨୨, ୨୩ ଓ ୨୪ ତାରିଖରେ ବାବାଜୀ ଅମୃତାନନ୍ଦ ଦାସ ପ୍ରବଚନ ଦେବେ । ଏଥିପାଇଁ ଆୟୋଜକ ଧର୍ମଶାଳା ମହୋତ୍ସବ ପୂଜା କମିଟି ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଁଚିଥିବା ସଭାପତି ଜଳଧର ମହାନ୍ତି ଓ ସଂପାଦକ ସତ୍ୟପ୍ରିୟ ମହାନ୍ତି ସୂଚନା ଦେଇଛନ୍ତି ।

## ବାଲେଶ୍ୱରରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନେଇ ମନ୍ତ୍ରୀଙ୍କ ସମୀକ୍ଷା

ବାଲେଶ୍ୱର (ପିଏନ୍): ଓଡ଼ିଶାର ମାନ୍ୟବର ପୂର୍ତ୍ତ, ଇସ୍ପାତ ଓ ଖଣି ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ମଲ୍ଲିକ ଦିନିକିଆ ବାଲେଶ୍ୱର ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ଅବସରରେ ମାନ୍ୟବର ମନ୍ତ୍ରୀଙ୍କ ସହ ବାଲେଶ୍ୱର ସଦର ବିଧାୟକ ଶ୍ରୀଯୁକ୍ତ ସ୍ୱରୂପ ଦାସ, ରେମୁଣା ବିଧାୟକ ଶ୍ରୀଯୁକ୍ତ ସୁଧାଂଶୁ ଶେଖର ପରିଡ଼ା, ବାଲେଶ୍ୱର ପୌରପାଳିକାର ଉପାଧ୍ୟକ୍ଷ ଶ୍ରୀଯୁକ୍ତ କୈଳାଶ ଚନ୍ଦ୍ର ସେଠୀ, ଇଆଇସି ମନୋରଞ୍ଜନ ମିଶ୍ର, ସିସିଇ ରଙ୍ଗାଧର ରାଉତ, ଏସଇ ପିଡ଼ବ୍ଲ୍ୟୁଡ଼ି ୱାନ୍ ରାମଚନ୍ଦ୍ର ସେଠୀ, ଏସଇଡ଼ବ୍ଲ୍ୟୁଡ଼ି ଟୁ ଅଜିତ ରାୟ ପ୍ରମୁଖ ଉପସ୍ଥିତ ଥିବାବେଳେ ୯ କୋଟି ୭୧ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କାର୍ଯ୍ୟ ଚାଲୁଥିବା ବାଲେଶ୍ୱର ସହଦେବଖୁଣ୍ଟା ବସଷ୍ଟାଣ୍ଡ ୪୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ସୋରାରାମପୁର ରେଲୱେ ଓଭରବ୍ରିଜ, ୪୨ କୋଟି ୬୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କାର୍ଯ୍ୟ ଚାଲୁଥିବା ଅଙ୍ଗାରଗଡ଼ିଆ ରେଲୱେ ଓଭରବ୍ରିଜ, ୧୧ କୋଟି ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କାର୍ଯ୍ୟ ଚାଲୁଥିବା ଆଇ.ଟି.ଆଇ ଜପଡ଼ିଆ ଇଣ୍ଡୋର ଷ୍ଟାଡ଼ିୟମ, ରେମୁଣାରେ ୬୫୦ ବେଡ୍ ବିଶିଷ୍ଟ ମେଡ଼ିକାଲ କଲେଜ ନିର୍ମାଣ କାର୍ଯ୍ୟର ତଦାରଖ କରିବା ସହ ଯଥାଶୀଘ୍ର କାର୍ଯ୍ୟ ସମାପ୍ତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏଥି ସହିତ ହଳଦୀପଦା ବାଇପାସରୁ (ଏନଏଚ ୬୦) ପଶ୍ଚିମ ବଙ୍ଗ ବଡ଼ର ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ହେବାକୁ ଥିବା ଇଣ୍ଟରଷ୍ଟେଟ ରୋଡ଼ ସ୍ଥାନ ପରିଦର୍ଶନ ମଧ୍ୟ କରିଥିଲେ ଏଠାରେ ସୂଚନାଯୋଗ୍ୟ ଏହି ଇଣ୍ଟରଷ୍ଟେଟ ରୋଡ଼କୁ ଆସନ୍ତା କିଛିଦିନ ମଧ୍ୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଶୁଭ ଦେବେ।

## ପଶ୍ଚିମବଙ୍ଗରେ ଧର୍ମଶାଳା ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ



ଧର୍ମଶାଳା (ପିଏନ୍): ପଶ୍ଚିମବଙ୍ଗ ଜଲପାଇଗୁଡ଼ିର ଏକ ଅଣୁସାର କମ୍ପାନୀରେ କାମ କରୁଥିବା ଧର୍ମଶାଳା ବ୍ଲକ ଦେଓଦା ପଂଚାୟତ ସେରପୁର ଗ୍ରାମର ଶଙ୍କର୍ଷଣ ପାଣିଗ୍ରାହୀଙ୍କ ସାନପୁଅ ବିଶ୍ୱଜିତ୍ ପାଣିଗ୍ରାହୀ(୨୩)ଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି । ସେ ରହୁଥିବା ମେସ୍‌ରୁ ଗତ ୧୩ ତାରିଖରେ ତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଥିଲା । ବେକରେ ଗାମୁଛା ଲଗାଇ ଫ୍ୟାନ୍ ହୁକରେ ଝୁଲୁଥିବା ଦେଖିବାକୁ ମିଳିଥିଲା । ବିଶ୍ୱଜିତ୍‌ଙ୍କ ମୃତଦେହ ଗାଁରେ ପହଁଚିବା ପରେ ଏକ ଶୋକାକୁଳ ପରିବେଶରେ ଶେଷକୃତ୍ୟ ସଂପନ୍ନ ହୋଇଛି । ପ୍ରକାଶ ଯେ, ବିଶ୍ୱଜିତ୍ ୨ବର୍ଷ ହେଲା ଜଲପାଇଗୁଡ଼ିସ୍ଥିତ ଟେଷ୍ଟା ଆଗ୍ରୋ ଇଣ୍ଡଷ୍ଟ୍ରିରେ କାମ କରୁଥିଲେ । ବଡ଼ଭାଇ ଜିତେନ୍ଦ୍ରଙ୍କ ସହିତ ସେ କମ୍ପାନୀ ମେସ୍‌ର ଉପର ତାଲାରେ ରହୁଥିଲେ । ରାତି ଡ୍ୟୁଟିସାରି ସେ ଭାଇଙ୍କ ସହିତ ରୁମ୍‌ରେ ସକାଳ ଜଳଖିଆ ଖାଇଥିଲେ । ଭାଇ ୯ଟାରେ କମ୍ପାନୀକୁ ଚାଲିଯାଇଥିଲେ । ଖବର ପାଇ ଆସି ଦେଖନ୍ତି ତ' ବିଶ୍ୱଜିତ୍ ବେକରେ ଗାମୁଛା ଲଗାଇ ଫ୍ୟାନ୍ ହୁକରେ ଝୁଲି ପଡ଼ିଛନ୍ତି । ସେଠାକାର ପୁଲିସ୍ ଝୁଲନ୍ତା ମୃତଦେହକୁ ଜବତ କରିବା ସହିତ ସ୍ଥାନୀୟ ଡାକ୍ତଖାନାରେ ଶବ ବ୍ୟବଚ୍ଛେଦ କରାଇଥିଲା । ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ବିଶ୍ୱଜିତ୍‌ଙ୍କ ମୋବାଇଲ ଯାଂଚ କରିବା ପାଇଁ ପୁଲିସ୍ କୋଲକତା ପଠାଇଛି । ଆତ୍ମହତ୍ୟା ଖବରକୁ ପରିବାର ଲୋକ ସହଜରେ ଗ୍ରହଣ କରି ପାରୁନାହାଁନ୍ତି । ଆତ୍ମହତ୍ୟା କରିବାର କୌଣସି କାରଣ ନଥିଲା କିମ୍ବା ସେ ଆତ୍ମହତ୍ୟା ମାନସିକତାର ପିଲା ନୁହଁନ୍ତି ବୋଲି ସଂପର୍କୀୟମାନେ କହିଛନ୍ତି । ତାଙ୍କୁ ହତ୍ୟା କରାଯାଇ ଆତ୍ମହତ୍ୟାର ରୂପ ଦିଆଯାଇଥିବା ଅଭିଯୋଗ ଉଠିଛି । ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବିଶ୍ୱଜିତ୍‌ଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ନ୍ତା ବୋଲି କୁହାଯାଇଛି ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phagun Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




## ବଲାଙ୍ଗିର ନଗର ତୈଳିକ ବୈଶ୍ୟ ସମାଜର ବାର୍ଷିକ ବନ୍ଧୁମିଳନ

ବଲାଙ୍ଗିର,(ପି.ଏନ): ସ୍ଥାନୀୟ ରାଧାମାଧବ ମନ୍ଦିର ସାଲେପାଲି, ବଲାଙ୍ଗିର ଠାରେ ନଗର ତୈଳିକ ସମାଜର ବନ୍ଧୁମିଳନ ତଥା ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଅଧ୍ୟକ୍ଷତା କରି ନଗର ସଭାପତି ରେବତିକାନ୍ତ ସାହୁ ସମାଜର ଉନ୍ନତି ସକାଶେ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ । ଏହି ଅବସରରେ ନିଖିଳ ଉତ୍କଳ ତୈଳିକ ବୈଶ୍ୟ ସମାଜର ସଭାପତି ତଥା ପୂର୍ବତନ ଚିଲିକା ବିଧାୟକ ରଘୁନାଥ ସାହୁ ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ସମାଜର ମଙ୍ଗଳ କାମନା କରିଥିଲେ ଏବଂ ବିଶିଷ୍ଟ ଶିକ୍ଷାବିତ୍, ଲେଖକ, କବି ତଥା ଅବସରପ୍ରାପ୍ତ ଅର୍ଥନିତି ପ୍ରଫେସର ଡ. ରାଜନ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସମାଜର ଇତିହାସ ଏବଂ ପୃଷ୍ଠଭୂମି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏଥିରେ ଜିଲ୍ଲା କମିଟିର ସଭାପତି ଉମାକାନ୍ତ ସାହୁ, ସଂପାଦକ ପ୍ରଦୀପ ସାହୁ, ସାଂଗଠାନିକ ସଂପାଦକ ବିକାଶ ରଞ୍ଜନ ସାହୁ ଅତିଥି ଭାବେ ଯୋଗ ଦେଇ ସମାଜ ବିଷୟରେ ବିଭିନ୍ନ ମତ ରଖିଥିଲେ । ନଗର ସଂପାଦକ ଧ୍ରୁବ ଚରଣ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । ସମାଜ ପାଇଁ ତ୍ୟାଗ ତଥା ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଓଡିଶା ପ୍ରଶାସନିକ ସେବା ପ୍ରାପ୍ତ ଶରତ ସାହୁ ଏବଂ ଡ. ସନ୍ଧ୍ୟାରାଣୀ ସାହୁଙ୍କୁ ମାନପତ୍ର ଏବଂ ବରିଷ୍ଠ ସମାଜସେବୀ ରାହାସ ବିହାରୀ ସାହୁଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ବାର୍ଷିକ ଉତ୍ସବ ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ମ୍ୟୁଜିକ୍ ଚେୟାର, ହୁଳହୁଳି ଏବଂ ବଲ ଫିଙ୍ଗା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ତେଲି ସମାଜର ରକ୍ତଦାନ କରିଥିବା ଯୁବ ବର୍ଗଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ସାଂସ୍କୃତିକ ଏବଂ ପୁରସ୍କାର ବିତରଣ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ଦୁର୍ଗା ସାହୁ ଏବଂ ଆଶୁତୋଷ ସାହୁ । ଜିଲ୍ଲା ତଥା ନଗର କମିଟିର ସଭ୍ୟ କୃଷ୍ଣ ବିହାରୀ ସାହୁ, ପରମାନନ୍ଦ ସାହୁ, ପ୍ରମୋଦ ସାହୁ, ଫକିର ସାହୁ, ଆନନ୍ଦ ସାହୁ, ପ୍ରଶାନ୍ତ ସାହୁ, ସୁଦାମ ସାହୁ, ଯୁବ କମିଟିର ସଭାପତି ଅନୁପ ସାହୁ, ସଂପାଦକ ଅଙ୍କିତ ସାହୁ, ମହିଳା କମିଟିର ସଭାପତି ଗୌରୀ ସାହୁ, ସଂପାଦକ ସୁଇଟି ସାହୁ, ସଭ୍ୟା ସବିତା ସାହୁ, କଲ୍ୟାଣି ସାହୁ, ମହେଶ୍ୱତା ସାହୁ, ଝରଣା ସାହୁ ଆଦି ଉପସ୍ଥିତ ରହି ସହଯୋଗ କରିଥିଲେ । ସଭା ଶେଷରେ ନଗର ଉପ-ସଭାପତି ଗୋବିନ୍ଦ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ବୃତି ପରାମର୍ଶ ଓ ନିଯୁକ୍ତି ସଂସ୍ଥାପନ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ଏବଂ ବ୍ରେନ ଟ୍ରି ଟେକ୍ନୋଲୋଜିର ମିଳିତ ଉଦ୍ୟୋଗରେ ମହାବିଦ୍ୟାଳୟ ପରିସରରେ ଏକ ବୃତି ପରାମର୍ଶ ଓ ନିଯୁକ୍ତି ସଂସ୍ଥାପନ କାର୍ଯ୍ୟକ୍ରମ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ସଭାପତିତ୍ୱ କରିଥିଲେ । ବୃତି ପରାମର୍ଶ ଓ ନିଯୁକ୍ତି ସଂସ୍ଥାପନ ପ୍ରକୋଷ୍ଠର ସଂଯୋଜିକା ପ୍ରାଧ୍ୟାପିକା ଡଃ. ବାସନ୍ତୀ ଶୁକ୍ଳା ବୃତି ଓ ନିଯୁକ୍ତି ଉପରେ ଆଲୋକପାତ କରି ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଏକ ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିଲେ । ବ୍ରେନ ଟ୍ରି ଟେକ୍ନୋଲୋଜିର ନିର୍ଦ୍ଦେଶକ ଇଂ ସଂବିତ କୁମାର ରାଉତ ଏବଂ ତାଙ୍କ ଟିମ ମେମ୍ବରମାନଙ୍କ ଦ୍ୱାରା +୩ ଶେଷବର୍ଷ ବିଜ୍ଞାନ ଓ ବାଣିଜ୍ୟ ଛାତ୍ରଛାତ୍ରୀମାନଙ୍କର ଏକ ଲିଖିତ ପରୀକ୍ଷା ଓ ଏକ ବ୍ୟକ୍ତିତ୍ୱ ଆକଳନ ପରୀକ୍ଷା କରାଯାଇଥିଲା । ସମୁଦାୟ ୧୬୪ଜଣ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ବେଳେ ୪୮ଜଣ ଛାତ୍ରଛାତ୍ରୀ ଏହି ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିଲେ । ଉତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ବ୍ରେନ ଟ୍ରି ଟେକ୍ନୋଲୋଜି ୨ମାସର ପ୍ରଶିକ୍ଷଣ ଦେଲା ପରେ ଭାରତର ବିଭିନ୍ନ ଆଇ.ଟି. କମ୍ପାନୀରେ ସେମାନଙ୍କୁ ନିଯୁକ୍ତି ଦେବାର ପ୍ରତିଶୃତି ଇଂ ରାଉତ ପ୍ରଦାନ କରିଥିଲେ । ଆବଶ୍ୟକ ସ୍ଥଳେ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ମେଧାବୃତ୍ତି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି ବୋଲି ଇଂ ରାଉତ ପ୍ରକାଶ କରିଥିଲେ । ଏହି ସଭାରେ ପ୍ରଫେସର ଡଃ. ଜ୍ଞାନୀନ୍ଦ୍ର ଦାଶ, ଡଃ. ରତ୍ନମଞ୍ଜରୀ ଦାଶ, ରଞ୍ଜିତ ଦାସ, ଦେବକାନ୍ତ ଷଡଙ୍ଗୀ, ଅଶୋକ ଦାସ, ଡଃ. ଗୌର ପ୍ରସାଦ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାଧ୍ୟାପିକା ପୂର୍ବାସା ପ୍ରିୟଦର୍ଶିନୀ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ପ୍ରାଧ୍ୟାପକ ଅମର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବ୍ୟାସ ଫାଉଣ୍ଡେସନ ପକ୍ଷରୁ ପୁନର୍ବାର ୯ଜଣ ମାନସିକ ଭିନ୍ନକ୍ଷମ ଉଦ୍ଧାର

ପାରାଦୀପ,(ପି.ଏନ): ଆଧ୍ୟାତ୍ମିକବାଦୀ ସେବା ସଂଗଠନ ବ୍ୟାସ ଫାଉଣ୍ଡେସନର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ସଂଗଠନ ତାର ଅବିଶ୍ରାନ୍ତ ସେବା କାର୍ଯ୍ୟ ଜାରି ରଖି ସାଧାରଣରେ ପ୍ରଶଂସାର ପାତ୍ର ପାଲଟିଛି । ଏହି କ୍ରମରେ ସୋମବାର ସକାଳେ ବ୍ୟାସ ଫାଉଣ୍ଡେସନର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟଙ୍କ ନେତୃତ୍ୱରେ ପାରାଦୀପରୁ ୨ଜଣ, ଭୁତମୁଣ୍ଡାଇରୁ ୪ଜଣ ଓ ଜଗତସିଂହପୁର ରୁ ୩ଜଣ ସର୍ବମୋଟ ୯ଜଣ ମାନସିକ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇ ପୁରୀର କଣାସ ସ୍ଥିତ ନୀଳାଚଳ ସେବା ପ୍ରତିଷ୍ଠାନରେ ସୁରକ୍ଷିତ ଭାବେ ଥଇଥାନ କରାଯାଇଛି । ବ୍ୟାସ ଫାଉଣ୍ଡେସନର ଏହି ଉଦ୍ଧାର କାର୍ଯ୍ୟକ୍ରମରେ ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ନିମାଇଁ ଚରଣ ସେଠୀ, କାର୍ଯ୍ୟରତ ସାମ୍ବାଦିକ ଶଶାଙ୍କ ଶେଖର ଆଚାର୍ଯ୍ୟ, ବିରଜା ତ୍ରିପାଠୀ, ରବିନ୍ଦ୍ର ଜେନା, ସୁଧାଂଶୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ତେବେ ପାରାଦୀପ ନିକଟସ୍ଥ ବିଜୟଚାନ୍ଦ ପୁର ଅଂଚଳର ଜଣେ ନାବାଳକ ମାନସିକ ଭିନ୍ନକ୍ଷମଙ୍କୁ ଶିକୁଳିରେ ମାନ୍ଧି ରଖାଯାଇଥିବାର ଖବର ପାଇ ଜିଲ୍ଲା ପ୍ରଶାସନର ଅନୁମତି ନେଇ ତାକୁ ଉଦ୍ଧାର କରିବାକୁ ଫାଉଣ୍ଡେସନର ଅଧ୍ୟକ୍ଷା ସେଠାରେ ପହଁଚିଥିଲେ । ତେବେ ତାଙ୍କ ପରିବାର ଲୋକ ପିଲାକୁ ଛାଡିବାକୁ ନାରାଜ ହୋଇଥିଲେ । ସେମାନେ ତାଙ୍କ ଭିନ୍ନକ୍ଷମ ପୁଅର ଚିକିତ୍ସା ଦାୟିତ୍ୱ ନିଜେ ନେବେ ବୋଲି ସ୍ପଷ୍ଟ କରିବା ପରେ ଫାଉଣ୍ଡେସନର ଟିମ୍ ସେଠାରୁ ପ୍ରତ୍ୟାବର୍ତନ କରିଥିଲେ ।

## ବାସୁଲାଇ ଉ.ପ୍ରା ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଉଦଯାପିତ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ନିକିରାଇ ଗ୍ରାମ ପଂଚାୟତର ଚରପଡା ବାସୁଲାଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରଡା ଉତ୍ସବ ଉଦଯାପିତ ହୋଇଯାଇଛି । ଦୁଇଦିନ ଧରି ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା । ପ୍ରଧାନଶିକ୍ଷକ ଦେବଦତ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ନିକିରାଇ ଗ୍ରାମପଂଚାୟତର ଚରପଡା ବାସୁଲାଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଉଦଯାପିତ ହୋଇଯାଇଛି । ଦୁଇଦିନ ଧରି ଅନୁଷ୍ଠିତ ଏହି କ୍ରୀଡା ଉତ୍ସବର ଉଦଯାପନୀ ଦିବସରେ ପ୍ରଧାନଶିକ୍ଷକ ଦେବଦତ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ କେନ୍ଦ୍ରାପଡା ମଣ୍ଡଳ ସହ ଶିକ୍ଷା ଅଧିକାରୀ କୁମୁଦିନୀ ଦେଇ, ସି.ଆର.ସି.ସି. ଅସଗର ଅଲ୍ଲୀ, ନିକିରାଇ ପଂଚାୟତର ସରପଂଚ ଅପର୍ଣ୍ଣା ଉଡାନସିଂ, ଅବସରପ୍ରାପ୍ତ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ଖେଳ ଶିକ୍ଷକ ଦୀପକ କୁମାର ରାଉତ ଓ ସହକାରୀ ଶିକ୍ଷକ ଦେବୀ ପ୍ରସାଦ ଦାସ, ପ୍ରଭାତ କୁମାର ଜେନା, ସରସ୍ୱତୀ ନାଥ, ପ୍ରମିଳା ସାହୁ, କାଳୀ ପ୍ରସନ୍ନ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୋ ସ୍କୁଲ ଅଭିଯାନର ସଭାପତି ଦୁଷ୍ମନ୍ତ କୁମାର ପରିଡା, ଅବସରପ୍ରାପ୍ତ ଶିକ୍ଷକ ପାରେଶ୍ୱର ପରିଡା, ପଦ୍ମଲୋଚନ ପୃଷ୍ଟି, ସମାଜସେବୀ କୁଳମଣୀ ରାଉତ, ମନୋଜ ଜେନା, ହିମାଂଶୁରଞ୍ଜନ ମହାନ୍ତି, ସୌଭାଗ୍ୟ କେଶରୀ ରାଉତ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ । କବି ଶୈଳଜାଶଙ୍କର ସାମଲ ମଂଚ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

## କୁଡୁମୁଲୁଗୁମ୍ମା ବିଏସଏଫ ତରଫରୁ ବିଭିନ୍ନ ଅସ୍ତ୍ରଶସ୍ତ୍ର ପ୍ରଦର୍ଶିତ

ମାଲକାନଗିରି ,(ପି.ଏନ): କୁଡୁମୁଲୁଗୁମ୍ମା ସ୍ଥିତ ୧୫୧ ବିଏସଏଫ ବାଟାଲିୟନ ର କମ୍ପାନୀ କମାଣ୍ଡର ଅଜୟ କୁମାରଙ୍କ ନିର୍ଦ୍ଦେଶନାରେ କୁଡୁମୁଲୁଗୁମ୍ମା ସ୍ଥିତ ୧୫୧ ବିଏସଏଫ ବାଟାଲିୟନର ଆସିଷ୍ଟାଂଟ କମାଣ୍ଡାଂଟ ଅମିତ୍ କୁମାର ବିଶ୍ୱକର୍ମାଙ୍କ ପୌରହିତ୍ୟରେ ଯବାନ ମାନଙ୍କ ଦ୍ୱାରା ବ୍ୟବହୃତ କରାଯାଉଥିବା ବିଭିନ୍ନ ପ୍ରକାରର ଅସ୍ତ୍ରଶସ୍ତ୍ର ଆଜି ପ୍ରଦର୍ଶିତ କରାଯାଇଛି । ଏହି ଅବସରରେ କୁଡୁମୁଲୁଗୁମ୍ମା ନୋଡାଲ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଦିଲ୍ଲିପ କୁମାର ଗଣ୍ଡଙ୍କ ନେତୃତ୍ୱରେ ଦଶମ ଶ୍ରେଣୀର ପାଖାପାଖି ୪୦ ଜଣ ଛାତ୍ରଛାତ୍ରୀ ଅସ୍ତ୍ରଶସ୍ତ୍ର ଗୁଡ଼ିକୁ ଅତି ନିକଟରୁ ଦେଖିବା, ସହ ଉକ୍ତ ଅସ୍ତ୍ରଶସ୍ତ୍ର ଗୁଡ଼ିକର କାର୍ଯ୍ୟଦକ୍ଷତାର ସବିଶେଷ ତଥ୍ୟ ବିଷୟରେ ଅବଗତ ହୋଇଥିଲେ । ପିଲାମାନେ ଜିଜ୍ଞାସା ଓ କୌତୁହଳ ବସତଃ ବିଏସଏଫ ର ଆଶିଷ୍ଠଅଧିକାରୀ ଶ୍ରୀ ଅମିତ କୁମାରଙ୍କୁ, ବିଏସଏଫ ର ଗଠନ, ଏହାର କର୍ତବ୍ୟ ଓ କାର୍ଯ୍ୟ ପ୍ରଣାଳୀ ବିଷୟରେ ବିଭିନ୍ନ ପ୍ରଶ୍ନ ମଧ୍ୟ ପଚାରିଥିଲେ ଯାହାର ସଠିକ ଉତର ମଧ୍ୟ ପାଇଥିଲେ । ଏହାପରେ ବିଏସଏଫ ର ଗଠନ ଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଚାଲିଥିବା ବିଭିନ୍ନ ସମାଜ ମଙ୍ଗଳ କାର୍ଯ୍ୟକ୍ରମ ଗୁଡ଼ିକ ବିଷୟରେ ଏକ ଲଘୁ ଚଳଚ୍ଚିତ୍ର ପ୍ରଦର୍ଶିତ କରାଯାଇଥିଲା ଯାହାକୁ ସମସ୍ତେ ମିଶି ଦେଖିଥିଲେ । ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ଶିକ୍ଷକ ଭୂପତି ବାଚାର, ଶିକ୍ଷୟତ୍ରୀ ଶସ୍ମିତା ମହାପାତ୍ର, ଅଙ୍କିତା ବାଗ୍‌ଲ, ବିଏସଏଫ ହେଡ୍ କନଷ୍ଟେବଲ ସରୋଜ କୁମାର ରଥ, ସମାଜସେବୀ ଭଗବାନ ସାହୁ ଓ ଜ୍ୟୋତି ରଞ୍ଜନ ବେହେରା ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଶେଷରେ ପ୍ରଧାନ ଶିକ୍ଷକ ଶ୍ରୀ ଗଣ୍ଡ କହିଛନ୍ତି ଯେ ଏଭଳି ପ୍ରଦର୍ଶନୀ ଦ୍ୱାରା ପିଲାମାନଙ୍କ ମଧ୍ୟରେ ଶୃଙ୍ଖଳା ଜ୍ଞାନ ସହିତ ଅଦମ୍ୟ ସାହସ ସୃଷ୍ଟି ହୋଇପାରିବ ଯାହା ଫଳରେ ସମସ୍ତଙ୍କ ମନରେ ରାଷ୍ଟ୍ରୀୟତା ଭାବନା ଜାଗ୍ରତ ହୋଇପାରିବ ।

## ଓଡ଼ିଶା ସରକାରଙ୍କ ବିଶ୍ୱବିଦ୍ୟାଳୟ ସଂସ୍କାର ବିରୋଧରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ବାରିପଦା, (ପିଏନ)- ଓଡ଼ିଶାରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସଂସ୍କାର ଆଣିବା ନିମନ୍ତେ ଗତ ସେପ୍ଟେମ୍ବର ୪ରେ ପ୍ରକାଶିତ ଅଧ୍ୟାଦେଶ ସଂଖ୍ୟା ୮୨୧୯-ଆଇ-ଲେଗିସି- ୩୫/ ୨୦୨୦/ ଏଲକୁ ବିରୋଧ କରି ମୟୂରଭଞ୍ଜ ସିଟିଜେନ ଫୋରମ୍, ମୟୂରଭଞ୍ଜ ସାହିତ୍ୟ ପରିଷଦ ପ୍ରମୁଖ ସଙ୍ଗଠନ ସହ ଜିଲ୍ଲାର ବୁଦ୍ଧିଜୀବୀଗଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ପ୍ରକାଶିତ ଅଧ୍ୟାଦେଶ ଅନୁଯାୟୀ ରାଜ୍ୟରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତି ଏଣିକି ବିଶ୍ୱବିଦ୍ୟାଳୟ ସ୍ତରରେ କୁଳପତିଙ୍କ ଅଧ୍ୟକ୍ଷତାରେ ନହୋଇ ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନଙ୍କ ଦ୍ୱାରା କରାଯିବ । ଯାହାକୁ ନେଇ ବିବାଦ ଦେଖାଦେଇଛି । ବିଶ୍ୱବିଦ୍ୟାଳୟ ଏକ ସ୍ୱୟଂଚାଳିତ ଶିକ୍ଷା ଅନୁଷ୍ଠାନ । ଉହା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆର୍ଥିକ ସହଯୋଗରେ ପରିଚାଳିତ ହୋଇଥାଏ । ଏହାର ଆସିଷ୍ଟାଂଟ ପ୍ରଫେସର, ଆସୋସିଏଟ ପ୍ରଫେସର, ପ୍ରଫେସର ନିଯୁକ୍ତି ପ୍ରକ୍ରିୟା ଭାରତ ସରକାରଙ୍କ ସ୍ୱତନ୍ତ୍ର ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ନିର୍ଦ୍ଦିଷ୍ଟ ନୀତି, ମାର୍ଗଦର୍ଶୀକା ଅନୁଯାୟୀ ହୋଇଥାଏ । ସେହିପରି ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକମାନଙ୍କର ଚାକିରୀରୁ ଅବସର, ପଦୋନ୍ନତି, ପରିତ୍ୟାଗ, ବୀଦେଶ ଗମନ, ଅନ୍ୟ ବିଶ୍ୱବିଦ୍ୟାଳୟରେ ଯୋଗଦାନ ଆଦି କାରଣରୁ ପ୍ରତ୍ୟେକ ବର୍ଷ ବହୁ ପଦବୀ ଖାଲିପଡ଼ିଥାଏ । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ନୀତି ଓ ମାର୍ଗଦର୍ଶୀକା ଅନୁଯାୟୀ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଶିକ୍ଷକ ନିଯୁକ୍ତି ଚୟନ କମିଟି ତତ୍କାଳ ଏହାର ନିଯୁକ୍ତି ପ୍ରକ୍ରିୟା ଶେଷ କରି ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା ବାତାବରଣକୁ ରକ୍ଷା କରିପାରିଥାଏ । ବିଶ୍ୱବିଦ୍ୟାଳୟ ସମାଜର ସର୍ବୋଚ୍ଚ ସମ୍ମାନୀୟ ଜ୍ଞାନ ଓ ଗବେଷଣାର ପବିତ୍ର କ୍ଷେତ୍ର ହୋଇଥିବା ସମୟରେ କୁଳପତି ମଧ୍ୟ ସର୍ବୋଚ୍ଚ ସମ୍ମାନୀୟ ବ୍ୟକ୍ତି ଅଟନ୍ତି । ବିଶ୍ୱବିଦ୍ୟାଳୟମାନଙ୍କରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଓଡ଼ିଶା ପବ୍ଲିକ ସାର୍ଭିସ କମିଶନଙ୍କ ଦ୍ୱାରା ପରିଚାଳିତ ହେଲେ ଖୋଲା ଖୋଲି ଭାବରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାର ନୀତି ଓ ମାର୍ଗଦର୍ଶୀକାକୁ ଉଲ୍ଲଙ୍ଘନ କରାଇବ । ପୁଣି ଓପିଏସସି ଦ୍ୱାରା ନିଯୁକ୍ତି ପ୍ରକ୍ରିୟା ଶେଷ କରିବା ଅସମ୍ଭବ ଅଟେ । ଫଳରେ ଶିକ୍ଷକ ଅଭାବ ଜନିତ ପରିସ୍ଥିତି ହେତୁ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା କ୍ଷେତ୍ରରେ ବିଭିନ୍ନ ସମସ୍ୟା ସୃଷ୍ଟିହେବା ସାଙ୍ଗକୁ ଅଶାନ୍ତ ବାତାବରଣର କାରଣ ପାଲଟି ଯିବ । ପୁଣି କୁଳପତି ପରି ସର୍ବୋଚ୍ଚ ପଦବୀର ଅମର୍ଯ୍ୟାଦା ହୋଇ ତାହା ପ୍ରଶାସନ ଓ ଅମଲାତନ୍ତ୍ରର ଖେଳନା ହୋଇଯିବ । ଏଥି ସହିତ ବିଶ୍ୱବିଦ୍ୟାଳୟର ଚରମ ଅଧୋଗତି ହେବ ବୋଲି ଦର୍ଶାଇ ମୟୂରଭଞ୍ଜ ସିଟିଜେନ ଫୋରମ ସଭାପତି ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ, ଓଡ଼ିଆ ଜାଗରଣ ମଂଚର ସଭାପତି ଶରତ ଚନ୍ଦ୍ର ନାୟକ, ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ ପ୍ରମୁଖଙ୍କ ସମେତ ଜିଲ୍ଲାରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ସ୍ୱାକ୍ଷର ସମ୍ବଳିତ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିବା ବେଳେ ଏହାର ନକଲ ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରୀ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଚେୟାରମ୍ୟାନ ଓ ସେକ୍ରେଟେରୀ, ଓଡ଼ିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ, ମୟୂରଭଞ୍ଜ ଲୋକସଭା ସାଂସଦ ପ୍ରମୁଖଙ୍କୁ ପ୍ରଦାନ କରାଯାଇଛି ।

## ମୌସୁମୀ ସାହିତ୍ୟ ପରିଷଦର ଶୀତ କବିତା ଆସର ଓ ବନ୍ଧୁ ମିଳନ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ମୌସୁମୀ ସାହିତ୍ୟ ଓ ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଏକ ଶୀତ କବିତା ଆସର ଓ ସାରସ୍ୱତ ବନ୍ଧୁ ମିଳନ ସ୍ଥାନୀୟ ସଞ୍ଜିବନୀ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ପରିଷଦର ସମ୍ପାଦକ କବି ଡଃ. ଶ୍ରୀଧର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ମୁଖ୍ୟ ଅତିଥି ଭାବେ ବାୟାବାବା ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ. ସୁଧାଂଶୁ ଶେଖର ଦ୍ୱିବେଦୀ, ସମ୍ମାନୀତ ଅତିଥି ଭାବେ ପଲକ ପତ୍ରିକାର ସମ୍ପାଦକ ଶଶିକାନ୍ତ ଦାସ, ଅନ୍ୟତମ ଅତିଥି ଭାବେ ଆମ ଗାଁ ସାହିତ୍ୟ ପରିଷଦ ସଭାପତି ସଞ୍ଜୟ କୁମାର ମଲ୍ଲିକ ଓ ସମୀକ୍ଷକ ଭାବେ କବି ରାମକୃଷ୍ଣ ଦାଶ ଯୋଗଦେଇ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଏହାପରେ ଅନୁଷ୍ଠିତ କବିତା ପାଠୋତ୍ସବକୁ କବି ପ୍ରେମାନନ୍ଦ ଖଣ୍ଡୁଆଳ ସଂଯୋଜନା କରିଥିଲେ । କବୟିତ୍ରୀ କବିତା ମୁଦୁଲି, ସ୍ୱର୍ଣ୍ଣମୟୀ ଷଡଙ୍ଗୀ, ଯାମିନୀ ଦାସ, ସ୍ୱପ୍ନାଂଶୁ ଦାସ, ଅଶୋକ କୁମାର ସାହୁ, ଗୋଲାପ ରାଉତ, ଜ୍ୟୋସ୍ନାରାଣୀ ସୁତାର, ରଞ୍ଜନ ବାଇ, ଅଜୟ କୁମାର ପାତ୍ର, ଟିଟିକାନ୍ତ ନାୟକ, ସୁରେନ୍ଦ୍ର କୁମାର ବେହେରା, ଶ୍ରୀଧର କୁମାର ମହାନ୍ତି, ଅର୍ଫ ଚରଣ ସେଠୀ, ଶରତ କୁମାର ରାଉତ, ତ୍ରିଲୋଚନ ଜେନା ପ୍ରମୁଖ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ । ଶେଷରେ ପରିଷଦର ସମ୍ପାଦକ ଡଃ. ଶ୍ରୀଧର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ଓ ବେଂଚପ୍ରେସ ପ୍ରତିଯୋଗିତା

ବଲାଙ୍ଗିର, (ପି.ଏନ): ୧୭ ଓ ୧୮ ତାରିଖ ଦିନ ସ୍ଥାନୀୟ ଯାଦବ ଭବନ ଠାରେ ଜିଲ୍ଲା ସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ଓ ବେଂଚପ୍ରେସ ପ୍ରତିଯୋଗିତା ଉଦ୍ ?ଯାପିତ ହୋଇଯାଇଛି । ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଥିବା ଏହି ପ୍ରତିଯୋଗିତାରେ ପ୍ରଥମ ଦିନ ବେଂଚ ପ୍ରେସ ଓ ଦ୍ୱିତୀୟ ଦିନ ସୁନ୍ଦର ସ୍ୱାସ୍ଥ୍ୟ ଓ ମେନ୍ସ ଫିଜିକ୍ ପ୍ରତିଯୋଗିତା ସମ୍ପନ୍ନ ହୋଇଥିଲା । ଜିଲ୍ଲାର ସମସ୍ତ ଜିମ୍ ରୁ ପ୍ରାୟ ଦୁଇ ଶହ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ । ବେଂଚ ପ୍ରେସ ପ୍ରତିଯୋଗିତାରେ ପାଂଚଟି ଗ୍ରୁପ ମଧ୍ୟରୁ ୫୩ କେଜି ବର୍ଗରେ ସାହିଲ ସ୍ୱାଇଁ ପ୍ରଥମ, ୫୯ କେଜି ବର୍ଗରେ ବିଶ୍ୱଜିତ ସୁନା ପ୍ରଥମ, ଛୋଟୁ ପୋଢ ଦ୍ୱିତୀୟ, ଅକ୍ଷୟ ସାହୁ ତୃତୀୟ, ୬୬ କେଜି ବର୍ଗରେ ମନୋରଞ୍ଜନ ସାହୁ ପ୍ରଥମ, ଦିପକ ପରିଡା ଦ୍ୱିତୀୟ ଓ ଅମିତ ଜଗତ ତୃତୀୟ, ୭୪ କେଜି ବର୍ଗରେ ଯୁବରାଜ ବରୁଆ ପ୍ରଥମ, କରନ ସାହୁ ଦ୍ୱିତୀୟ ଓ ଉପିନ ଜାଲ ତୃତୀୟ, ୮୩ କେଜି ବର୍ଗରେ ଆନନ୍ଦ ଛତର ପ୍ରଥମ, ସିଦ୍ଧାନ୍ତ ପଢିଆରି ଦ୍ୱିତୀୟ ଓ ନିକେଶ ସାହୁ ତୃତୀୟ । ସେହିପରି ୯୩ କେଜି ବର୍ଗରେ ସାର୍ଥକ ଶ୍ରୀବାସ୍ତବ ପ୍ରଥମ, ଉଦୟ ମହାରଥା ଦ୍ୱିତୀୟ ଓ ପ୍ରଶାନ୍ତ ମିଶ୍ର ତୃତୀୟ ସ୍ଥାନ ଗ୍ରହଣ କରିଥିଲେ । ଷ୍ଟ୍ରଙ୍ଗମ୍ୟାନ ର ଆଖ୍ୟା ମନୋରଞ୍ଜନ ସାହୁଙ୍କୁ ମିଳିଥିଲା । ଦ୍ୱିତୀୟ ଦିବସରେ ଅନୁଷ୍ଠିତ ହୋଇଥିବା ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ୫୫ କେଜି ବର୍ଗରେ ପ୍ରଦୀପ ପୁଞ୍ଜି ପ୍ରଥମ, ସାହିଲ ସ୍ୱାଇଁ ଦ୍ୱିତୀୟ ଓ ସୁରେନ୍ଦ୍ର ବେହେରା ତୃତୀୟ, ୬୦ କେଜି ବର୍ଗରେ ଶେଖ୍ ଅଖତର ପ୍ରଥମ, ବୁଲୁ ବାଗ ଦ୍ୱିତୀୟ ଓ ଦେବବ୍ରତ ପଧାନ ତୃତୀୟ, ୬୫ କେଜି ବର୍ଗରେ ବିରେନ୍ଦ୍ର ପାତ୍ର, ଯୋଗେଶ୍ ପନିକା ଦ୍ୱିତୀୟ ଓ ବିରେନ୍ଦ୍ର ବେହେରା ତୃତୀୟ, ୭୦ କେଜି ବର୍ଗରେ ଉପେନ୍ ଜାଲ ପ୍ରଥମ, ବଦ୍ରିନାଥ ମହାରଥା ଦ୍ୱିତୀୟ ଓ ମୁକେଶ ରୋହିଦାସ ତୃତୀୟ ସ୍ଥାନ ଗ୍ରହଣ କରିଥିଲେ । ଶେଖ୍ ଅଖତର ଚମ୍ପିୟାନ ଅଫ୍ ଚମ୍ପିୟାନସ ଉପାଧିରେ ସମ୍ମାନିତ ହୋଇଥିଲେ । ମେନ୍ସ ଫିଜିକ୍ ପ୍ରତିଯୋଗିତାରେ ପ୍ରଥମ ଗ୍ରୁପରେ ଟିଟୁ ସ୍ୱାଇଁ, ଦ୍ୱିତୀୟ ଗ୍ରୁପରେ ବୁଲୁ ବାଗ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ପ୍ରଥମ ଦିବସରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଓକିଲ ସଂଘର ସଭାପତି ଅମରେଶ ତ୍ରିପାଠୀ ଓ ଅବସରପ୍ରାପ୍ତ କ୍ରୀଡା ନିରିକ୍ଷକ ରାଜେନ୍ଦ୍ର ବଢେଇ ଯୋଗ ଦେଇଥିଲେ । ଦ୍ୱିତୀୟ ଦିବସରେ ବରିଷ୍ଠ ଆଇନଜିବୀ ଅମରେନ୍ଦ୍ର ମିଶ୍ର ଓ ଅବସରପ୍ରାପ୍ତ ଅଧ୍ୟାପକ ପ୍ରହଲ୍ଲାଦ ଶତପଥି ଯୋଗଦାନ କରିଥିଲେ । ପ୍ରତିଯୋଗିତାରେ ଜିଲ୍ଲା ବଡି ବିଲଡିଂ ସଂପାଦକ ସଂଜୟ ଶତପଥି ଓ ସଭ୍ୟ ରୂପକ କୁମାର ବରାଳ ବିଚାରକ ର ଭୂମିକା ତୁଲାଇଥିଲେ । ପ୍ରତିଯୋଗିତାକୁ ସଫଳ କରିବାରେ ବିଡିଜିଏ ସଂପାଦକ ସଂଗ୍ରାମ ବହିଦାର, ସଭ୍ୟ ବବନ ମିଶ୍ର, ଜିତେନ୍ଦ୍ର ନାଗ, ଅନିଲ ନାଏକ, ଗୋପାଳ ସୁନା, ରାମ ଭାଇ ଓ ଯାଦବ ସମାଜର ପ୍ରଶାନ୍ତ ମହାକୁର ସହାୟତା କରିଥିଲେ ।

## ପୌର ପରିଷଦ ୧୦ନମ୍ବର ୱାର୍ଡରେ ମହିଳା ସମାବେଶ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ପୌର ପରିଷଦର ୧୦ନମ୍ବର ୱାର୍ଡ ଅନ୍ତର୍ଗତ ବାସୁଲେଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ମହିଳା ସମାବେଶ କାଉନସିଲର ରଶ୍ମୀତା ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ସମାବେଶରେ ପୌରାଧ୍ୟକ୍ଷା ସରିତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ସ୍ୱୟଂ ସହାୟିକା ଗୋଷ୍ଠି ଓ ମହିଳା ମହାସଙ୍ଘର ସଦସ୍ୟାମାନଙ୍କ ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ମିଶନଶକ୍ତି ଗୃହ ନିମନ୍ତେ ମହାସଙ୍ଘର ଦାବିକୁ ଗ୍ରହଣ କରି ଖୁବଶୀଘ୍ର ସେହି ୱାର୍ଡରେ ନୂତନ ମିଶନଶକ୍ତି ଗୃହ ସହିତ ଅଙ୍ଗନୱାଡି କେନ୍ଦ୍ର ଗୃହ ନିର୍ମାଣ ଆରମ୍ଭ କରାଯିବ ବୋଲି ପ୍ରତିଶୃତି ଦେବା ସହିତ ତୁରନ୍ତ ପଦକ୍ଷେପ ଗ୍ରହଣ ନିମନ୍ତେ ପୌରସଂସ୍ଥା ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥିସହିତ ଅଙ୍ଗନୱାଡି କେନ୍ଦ୍ର ଗୃହ ନିର୍ମାଣରେ ହୋଇଥିବା ଅନିୟମିତତା ଅଭିଯୋଗ ଉପରେ ତୁରନ୍ତ ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ । ପୂର୍ବତନ କାନସିଲର ତଥା ରାଜ୍ୟ ବିଜେଡି ସମ୍ପାଦକ ରଞ୍ଜିତ କୁମାର ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ମହିଳାମାନଙ୍କ ଦାବିକୁ ସମର୍ଥନ କରିବା ସହିତ ମୁକ୍ତା ଯୋଜନାରେ ସ୍ୱୟଂ ସହାୟିକା ଗୋଷ୍ଠି ଗୁଡ଼ିକୁ ଉନ୍ନୟନ କାର୍ଯ୍ୟ ସମ୍ପାଦନରେ ସଂପୃକ୍ତ କରାଯାଇ ସେମାନଙ୍କୁ ଆର୍ଥିକ ସ୍ୱାବଲମ୍ବି କରାଯିବ ବୋଲି କହିଥିଲେ । ଅନ୍ୟତମ ସମ୍ମାନୀତ ଅତିଥି ଭାବେ ପୂର୍ବତନ କାଉନସିଲର ପ୍ରଶାନ୍ତ କୁମାର ସିଂ ଯୋଗଦେଇ ମହିଳାମାନଙ୍କ ସାମୁହିକ ବିକାଶ ନିମନ୍ତେ ଉଦ୍ଦିଷ୍ଟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ ।








# ଗୋବିନ୍ଦ ସାହୁଙ୍କ ମୃତ୍ୟୁ ଏକ ସୁଚିନ୍ତିତ ଷଡଯନ୍ତ୍ର କି ? କଂଗ୍ରେସ

ଭୁବନେଶ୍ୱର,(ପି.ଏନ): ମମିତା ମେହେର ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କର ଆଜି ବଲାଙ୍ଗୀର ଉପକାରାଗାର ଭିତରେ ଯେଉଁଭଳି ଭାବରେ ମୃତ୍ୟୁ ଘଟିଛି ତାହା ବହୁ ସଂଦେହ ସୃଷ୍ଟି କରୁଛି ବୋଲି ପ୍ରଦେଶ କଂଗ୍ରେସ ମୁଖପାତ୍ର ଶ୍ରୀ ରଜନୀ କୁମାର ମହାନ୍ତି ଏକ ପ୍ରେସ ବିବୃତିରେ କହିଛନ୍ତି। ଜେଲ ଭିତରେ ଏକ ବିଚାରଧୀନ କଏଦି କିଭଳି ଆତ୍ମହତ୍ୟା କରିବାକୁ ସୁଯୋଗ ପାଇଲା। ଜେଲ ଭିତରେ ଥିବା ପୋଲିସ ଏହାକୁ କିଭଳି ଭାବରେ ଦେଖିପାରିଲେ ନାହିଁ। ଜେଲ ଭିତରେ ଏତେଗୁଡ଼ିଏ ସିସିଟିଭି କ୍ୟାମେରା ଲାଗିଥିଲେ ମଧ୍ୟ କେହି କିଛି ଜାଣିପାରିଲେ ନାହିଁ କିଭଳି ଭାବରେ। ଯେଉଁ ବିଚାରଧିନ କଏଦିଙ୍କର ଅପରାଧ ଏବଂ ଅପରାଧିଙ୍କ କାର୍ଯ୍ୟକଳାପ ସହିତ ସରକାରୀ ଦିଳର ନେତୃବର୍ଗଙ୍କ ସଂପୃକ୍ତି ଥାଏ ସେମାନଙ୍କୁ ଏହିଭଳି ଭାବେର ପୂର୍ବରୁ ମଧ୍ୟ ସମଦଶା ଭୋଗିବାକୁ ପଡ଼ିଛି। ନୟାଗଡ଼ ଜିଲ୍ଲାର ଛବି ବର୍ଦ୍ଧନଙ୍କ ମୃତ୍ୟୁଠାରୁ ଆରମ୍ଭ କରି କଟକ ଜିଲ୍ଲା ମାହାଙ୍ଗ ଡବଲ ମର୍ଡର ଘଟଣାର ମୁଖ୍ୟ ଅଭିଯୁକ୍ତ ପ୍ରଫୁଲ ବିଶ୍ୱାଳଙ୍କର ଦୁଇବର୍ଷ ପୂର୍ବରୁ ଘଟିଥିଲା। ସେହି ଘଟଣାରେ ତତ୍‌କାଳୀନ ଆଇନମନ୍ତ୍ରୀ ସମ୍ପୃକ୍ତି ନେଇ ହତ୍ୟାକାଣ୍ଡର ଶୀକାର ହୋଇଥିବ ଦିବ୍ୟସିଂହ ବରାଳ ଓ କୁଳମଣୀ ବରାଳଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ଅଭଯୁକ୍ତ ପ୍ରଫୁଲ ବିଶ୍ୱାଳ ତତ୍କାଳୀନ ମନ୍ତ୍ରୀଙ୍କ ଅତ୍ୟନ୍ତ ଘନିଷ୍ଠ ଥିଲେ ଓ ତାଙ୍କ ଇସାରାରେ ସେ ଦିବ୍ୟସିଂହ ବରାଳ ଓ କୁଳମଣୀ ବରାଳଙ୍କୁ ହତ୍ୟା କରିଥିଲେ ବୋଲି ଅଭିଯୋଗ ହୋଇଥିଲା।ପୋଲିସ୍ ପ୍ରଫୁଲଙ୍କୁ ମୁଖ୍ୟ ଅଭିଯୁକ୍ତ ଭାବରେ ଦର୍ଶାଇଥିଲେ। ପ୍ରାକ୍ତନ ମନ୍ତ୍ରୀଙ୍କ ସମ୍ପୃକ୍ତି କାଳେ ପ୍ରଫୁଲ ବିଶେଷ ପରିସ୍ଥିତିରେ ଖୋଲି କହିଦେବେ, ସେଇଥିପାଇଁ ସେତେବେଳେ ତାଙ୍କୁ ହତ୍ୟା କରାଯାଇଥିବା ବୋଲି ଅଭିଯୋଗ ହୋଇଥିଲା। ମମିତା ମେହେର ହତ୍ୟାକାଣ୍ଡର ପଛରେ ତତ୍‌କାଳୀନ ଗୃହମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ପ୍ରଚ୍ଛନ୍ନ ହାତ ଥିବା କଥା ବେଶ୍ ଆଲୋଚନା ହୋଇସାରିଛି ଏବଂ ବହୁକିଛି ପ୍ରାମାଣିକ ତଥ୍ୟ ମଧ୍ୟ ଉପସ୍ଥାପିତ କରାଯାଇଅଛି। ଆମେ ମଧ୍ୟ ପୂର୍ବରୁ ଆଶଙ୍କା କରୁଥିଲୁ ଯେ ବିଜୁ ଜନତା ଦଳର ସରକାର ସମାନ ଉପାୟ ମଧ୍ୟ ଅବଲମ୍ବନ କରିପାରିନ୍ତି ମନ୍ତ୍ରୀଙ୍କୁ ରକ୍ଷା କରିବା ପାଇଁ ଏବଂ ଏଠି ମଧ୍ୟ ମୁଖ୍ୟ ଅଭିଯୁକ୍ତର ମୃତ୍ୟୁ ହୋଇପାରେ। ଆମର ଆଶଙ୍କା ଆଜି ସତ୍ୟରେ ପରିଣତ ହୋଇଛି। ଦିବ୍ୟ ଶଙ୍କର ଓ ବିଜେଡିକୁ ଅପବାଦମୁକ୍ତ କରିବା ଲାଗି ଗୋବିନ୍ଦ ସାହୁକୁ ସୁଚିନ୍ତିତ ଭାବେ ହତ୍ୟା କରାଯାଇଛି କି ? ବୋଲି ପ୍ରଦେଶ କଂଗ୍ରେସ ପ୍ରଶ୍ନ କରିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଗୋବିନ୍ଦ ସାହୁଙ୍କ ପତ୍ନୀ ତାଙ୍କର ସ୍ୱାମୀର ମୃତ୍ୟୁ ପାଇଁ ସଂପୂର୍ଣ୍ଣରୂପେ ସରକାର ଦାୟୀ ଏବଂ ତାଙ୍କୁ ମାରିଦିଆଯାଇଛି ବୋଲି ଗଣମାଧ୍ୟମରେ କହି ସାରିଲେଣି। ଇତିଶ୍ରୀ, ବେବିନା ଏବଂ ପରୀ ହତ୍ୟାକାଣ୍ଡର ଆସାମୀ ମାନଙ୍କୁ ଆଇନର ବାଟରୁ କିଏ ଖସାଇ ଆଣିଲା। ଗୃହ ବିଭାଗ ଖୋଦ ମୁଖ୍ୟମନ୍ତ୍ରୀଙ୍କ ହାତରେ। କିନ୍ତୁ ମୁଖ୍ୟମନ୍ତ୍ରୀ ନିଜ ଉପରକୁ ଥରୁଟିଏ ମଧ୍ୟ ଏ ଦାୟୀତ୍ୱ ନିଅନ୍ତି ନାହିଁ। ଆଇନ ତା ବାଟରେ ଯିବାକୁ ବିଜୁ ଜନତା ଦଳର ନେତୃବର୍ଗ ଓଗାଳନ୍ତି। ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ ଓଡ଼ିଶା ହାଇକୋର୍ଟର ଏକ ବିଚାରପତିଙ୍କ ତତ୍ୱବଧାନରେ ଏହାର ବିଚାରବିଭାଗୀୟ ତଦନ୍ତ କରାଯାଉ ବୋଲି ଦାବି କରିଛନ୍ତି। ରାଜ୍ୟରେ ଏବେ ରାଜ୍ୟରେ ଚର୍ଚ୍ଚା ହେଉଥିବା ଆଉ ଏକ ଚର୍ଚ୍ଚିତ ଘଟଣାର ଅଭିଯୁକ୍ତମାନଙ୍କର ଜୀବନ ସୁରକ୍ଷା ନେଇ ବର୍ତ୍ତମାନ ଚିନ୍ତା କରିବାର ଆବଶ୍ୟକତା ରହିଛି। ଏହି ଘଟଣାରେ କିଛି ବରିଷ୍ଠ ରାଜନେତା ଓ ବରିଷ୍ଠ ସରକାରୀ ଅଧିକାରୀମାନଙ୍କର ସମ୍ପୃକ୍ତି ଥିବା ନେଇ କାହାର ସନ୍ଦେହ ନାହିଁ। ଗୋବିନ୍ଦ ସାହୁଙ୍କ ମୃତ୍ୟୁ ଅନେକ କଥା କହୁଛି। ଚିଟ୍‌ଫଣ୍ଡ ଓ ଖଣି ଦୁର୍ନୀତିକୁ ବିଜେଡି-ବିଜେପି ନେତାମାନେ ମିଳିମିଶି ଚାପି ଦେଇଥିବା କଥା କାହାକୁ ଅଛପା ନାହିଁ । ଏହି ଘଟଣାକୁ ସେଭଳି ଚାପି ନଦିଆଯାଉ ।

**ବଗଡା ପଞ୍ଚାୟତ ଶିରିଡି ସାଇ ମନ୍ଦିର ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ**

କେନ୍ଦ୍ରାପଡ଼ା, (ପି.ଏନ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବଡ ନାଇଁପୁର ଠାରେ ଥିବା ଶିରିଡି ସାଇ ମନ୍ଦିରର ବାର୍ଷିକ ଉତ୍ସବ ଆସନ୍ତା ଜାନୁଆରୀମାସ ୨୭ ଓ ୨୮ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହେବ। ଏଥି ନିମନ୍ତେ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସମୀର ମୋଟର୍ସର ମୁଖ୍ୟ ସମୀର କୁମାର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରତାପ କୁମାର ସ୍ୱାଇଁ, ସମୀର ମୋଟର୍ସର କର୍ମଚାରୀ ଅନିଜା ଜେନା, ନାରାୟଣ ପଣ୍ଡା, ଲକ୍ଷ୍ମୀଧର ବେହେରା, ସସ୍ମିତା ସ୍ୱାଇଁ, ସୁପ୍ତି ଦାସ ପ୍ରମୁଖ ଯୋଗଦେଇ ବାର୍ଷିକ ଉତ୍ସବ ପାଳନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଉତ୍ସବ ପାଳନ ଅବସରରେ ୧୦୧ କଳସ ଶୋଭାଯାତ୍ରା, ନଗର ପରିକ୍ରମା ଓ ଷୋଡଶ ଉପଚାରରେ ପୂଜା ପ୍ରଭୃତି କିଭଳି ସୁରୁଖୁରୁରେ ସମ୍ପନ୍ନ ହେବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ବାର୍ଷିକ ଉତ୍ସବରେ କେନ୍ଦ୍ରାପଡା ଜିଲ୍ଲାର ସମସ୍ତ ସାଇ ଭକ୍ତମାନେ ଯୋଗଦେଇ ଶିରିଡି ସାଇବାବାଙ୍କ କୃପା ଲାଭ କରିବାକୁ ସମୀର ମୋଟର୍ସର ମୁଖ୍ୟ ସମୀର କୁମାର ଚାନ୍ଦ ନିବେଦନ କରିଛନ୍ତି।

# ଡିଏଭି କଳିଙ୍ଗ ନଗରର ବାର୍ଷିକୋତ୍ସବ "ରୌପ୍ୟାୟନମ୍" ପାଳିତ

ଭୁବନେଶ୍ୱର,(ପି.ଏନ): ଡିଏଭି କଳିଙ୍ଗ ନଗରର ୨୫ତମ ପୂର୍ତ୍ତି ଉପଲକ୍ଷେ ରୌପ୍ୟଜୟନ୍ତୀ ପାଳନ ଅବସରରେ ବାର୍ଷିକୋତ୍ସବ 'ରୌପ୍ୟାୟନମ୍' ପାଳିତ ହୋଇଯାଇଛି। ଏହି ବର୍ଣ୍ଣାଢ୍ୟ ଉତ୍ସବରେ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ଏବଂ ମୁଖ୍ୟ ମନ୍ତ୍ରୀଙ୍କ ପ୍ରମୁଖ ଉପଦେଷ୍ଟା (ଶିକ୍ଷା ବିଭାଗ) ତଥା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଚେୟାରମ୍ୟାନ ଶ୍ରୀ ଉପେନ୍ଦ୍ର ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ । ଆଧୁନିକ କଳାକୌଶଳ ଶିକ୍ଷାର ମାନକୁ ଡିଜିଟାଲ୍ ପ୍ଲାଟଫର୍ମ ମାଧ୍ୟମରେ ଉନ୍ନତ କରିଛି ଏବଂ ନେଟ୍ ଜିରୋ କ୍ୟାମ୍ପସ୍ ବ୍ୟବସ୍ଥାରେ ଡି.ଏ.ଭି ରାଜ୍ୟର ସର୍ବୋଚ୍ଚ ସ୍ଥାନରେ ଉପନୀତ ବୋଲି ମୁଖ୍ୟ ଅତିଥି ନିଜ ଅଭିଭାଷଣରେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଡିଏଭିର ଆଞ୍ଚଳିକ ନିର୍ଦ୍ଦେଶକ ଡ. କେଶବ ଚନ୍ଦ୍ର ଶତପଥିଙ୍କୁ ସମ୍ବର୍ଦ୍ଧିତ ଏବଂ "କଫି ଟେବଲ ବୁକ୍" ର ଶୁଭ ଉନ୍ମୋଚନ କରାଯାଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ବିପିନ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । ବିଦ୍ୟାଳୟର ଚେୟାରମ୍ୟାନ ଶ୍ରୀ ମଦନ ମୋହନ ପଣ୍ଡା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ନିଜର ସ୍ୱାଗତ ଅଭିଭାଷଣରେ ଉତ୍ତମ ଶିକ୍ଷା, ପାରିବାରିକ ସଂସ୍କାର ଓ ଶୃଙ୍ଖଳା ଜ୍ଞାନ ସଂପର୍କରେ ପିଲାମାନଙ୍କୁ ଉପଦେଶ ଦେବାକୁ ଅଭିଭାବକମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ଉତ୍ସବରେ ଅନ୍ୟତମ ଅତିଥିଭାବେ ବିଦ୍ୟାଳୟର ମ୍ୟାନେଜର ଡ. ଭାଗ୍ୟବତୀ ନାୟକ, ଡିଏଭି ଚନ୍ଦ୍ରଶେଖରପୁରର ଭାଇସ୍ ଚେୟାରମ୍ୟାନ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ମିଶ୍ର, ଡିଏଭି ଆଞ୍ଚଳିକ ଜୋନ୍-'ସି'ର ସହ ନିର୍ଦ୍ଦେଶିକା ତଥା ଡିଏଭି ପୋଖରୀପୁଟର ଅଧ୍ୟକ୍ଷା ଡ. ସୁଜାତା ଏବଂ ଡିଏଭି ଆଞ୍ଚଳିକ ଜୋନ୍ – 'ଇ'ର ସହ ନିର୍ଦ୍ଦେଶିକା ତଥା ଡିଏଭି ୟୁନିଟ୍ – ୮ର ଅଧ୍ୟକ୍ଷା ଈପ୍ସିତା ଦାସ, ପ୍ରତିଭା ମିଶ୍ର, ବସନ୍ତ ମଞ୍ଜରୀ ଶତପଥୀ, ମିନାକ୍ଷୀ ସାହୁ ଓ ବିଭିନ୍ନ ଡିଏଭିର ଅଧ୍ୟକ୍ଷଅଧ୍ୟକ୍ଷା ଓ ଶିକ୍ଷକଶିକ୍ଷୟିତ୍ରୀମାନେ ଯୋଗ ଦେଇଥିଲେ । ଚଳିତ ଶିକ୍ଷାବର୍ଷର ସ୍କୁଲର ବେଷ୍ଟ ଅଲରାଉଣ୍ଡର ଭାବେ କ୍ରିଷ୍ଟପ୍ରିୟା ଅଗ୍ରୱାଲ୍, ଶ୍ରେଷ୍ଠ ଚିତ୍ରକାର ଭାବେ ପାୟୋସ୍ମୀ ମିଶ୍ରଙ୍କୁ ନରେନ୍ଦ୍ର ଗିରି ସ୍ମାରକୀ ପୁରସ୍କାର, ୨୦୨୧-୨୨ ବର୍ଷରେ ସର୍ବାଧିକ ନମ୍ବର ରଖି ସ୍କୁଲକୁ ଗୌରବାନ୍ୱିତ କରିଥିବା ଛାତ୍ରୀ ଇପ୍‌ସିତା ପାତ୍ରଙ୍କ ପିତାମାତାଙ୍କୁ ବେଷ୍ଟ ପ୍ୟାରେଣ୍ଟସ୍ ଅଫ୍ ଦ ଇୟର ପୁରସ୍କାର ଏହା ସହିତ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀ ତଥା ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ବିଦ୍ୟାଳୟ ଓ ଅଭିଭାବକମାନଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବା ନିମନ୍ତେ ଆୟୋଜିତ କ୍ରିକେଟ୍ ଏବଂ ଝୋଟି ପ୍ରତିଯୋଗିତାରେ ବିଜୟୀ ଅଭିଭାବକମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ଚଳିତ ବର୍ଷ ୮୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବିଦ୍ୟାଳୟର ପର୍ଯ୍ୟବେକ୍ଷକ ପର୍ଯ୍ୟବେକ୍ଷିକା, ଶିକ୍ଷକଶିକ୍ଷୟିତ୍ରୀ, ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି କରତାଳିରେ କଳାକାର ମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ବରିଷ୍ଠ ପର୍ଯ୍ୟବେକ୍ଷିକା ଦୀପାଞ୍ଜଳି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ତୁଳସୀ ସଂସ୍କୃତ ବିଦ୍ୟାଳୟର ୩୩ତମ ବାର୍ଷିକ କ୍ରୀଡା ଉତ୍ସବ



କେନ୍ଦ୍ରାପଡ଼ା, (ପି.ଏନ): କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ ବ୍ଲକର କୁହୁଡି ପଞ୍ଚାୟତ ଅନ୍ତର୍ଗତ ତୁଳସୀ ସଂସ୍କୃତ ବିଦ୍ୟାଳୟର ୩୩ତମ ବାର୍ଷିକ କ୍ରୀଡା ଉତ୍ସବ ଉଦଘାଟିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ପଣ୍ଡିତ ସୁବାସ ଚନ୍ଦ୍ର ପାଣି କ୍ରୀଡା ପତାକା ଉତ୍ତୋଳନ ପୂର୍ବକ ଉତ୍ସବର ଶୁଭ ଉଦଘାଟନ କରିଥିଲେ। ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗୀତାରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ନେଇ କନିଷ୍ଠ ବର୍ଗ ଓ ନବମ ଏବଂ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ବରିଷ୍ଠ ବର୍ଗରେ ବିଭକ୍ତ କରାଯାଇ ୧୪ଟି ବିଭାଗର କ୍ରୀଡା ପ୍ରତିଯୋଗୀତା ଅନୁଷ୍ଠିତ ହେଉଛି। ଶିକ୍ଷକ ପ୍ରମୋଦ କୁମାର ଦାସ, ଅନ୍ତର୍ଯ୍ୟାମୀ ପଲାଇ, ଶିକ୍ଷୟିତ୍ରୀ କନକଲତା ଷଡଙ୍ଗୀ, ସୁଲୋଚନା ସ୍ୱାଇଁ, ଚିନ୍ମୟୀ ପରିଡା, ଶିକ୍ଷାକର୍ମୀ ଅନାଦି ମହାରଣା ପ୍ରମୁଖ କ୍ରୀଡା ପ୍ରତିଯୋଗୀତା ପରିଚାଳନାରେ ସହଯୋଗ କରିଥିଲେ।

# ଜୟପୁରରେ ନିର୍ମାଣ ହେବ ସ୍ପୋର୍ଟସ ହଷ୍ଟେଲ: ମନ୍ତ୍ରୀ

ଜୟପୁର, (ପି.ଏନ): ଜୟପୁର ନିକଟରେ ଇଂଟେଗ୍ରେଟେଡ ସ୍ପୋର୍ଟସ କଂପ୍ଲେକ୍ସ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି । ଆଜି ରାଜ୍ୟ କ୍ରିଡା ମନ୍ତ୍ରୀ ତୁଷାରକାନ୍ତି ବେହେରା ଇଣ୍ଟେଗ୍ରେଟେଡ ସ୍ପୋର୍ଟସ କଂପ୍ଲେକ୍ସ, ଆଇଟି ପାର୍କ, ବିଜ୍ଞାନ କେନ୍ଦ୍ର ପରିଦର୍ଶନ କରିଛନ୍ତି । ଇଂଟେଗ୍ରେଟେଡ ସ୍ପୋର୍ଟସ କଂପ୍ଲେକ୍ସ କାର୍ଯ୍ୟର ସମିକ୍ଷା କରିଛନ୍ତି । କାମ ଶେଷ ହୋଇ ନଥିବାରୁ ମନ୍ତ୍ରୀ ଉଦବେଗ ପ୍ରକାଶ କରିଥିଲେ । ସବ ଲିଜ ନେଇଥିବା ଠିକାଦାର ରଜତ ପାଢୀ ମନ୍ତ୍ରୀଙ୍କୁ ବାରମ୍ବାର ମେପ ବଦଳାଯାଉଥିବା ଓ ଠିକ ସମୟରେ ବିଲ ପେମେଣ୍ଟ ହେଉନଥିବା କହିଥିଲେ । ସବୁ ସମିକ୍ଷା କରିବା ପରେ ମନ୍ତ୍ରୀ ଶ୍ରୀ ବେହେରା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, କିଛି ମେପ ପରିବର୍ତନ ସହ କରୋନା ମହାମାରି ପାଇଁ ବିଳମ୍ବ ହୋଇଥିବା ସୂଚନା ଦେଇଛନ୍ତି । ବର୍ଷା ମାସ ପୂର୍ବରୁ ସମସ୍ତ କାର୍ଯ୍ୟ ଶେଷ ହେବ ଓ ମାର୍ଚ ମାସରେ ସୁଇମିଙ୍ଗପୁଲ କାମ ଶେଷ ହେବ ବୋଲି କହିଛନ୍ତି । ଏହା ସହ ଜୟପୁରରେ ସ୍ପୋର୍ଟସ ହଷ୍ଟେଲ ନିର୍ମାଣ ହେବ ବୋଲି ମନ୍ତ୍ରୀ ଶ୍ରୀ ବେହେରା ସୂଚନା ଦେଇଛନ୍ତି । ମନ୍ତ୍ରୀଙ୍କ ସମିକ୍ଷା ସମୟରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଉପସ୍ଥିତ ରହିଥିଲେ । ବିଧାୟକ କହିଛନ୍ତି ଯେ, ରାଜ୍ୟ ସରକାର ଗୋଟିଏ ଏଜେନ୍ସିକୁ କାମ କରିବାକୁ ଦେଇଛନ୍ତି । ସେମାନଙ୍କ କାର୍ଯ୍ୟରେ ଅସୁବିଧା ଯୋଗୁ ସାଧାରଣ ଜନତା ହଇରାଣ ହେଉଛନ୍ତି। ଏହି ଷ୍ଟାଡିୟମ କାମ ଏପ୍ରିଲ ୨୦୧୯ ରେ ଆରମ୍ଭ ହୋଇଥିଲା । ୧୮ ମାସ ଭିତରେ କାମ ଶେଷ ହେବା ନେଇ ଲକ୍ଷ୍ୟ ରଖିଥିଲା । ୨୦୨୦ ଅଗଷ୍ଟ ମାସରେ କାମ ଶେଷ ହେବାର ଥିଲା ।୧୨ ଏକର ଜମିରେ ସ୍ପୋର୍ଟସ କଂପ୍ଲେକ୍ସର ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ କେବେ ଶେଷ ହେବ ତାକୁ ନେଇ ଆଶା ଓ ଆଶଙ୍କା ମଧ୍ୟରେ ରହିଛନ୍ତି କ୍ରିଡା ପ୍ରେମି। ଜୟପୁର ଠାରେ ଯେଉଁ କଂପ୍ଲେକ୍ସ ତିଆରି ହେବ ସେଥିରେ ସୁଇମିଙ୍ଗ ପୁଲ, ଜାତିୟ ସ୍ତରିୟ ଫୁଟବଲ ଗ୍ରାଉଣ୍ଡ, ଇଣ୍ଡୋର ଷ୍ଟାଡିୟମ, ବାସ୍କେଟ ବଲ, ହଷ୍ଟେଲ ଆଦି ରହିବାର ଯୋଜନା ରହିଛି । ସରକାର ରାଜ୍ୟରେ କ୍ରୀଡାର ବିକାଶ ପାଇଁ ବିଭିନ୍ନ ଯୋଜନା ହାତକୁ ନେଇଛନ୍ତି । ଏଥି ନିମନ୍ତେ କ୍ରୀଡାବିତଙ୍କ ପାଇଁ ସୁବିଧା ସୁଯୋଗ ମାଧ୍ୟମରେ କ୍ରୀଡାର ବିକାଶ ସରକାରଙ୍କ ଲକ୍ଷ୍ୟ ରହିଥିବା ବେଳେ ଅବଧି ଶେଷ ହୋଇଥିଲେ ବି ୪୦ ପ୍ରତିଶତ କାମ ଶେଷ ହୋଇଛି । ତେଣୁ ତୁରନ୍ତ ରାଜ୍ୟ ସରକାର ଇଂଟେଗ୍ରେଟେଡ ସ୍ପୋର୍ଟସ କଂପ୍ଲେକ୍ସ କାମର ସମୀକ୍ଷା କରି ଏହାର ଶେଷ କରିବାକୁ କ୍ରିଡା ପ୍ରେମି ମାନେ ଦାବୀ କରିଛନ୍ତି । ସେହିପରି ଆଇଟି ପାର୍କ ପରିଦର୍ଶନ କରି ଖୁସି ପ୍ରକଟ କରିଥିଲେ ମନ୍ତ୍ରୀ। ଆସନ୍ତା ଜାନୁଆରି ୨୦୨୩ ରେ ଏଠାରେ କାର୍ଯ୍ୟ ଶେଷ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଏହା ସହ ବିଜ୍ଞାନ କେନ୍ଦ୍ରକୁ ମଧ୍ୟ ବୁଲି ଦେଖି ଖୁସି ପ୍ରକଟ କରିଥିଲେ ।ଏହି ସମିକ୍ଷା ସମୟରେ ବିଧାୟକ ଶ୍ରୀ ବାହନିପତିଙ୍କ ସହ ଉପ ଜିଲାପାଳ ବେଦବର ପ୍ରଧାନ, ଜୟପୁର ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ବିଜେଡି ଜିଲା ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଜିଲା ଅଧ୍ୟକ୍ଷ ଚନ୍ଦ୍ର ଶେଖର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।

**ବଗଡା ପଞ୍ଚାୟତ ଶିରିଡି ସାଇ ମନ୍ଦିର ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ**

କେନ୍ଦ୍ରାପଡ଼ା, (ପି.ଏନ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବଡ ନାଇଁପୁର ଠାରେ ଥିବା ଶିରିଡି ସାଇ ମନ୍ଦିରର ବାର୍ଷିକ ଉତ୍ସବ ଆସନ୍ତା ଜାନୁଆରୀମାସ ୨୭ ଓ ୨୮ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହେବ। ଏଥି ନିମନ୍ତେ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସମୀର ମୋଟର୍ସର ମୁଖ୍ୟ ସମୀର କୁମାର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରତାପ କୁମାର ସ୍ୱାଇଁ, ସମୀର ମୋଟର୍ସର କର୍ମଚାରୀ ଅନିଜା ଜେନା, ନାରାୟଣ ପଣ୍ଡା, ଲକ୍ଷ୍ମୀଧର ବେହେରା, ସସ୍ମିତା ସ୍ୱାଇଁ, ସୁପ୍ତି ଦାସ ପ୍ରମୁଖ ଯୋଗଦେଇ ବାର୍ଷିକ ଉତ୍ସବ ପାଳନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଉତ୍ସବ ପାଳନ ଅବସରରେ ୧୦୧ କଳସ ଶୋଭାଯାତ୍ରା, ନଗର ପରିକ୍ରମା ଓ ଷୋଡଶ ଉପଚାରରେ ପୂଜା ପ୍ରଭୃତି କିଭଳି ସୁରୁଖୁରୁରେ ସମ୍ପନ୍ନ ହେବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ବାର୍ଷିକ ଉତ୍ସବରେ କେନ୍ଦ୍ରାପଡା ଜିଲ୍ଲାର ସମସ୍ତ ସାଇ ଭକ୍ତମାନେ ଯୋଗଦେଇ ଶିରିଡି ସାଇବାବାଙ୍କ କୃପା ଲାଭ କରିବାକୁ ସମୀର ମୋଟର୍ସର ମୁଖ୍ୟ ସମୀର କୁମାର ଚାନ୍ଦ ନିବେଦନ କରିଛନ୍ତି।

# ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଙ୍ଘ(ଓଷ୍ଟା)ର ମଣ୍ଡଳ ସ୍ତରୀୟ ଶିଶୁ ଉତ୍ସବ



କେନ୍ଦ୍ରାପଡ଼ା,(ପି.ଏନ): ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଙ୍ଘ, କେନ୍ଦ୍ରାପଡା ପକ୍ଷରୁ ମଣ୍ଡଳ ସ୍ତରୀୟ ଶିଶୁ ଉତ୍ସବ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ନୋଡାଲ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବ୍ଲକ ସଙ୍ଘର ସଭାପତି ସନ୍ତୋଷ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବକୁ ଶିକ୍ଷାବିତ ଅବନୀ କୁମାର ମହାନ୍ତି ଉଦଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ ନରହରି ଦାସ, ମୁଖ୍ୟବକ୍ତା ଭାବେ ଓଷ୍ଟା ଜିଲ୍ଲା ସମ୍ପାଦକ ନିର୍ମଳ କୁମାର ନାୟକ, ସମ୍ମାନୀତ ଅତିଥି ଭାବେ ଶ୍ୟାମସୁନ୍ଦରପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ବାବାଜି ଚରଣ ବାରିକ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ରମେଶ ଚନ୍ଦ୍ର ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଣବ କୁମାର ଜେନା, ମାର୍ଶାଘାଇ ବ୍ଲକ ସମ୍ପାଦକ ଭଗବାନ ସାହୁ ପ୍ରମୁଖ ଯୋଗଦେଇ ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଉପାଦେୟ ପରାମର୍ଶ ପ୍ରଦାନ କରିଥିଲେ। ପଣ୍ଡିତ ପ୍ରତାପ କୁମାର ପତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଅଲେଖ ଚନ୍ଦ୍ର ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ ଓ ନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କେନ୍ଦ୍ରାପଡା ବ୍ଲକର ୩୧ଟି ହାଇସ୍କୁଲରୁ ୨୪୭ଜଣ ପ୍ରତିଯୋଗୀ ୧୦ଟି ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରିଥିଲେ। ସେହିପରି ଅପରାହ୍ନରେ ସଭାପତି ସନ୍ତୋଷ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମଣ୍ଡଳ ଶିକ୍ଷା ଅଧିକାରୀ ପାବନୀ କୁମାର ରାଉତ ମୁଖ୍ୟ ଅତିଥି, ତପନ କୁମାର ସିଂହ ମୁଖ୍ୟବକ୍ତା ଓ ସମ୍ମାନୀତ ଅତିଥି ଭାବେ ପରିବେଶବିତ ତଥା ମହାକାଳପଡା ବିକାଶ ମଞ୍ଚର ସଭାପତି କାଶୀନାଥ ରାଉତରାୟ, ଶ୍ୟାମସୁନ୍ଦରପୁର ପଞ୍ଚାୟତ ସମିତି ସଭ୍ୟା ଉର୍ମିଳା ସେଠୀ, ଡେରାବିଶ ବ୍ଲକ ସମ୍ପାଦକ ଗଗନବିହାରୀ ସୁତାର, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟା ସରୋଜିନୀ ସ୍ୱାଇଁ, କେନ୍ଦ୍ରାପଡା ଅଳାବାଙ୍କସ୍ଥିତ ଜ୍ୟୋତି ମୋଟର୍ସର ପରିଚାଳକ ବଳରାମ ସାହୁ ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ଅଲେଖ ଚନ୍ଦ୍ର ମହାନ୍ତି ୧୦ଟି ବିଭାଗର ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିବା କୃତି ପ୍ରତିଯୋଗୀମାନଙ୍କ ନାମ ପାଠ କରିଥିବା ବେଳେ ଅତିଥିମାନେ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରି ସେମାନଙ୍କୁ ପୁରସ୍କୃତ କରିଥିଲେ। ଉଦଯାପନୀ ଉତ୍ସବରେ ରାଜକିଶୋର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଇପସିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଶିଶୁ ଉତ୍ସବକୁ ମଧୁସ୍ମିତା ଦାସ, ନିର୍ମଳ ସାମଲ, ସୋନାଲି ପ୍ରିୟଦର୍ଶିନୀ ରାଉତ, ତପସ୍ୱିନୀ ବିଶ୍ୱାଳ, ଦିପ୍ତୀପ୍ରିୟା ମହାନ୍ତି, ଗିରିଜା ମହାନ୍ତି, ଅବନ୍ତୀ ସେଣ, ସୁକାନ୍ତୀ ମଲ୍ଲ, ମହେନ୍ଦ୍ର ମିଶ୍ର, ଅଲେଖ ପ୍ରସାଦ ନାୟକ, ବାନାମ୍ବର ମଲିକ, ବ୍ରଜକିଶୋର ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray